# ଧରିତ୍ରୀ DHARITRI

ଢେଙ୍କାନାଳ, ମଙ୍ଗଳବାର, ମାର୍ଚ୍ଚ ୫/୨୦୧୯ ( ୧୬ ପୃଷ୍ଠା) Dhenkanal, Tuesday, March 5 / 2019 ★★★★★

୧୫ଶ ଭାଗ ୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## କାହାଣୀକୁ ଦେଖି ଫିଲ୍ମ ବାଛନ୍ତି ଦିବ୍ୟା

କାହାଣୀକୁ ଦେଖିବା ପରେ ଅଭିନୟ ପାଇଁ ଫିଲ୍ମକୁ ପସନ୍ଦ କରନ୍ତି ବୋଲି ବଲିଉଡ୍ ଅଭିନେତ୍ରୀ ଦିବ୍ୟା ଦତ୍ତ ପ୍ରକାଶ କରିଛନ୍ତି।

୦୨

୧୫

## ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ରବିକୁମାର

୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱକରି ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟ ରଖିଛନ୍ତି ଓଡ଼ିଶା ଭାରୋତ୍ତୋଳକ କାଟୁଲୁ ରବି କୁମାର।



### କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା ଅଭିଯୋଗ

........୯........

### ଆଜିର ସମ୍ପାଦକୀୟ

**ଧମକରେ ଦେଶ**

### ଆଜିର ମନ୍ତବ୍ୟ

"ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଆବଶ୍ୟକ ହେଲେ ଭାରତ ଏହାର ସମସ୍ତ ଶକ୍ତିର ଉପଯୋଗ କରିବ।

–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

### କିଛି ତଥ୍ୟ

ଚଳିତ କ୍ୟାଲେଣ୍ଡର ବର୍ଷର ପ୍ରଥମ ଦୁଇ ମାସରେ ଦେଶରୁ କଫି ରପ୍ତାନି ୧୩.୨୬% ବୃଦ୍ଧି ଘଟି ୪୮,୩୩୦ ଟନ୍ ରହିଛି।

–କଫି ବୋର୍ଡ


NECC NATIONAL EGG CO-ORDINATION COMMITTEE 04.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| BKL | 77 | 128 | 138 |
| BPK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply

Eggs Retail Price: 53/-Dozen

Issued in the Interest of Consumers


# କମୁଛି ଦୁଗ୍ଧ ଉତ୍ପାଦନ



■ ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦର ଉଦ୍‌ବେଗ

■ ଓମ୍‌ଫେଡ୍‌ର ପରିଚାଳନାଗତ ତ୍ରୁଟି ମୁଖ୍ୟ କାରଣ

ଭୁବନେଶ୍ୱର,୪।୩(ବ୍ୟୁରୋ)

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଆଶାନୁରୂପ ହେଉ ନାହିଁ। ଉନ୍ନତମାନର ଗାଈ ସୃଷ୍ଟି ନ କରିବା କିମ୍ବା ଉପଯୁକ୍ତ ବଜାର ସୁବିଧାର ଅଭାବରୁ ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଧୀରେ ଧୀରେ ଭୁଶୁଡ଼ିବାରେ ଲାଗିଛି। ଏ ନେଇ ନ୍ୟାଶନାଲ ଡାଇରି ଡେଭେଲପମେଣ୍ଟ ବୋର୍ଡ(ଏନଡିଡିବି) ଉଦ୍‌ବେଗ ପ୍ରକାଶ କରିଛି।

ଦୁଗ୍ଧ ଉତ୍ପାଦନ କରୁଥିବା ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ମିଳୁ ନ ଥିବାବେଳେ ଉନ୍ନତମାନର ବାଛୁରି ସୃଷ୍ଟି କରିବାରେ ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗ ଏକ ପ୍ରକାର ବିଫଳ ହୋଇଛି। ଏଥିଯୋଗୁ ଦୁଗ୍ଧ ଉତ୍ପାଦନ ଓ ଯୋଗାଣ କ୍ଷେତ୍ରରେ ଓଡ଼ିଶା ପଛୁଆ ରାଜ୍ୟ ହୋଇରହିଛି। ଜାତୀୟ ସ୍ତରରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବା ବେଳେ ଓଡ଼ିଶାରେ ହ୍ରାସ ପାଇବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ ଜାତୀୟ ସ୍ତରରେ ୨୦୧୭-୧୮ ଦୁଗ୍ଧ ଉତ୍ପାଦନ ବୃଦ୍ଧି ୧୨.୬ ପ୍ରତିଶତ ଥିବାବେଳେ ଓଡ଼ିଶାରେ ମାତ୍ର ୩.୭ ପ୍ରତିଶତ ଅଭିବୃଦ୍ଧି ଘଟିଛି। ରାଜ୍ୟରେ ୪୩ ଲକ୍ଷରୁ ଉର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଅଛନ୍ତି। ସେମାନଙ୍କ ପାଖରେ ରାଜ୍ୟର ୮୫ ପ୍ରତିଶତ ଗୋ ସମ୍ପଦ ରହିଛନ୍ତି। ଗୋପାଳନ ଏକ ଦୀର୍ଘସ୍ଥାୟୀ ରୋଜଗାର ପନ୍ଥା। ଚାଷୀମାନେ ଉତ୍ପାଦନ କରୁଥିବା କ୍ଷୀର କିଣିବା ପାଇଁ ଯଦି ବଜାର ସୁବିଧା କିମ୍ବା ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯାଇ ପାରନ୍ତା ତେବେ ଉତ୍ପାଦନ ବୃଦ୍ଧି ହୋଇପାରନ୍ତା। ରାଜ୍ୟରେ ଦୈନିକ ୧୮ ଲକ୍ଷ ଲିଟର କ୍ଷୀର ଆବଶ୍ୟକ ପଡୁଛି। ୨୦୧୭-୧୮ରେ ଓଡ଼ିଶା ରାଜ୍ୟ ଦୁଗ୍ଧ ମହାସଂଘ(ଓମ୍‌ଫେଡ) ଦ୍ୱାରା ଆବଶ୍ୟକତାର ମାତ୍ର ୨୪ ପ୍ରତିଶତ ଯୋଗାଇ ଦିଆଯାଇଛି। ଅନ୍ୟ ପକ୍ଷରେ ଚାଷୀଙ୍କଠାରୁ ଦୁଗ୍ଧ ସମବାୟ ସମିତିଗୁଡ଼ିକ ଉଚିତ ମୂଲ୍ୟ ☞ ପୃଷ୍ଠା-୪

■ ଜାଗର ଯାତ୍ରାରେ ୫ ଲକ୍ଷ ଶ୍ରଦ୍ଧାଳୁ

# ଦୀପରେ ଝଲସିଲା କପିଳାସ

ଢେଙ୍କାନାଳ ଅଫିସ, ୪।୩-

ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରେ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଜାଗରଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟାସ୍ତ ପରେ ପାହାଡ ଘେରାରେ ଥିବା କପିଳାସ ପୀଠ ଶ୍ରଦ୍ଧାଳୁମାନଙ୍କ ଦୀପ ପ୍ରଜ୍ୱଳନରେ ଝଲସି ଉଠିଥିଲା। ଦୀପମୟ କପିଳାସ ହରହର ମହାଦେବ ଓ ହରିବୋଲ ହୁଳହୁଳି ଧ୍ୱନିରେ କମ୍ପି ଉଠିଥିଲା। ଚଳିତବର୍ଷ ଜାଗରଯାତ୍ରା ସୋମବାର ପଡିଥିବାରୁ ରାତି ୮ଟା ସୁଦ୍ଧା ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେବୋତ୍ତର ବିଭାଗ ସୂତ୍ରରୁ ଜଣାପଡିଛି । ମହାଶିବରାତ୍ରି ଓ ଜାଗରଯାତ୍ରା ଅବସରରେ ମହାପ୍ରଭୁଙ୍କ ସୁନାବେଶ ଓ ନାଗାଭରଣ ବେଶ, ମାତା ପାର୍ବତୀଙ୍କ ସୁନା ଅଳଙ୍କାର ଲାଗିହୋଇ ରାଜରାଜେଶ୍ୱରୀ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ଵାଧାଡି ଲାଗିଥିଲା। ଚଳିତବର୍ଷ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପୀଠରେ ପ୍ଲାଷ୍ଟିକ୍ ଓ ପଲିଥିନକୁ ନିଷେଧ କରାଯାଇଥିଲା। ସନ୍ଧ୍ୟା ୬ଟାରେ ଆଳତି



କପିଳାସ ମନ୍ଦିର ବେଢାରେ ଭକ୍ତମାନେ ଦୀପ ଜାଳୁଛନ୍ତି।

ଶେଷହେବା ପରେ ରାତି ୭ଟାରୁ ସାଢେ ୮ଟା ମଧ୍ୟରେ ପ୍ରଥମ ଚାରିପୂଜା ଅନୁଷ୍ଠିତ ହୋଇଥିଲା। ସାଢେ ୮ଟାରୁ ୧୦ଟା ମଧ୍ୟରେ ପୀଠ ପୁରୋଧାଙ୍କ ଚାରିପୂଜା ଶେଷ ହୋଇଥିଲା। ରାତି ୩ଟାରୁ ୩ଟା ୫୦ ମଧ୍ୟରେ ମହାସ୍ନାନ ଓ ମହାପ୍ରଭୁଙ୍କ ନାଗାଭରଣ ବେଶ ସହିତ ଅଳଙ୍କାର ବେଶ, ରାଜପୁରୋଧାଙ୍କ ଦ୍ୱାରା ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ରହିଛି। ରାତି ୩ଟା ୫୦ରୁ ୪ଟା ୨୫ ମଧ୍ୟରେ ବେଢାପୂଜା ଓ ବେଢା ପରିକ୍ରମା କରାଯାଇ ମନ୍ଦିର ଚୂଡାକୁ ମହାଦୀପ ଉଠିବାର ☞ ପୃଷ୍ଠା-୪









"ରାଫାଲ ଯୁଦ୍ଧବିମାନ ଥିଲେ ପାକିସ୍ତାନ ବିରୋଧୀ କାର୍ଯ୍ୟାନୁଷ୍ଠାନର ଫଳ ଅଲଗା ହୋଇଥାନ୍ତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରୁଛନ୍ତି । ସରକାରରେ ୫ ବର୍ଷ ଥାଇ ଗୋଟିଏ ବି ରାଫାଲ ବାୟୁସେନାରେ ସାମିଲ କରିନାହାନ୍ତି ।
- ମାୟାବତୀ, ବିଏସ୍‌ପି ଅଧକ୍ଷା

## ସଂକ୍ଷେପରେ

### ପାକିସ୍ତାନୀ ଡ୍ରୋନ୍‌କୁ ଖସାଇଲା ବାୟୁସେନା



ନୂଆଦିଲ୍ଲୀ,୪।୩(ଆଇଏଏନ୍‌ଏସ)-ରାଜସ୍ଥାନ ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାର ବିକାନେର-ନାଲ୍ ସେକ୍ଟରରେ ସୋମବାର ସକାଳେ ପାକିସ୍ତାନର ଏକ ଡ୍ରୋନ ଉଡୁଥିବାବେଳେ ଭାରତୀୟ ବାୟୁସେନାର ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନ ଏହାକୁ ଖସାଇଦେଇଛି। ଡ୍ରୋନ୍‌ଟି ଭାରତୀୟ ସୀମାରେ ଉଡୁଥିବା ରାଡାର ସିଷ୍ଟମ୍‌ରେ ଧରାପଡିବା ପରେ ଏହାକୁ ଖସାଇବା ପାଇଁ ସୁଖୋଇ ବିମାନକୁ ପଠାଯାଇଥିଲା। ସୀମାରେ ବାୟୁସେନା ସଜାଗ ରହିଛି ଏବଂ ଯେକୌଣି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ଏହାର ମୁଖ୍ୟ ବି.ଏସ୍. ଧନୋଆ କହିଛନ୍ତି। ଭାରତ ମଧକୁ ଗୁପ୍ତଚର ଡ୍ରୋନ୍ ପଠାଇବା ୬ ଦିନ ମଧରେ ପାକିସ୍ତାନର ଏହା ଦ୍ୱିତୀୟ ଉଦ୍ୟମ ଥିଲା।

### ଜାତିସଂଘ ଆଗରେ ଭାରତୀୟ-ଆମେରିକୀୟଙ୍କ ବିକ୍ଷୋଭ




ନ୍ୟୁୟର୍କ,୪।୩(ପି.ଟି.)-ପୁଲୱାମା ଆକ୍ରମଣ ବିରୋଧରେ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ମାଟିରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ସଂଗଠନଗୁଡିକ ବିରୋଧରେ ଇସ୍‌ଲାମାବାଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଗତମାସ ୧୪ ତାରିଖରେ ଜମ୍ମୁ-କଶ୍ମୀରର ପୁଲୱାମାରେ ପାକିସ୍ତାନର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ବିସ୍ଫୋରକ ଭର୍ତ୍ତି ଭ୍ୟାନକୁ ଏକ ବସ୍ ସହ ଧକ୍କା କରାଇବାରୁ ସେଥିରେ ଥିବା ୪୯ ସିଆରପିଏଫ ଯବାନ ଶହୀଦ ହୋଇଥିଲେ। ପାକିସ୍ତାନ ମାଟିରୁ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟ ବିରୋଧରେ ବିକ୍ଷୋଭକାରୀ ସ୍ଲୋଗାନ ଦେବା ସହ ଜେଇଏମ୍ ଓ ଏହାର ନେତା ମାସୁଦ ଆଝାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

### ଗ୍ରୀନ ଟ୍ରିବ୍ୟୁନାଲର ପରାମର୍ଶ
### ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ ନିଷିଦ୍ଧ ହେଉ

ନୂଆଦିଲ୍ଲୀ,୪।୩(ପି.ଟି.)-ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ନିଷିଦ୍ଧ କରିବା ଉପରେ ବିଚାର କରିବାକୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ସୋମବାର ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ସପ୍ତାହେ ମଧରେ ଏକ ବୈଠକ ଡାକିବା ଲାଗି ଟ୍ରିବ୍ୟୁନାଲ କହିଛନ୍ତି। ନିର୍ବାଚନ ପ୍ରଚାର ଲାଗି ପ୍ରସ୍ତୁତ ବ୍ୟାନର, ହୋର୍ଡିଂ ଇତ୍ୟାଦିରେ ପିଭିସି, ସିନ୍ଥେଟିକ ପ୍ଲାଷ୍ଟିକ ପଲିମର ଏବଂ କ୍ଲୋରିନେଟେଡ୍ ପ୍ଲାଷ୍ଟିକର ବ୍ୟବହାର କରାଯାଉଛି, ଯାହା ପରିବେଶର କ୍ଷତି କରୁଛି। ଏଗୁଡ଼ିକୁ ନିଷିଦ୍ଧ କରିବା ଲାଗି ଡବ୍ଲ୍ୟୁ. ଏଡୱିନ୍ ୱିଲସନ ଗ୍ରୀନ ଟ୍ରିବ୍ୟୁନାଲରେ ପିଟିଶନ ଦାଏର କରିଥିଲେ।

# ବାଲାକୋଟ୍‌କୁ ନେଇ ବାକ୍‌ଯୁଦ୍ଧ

ନୂଆଦିଲ୍ଲୀ,୪।୩(ପି.ଟି.)



- ବାୟୁସେନା କାର୍ଯ୍ୟାନୁଷ୍ଠାନର ପ୍ରମାଣ ମାଗିଲା କଂଗ୍ରେସ
- ସେନାକୁ ଅସମ୍ମାନିତ କରନାହିଁ: ଭାଜପା

**ଆତଙ୍କବାଦୀଙ୍କ ସଂଖ୍ୟାକୁ ନେଇ ସନ୍ଦେହ**

ପୁଲୱାମା ଆତଙ୍କବାଦୀ ଆକ୍ରମଣର ୧୨ ଦିନ ପରେ ଭାରତୀୟ ବାୟୁସେନା ପାକିସ୍ତାନ ଭିତରେ ପଶି ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ଜିହାଦ ପ୍ରଶିକ୍ଷଣ ଶିବିର ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ୩୫୦ ଆତଙ୍କବାଦୀଙ୍କ ମୁଣ୍ଡ ଗଡିଥିଲା ବୋଲି ସେତେବେଳେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଏହି ସଂଖ୍ୟା କେତେଦୂର ସତ୍ୟ ତାହାକୁ ନେଇ ବିରୋଧୀ ଦଳଗୁଡିକ ପ୍ରଶ୍ନ ଉଠାଇଛନ୍ତି। ଫଳରେ ଶାସକ ଓ ବିରୋଧୀ ନେତାଙ୍କ ମଧରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି।

କେତେ ଆତଙ୍କବାଦୀ ମରିଛନ୍ତି ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ସରକାରଙ୍କ କୌଣସି ମୁଖପାତ୍ର କହିନାହାନ୍ତି ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଏସ୍.ଏସ୍. ଆହଲୁୱାଲିଆ ସୂଚନା ଦେବା ପରେ ଏହାକୁ ନେଇ ରାଜନୀତି ପୁଣି ଜୋର ଧରିଛି। କେତେ ସଂଖ୍ୟାରେ ଆତଙ୍କବାଦୀ ନିହତ ହୋଇଛନ୍ତି ତା'ର ପ୍ରମାଣ ପ୍ରଧାନମନ୍ତ୍ରୀ ଦିଅନ୍ତୁ ବୋଲି କଂଗ୍ରେସ ସୋମବାର ଦାବି କରିଛି। ଗଣମାଧମରେ ପ୍ରକାଶିତ ସଂଖ୍ୟା ଭୁଲ୍ ବୋଲି କେନ୍ଦ୍ରମନ୍ତ୍ରୀ କହିସାରିଛନ୍ତି।



"ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ବାୟୁସେନା (ଆଇଏଏଫ)ର କାମ। କେତେଜଣ ଆତଙ୍କବାଦୀ ମଲେ ତାହା ଗଣିବା ଏହାର ଦାୟିତ୍ୱ ନୁହେଁ।
-ବି.ଏସ୍. ଧନୋଆ, ବାୟୁସେନା ମୁଖ୍ୟ

ତେଣୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପ୍ରକୃତ ସତ୍ୟ ଜଣାନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ଆତଙ୍କବାଦର ରାଜନୀତିକରଣ କରୁଛନ୍ତି। ବାଲାକୋଟ କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀଙ୍କର କୌଣସି କ୍ଷତି ହୋଇ ନ ଥିବା ଅନ୍ତର୍ଜାତୀୟ ଗଣମାଧମଗୁଡିକ ପ୍ରକାଶ କରିଥିବାରୁ ଜେଇଏମ୍‌ର ସବୁଠୁ ବଡ଼ ଶିବିର ଧ୍ୱଂସ ହୋଇଥିବାର ପ୍ରମାଣ ସରକାର ଦିଅନ୍ତୁ ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଏବଂ କପିଲ ସିବଲ ଦାବି କରିଛନ୍ତି।

ଦେଶର ସୈନ୍ୟବାହିନୀକୁ ସମସ୍ତେ ବିଶ୍ୱାସ କରିବା ଓ ସେମାନଙ୍କୁ ନେଇ ଗର୍ବ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯିବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ ଓ'ବ୍ରିଏନ ଏହାକୁ ନେଇ ପ୍ରଧାନମନ୍ତ୍ରୀ ଓ ଭାଜପା ଅଧକ୍ଷ ଅମିତ ଶାହଙ୍କ ଉପରେ ବର୍ଷିଛନ୍ତି। ଆମେ ସେନାକୁ ବିଶ୍ୱାସ କରୁଛୁ ଓ ସେମାନଙ୍କ ପାଇଁ ଗର୍ବ କରୁଛୁ। ତେବେ ଆମେ ଜୁମ୍‌ଲା ଯୋଡ଼ିଙ୍କୁ ବିଶ୍ୱାସ କରୁନାହୁଁ ବୋଲି ସେ କହିଛନ୍ତି। ବିନା ଯୋଜନାରେ ଯବାନଙ୍କୁ ମରିବା ପାଇଁ ପଠାଯାଇଥିଲା ନା କେବଳ ନିର୍ବାଚନ ଜିତିବା ଉଦ୍ଦେଶ୍ୟରେ ପଠାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତିନିଦିନ ତଳେ ଟିଏମ୍‌ସି ଅଧକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। କୌଣସି କ୍ଷତି ହୋଇ ନ ଥିବା ଅନ୍ତର୍ଜାତୀୟ ଗଣମାଧମ କହୁଥିବାବେଳେ କେଉଁଠି ବୋମା ପଡ଼ିଥିଲା ସରକାର ସ୍ପଷ୍ଟ କରନ୍ତୁ ବୋଲି ମମତା କହିଥିଲେ। ଆମେ ସରକାରଙ୍କୁ ବିଶ୍ୱାସ କରିବାକୁ ପ୍ରସ୍ତୁତ। କିନ୍ତୁ ବିଶ୍ୱ ସମୁଦାୟକୁ ବିଶ୍ୱାସ ଦେବା ଲାଗି କେନ୍ଦ୍ର ଉଦ୍ୟମ କରୁ ବୋଲି କଂଗ୍ରେସ ନେତା ପି. ଚିଦାମ୍ବରମ କହିଛନ୍ତି।

ଅନ୍ୟ ପକ୍ଷରେ ବାଲାକୋଟ କାର୍ଯ୍ୟାନୁଷ୍ଠାନରେ ୨୫୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ରବିବାର ଅମିତ ଶାହ କହିଥିଲାବେଳେ ଏପର୍ଯ୍ୟନ୍ତ ସରକାରୀ ଭାବେ କିଛି କୁହାଯାଇ ନାହିଁ। ଏହାଦ୍ୱାରା ଶାହ ସେନାକୁ ମିଛୁଆ ବନାଇଛନ୍ତି। କୌଣସି ପରିସ୍ଥିତିରେ ଦେଶ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି।

କାର୍ଯ୍ୟାନୁଷ୍ଠାନ ତଥ୍ୟ ପ୍ରକାଶ ପାଇଲେ ପଡୋଶୀ ଦେଶ ପାଇଁ ସହାୟକ ହେବା ଆଳ ଦେଖାଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଏହା ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି। ମିଥ୍ୟା ଏବଂ ମନଗଢ଼ା କାହାଣୀ ମାଧମରେ ଦେଶବାସୀଙ୍କୁ ବିଭ୍ରାନ୍ତ ନ କରିବାକୁ ଭାଜପା କଂଗ୍ରେସକୁ କହିଛି। ବିରୋଧୀ ଦଳ ସେନାର ଅପମାନ ନ କରୁ ବୋଲି କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଆବାସ ନକ୍‌ଭି କହିଛନ୍ତି।

## ୩୦୦ ମୋବାଇଲ ସକ୍ରିୟ ଥିଲା

**ନୂଆଦିଲ୍ଲୀ,୪।୩(ପି.ଟି.)–** ଗତ ୨୬ ତାରିଖରେ ବାଲାକୋଟ ଜେଇଏମ୍ ଶିବିର ଉପରେ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସେଠାରେ ୩୦୦ ମୋବାଇଲ ଫୋନ୍ ସକ୍ରିୟ ଥିବା ଜାତୀୟ ବୈଷୟିକ ଗବେଷଣା ସଂଗଠନ (ଏନ୍‌ଟିଆର୍‌ଓ) ଅନୁଧ୍ୟାନରୁ ଜାଣିପାରିଥିଲା। ଶିବିରରେ ୩୦୦ ଆତଙ୍କବାଦୀ ରହିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ଏକ ସୂତ୍ର କହିଛି। ଏହା ପରେ କାର୍ଯ୍ୟାନୁଷ୍ଠାନ ଲାଗି ବାୟୁସେନାକୁ ଅନୁମତି ମିଳିଥିଲା। ୧୨ଟି ମିରାଜ ୨୦୦୦ ଯୁଦ୍ଧବିମାନ ପାକିସ୍ତାନ ବାୟୁସୀମା ଅତିକ୍ରମ କରି ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ୧୦୦୦ କିଲୋଗ୍ରାମ ବୋମା ପକାଇଥିଲା। କାର୍ଯ୍ୟାନୁଷ୍ଠାନର କିଛି ଘଣ୍ଟା ପରେ ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଗଣମାଧମକୁ ସୂଚନା ଦେଇଥିଲେ।

# ମୁଁ ନୋବେଲ ଶାନ୍ତି ପୁରସ୍କାରର ଯୋଗ୍ୟ ନୁହେଁ: ଇମ୍ରାନ୍

ଇସ୍‌ଲାମାବାଦ,୪।୩(ପି.ଟି.)



ଯିଏ କଶ୍ମୀର ପ୍ରସଙ୍ଗର ସମାଧାନ କରିପାରିବେ ଏବଂ ଉକ୍ତ ଉପମହାଦେଶରେ ଶାନ୍ତି ଓ ମାନବ ସମ୍ବଳ ବିକାଶକୁ ଆଗେଇ ନେବେ, ସେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିଛନ୍ତି। ଭାରତ ସହ ଉତ୍ତେଜନା ହ୍ରାସ ଉଦ୍ୟମ ଲାଗି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଦାବିରେ ପାକିସ୍ତାନୀ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ ହୋଇଥିଲା। ତେବେ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି ଇମ୍ରାନ କହିଛନ୍ତି। ଏହି ମନ୍ତବ୍ୟକୁ ତାଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ହିନ୍ଦୀରେ ଟୁଇଟ୍ କରିଛି। ପୁଲୱାମା ଘଟଣା ପରେ ଦୁଇ ଦେଶ ମଧରେ ଉତ୍ତେଜନା ହ୍ରାସ ପାଇଁ ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ମୁକ୍ତ କରିଦେବା ଲାଗି ଇମ୍ରାନ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ଗତ ୨ ତାରିଖରେ ପାକ୍ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ ହୋଇଥିଲା।

## ବସ୍ ସେବା ବନ୍ଦ କଲା ପାକିସ୍ତାନ

ପୁଞ୍ଛ,୪।୩

ଭାରତୀୟ ବାୟୁସେନା ପାଇଲଟ୍ ଅଭିନନ୍ଦନଙ୍କୁ ମୁକ୍ତ କରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତକୁ ଶାନ୍ତିର ବାର୍ତ୍ତା ଦେଇଛନ୍ତି। ଆପୋସ ଆଲୋଚନା ଦ୍ୱାରା ଉଭୟ ଦେଶ ମଧରେ ରହିଥିବା ତିକ୍ତତା ଦୂର କରିବାକୁ ସେ ତତ୍ପରତା ଦେଖାଇଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଖାନ୍ ତାଙ୍କ ଇଚ୍ଛାଶକ୍ତି ଜାହିର କରିଥିବାବେଳେ ଏହା କାର୍ଯ୍ୟକାରୀ ହେବା ପୂର୍ବରୁ କଶ୍ମୀରର ପୁଞ୍ଛ ଏବଂ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ରାୱଲକୋଟ ମଧରେ ସାପ୍ତାହିକ ବସ୍‌ସେବାକୁ ପାକିସ୍ତାନ ବନ୍ଦ କରିଦେଇଛି। ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଏହି ଦୁଇ ସହର ମଧରେ ସମ୍ପର୍କର ସେତୁ ହୋଇଥିବା ଯାତ୍ରୀବାହୀ ବସ ସୋମବାର ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ନିକଟରେ ପହଞ୍ଚିଥିବାବେଳେ ପାକିସ୍ତାନ ପଟୁ ଗେଟ୍ ବନ୍ଦ କରି ଦିଆଯାଇଥିଲା। ଦୀର୍ଘସମୟ ଧରି ଗେଟ୍‌ ନ ଖୋଲିବା ପରେ ଯାତ୍ରା ବାତିଲ୍ ହୋଇଥିଲା। ଉକ୍ତ ବସ୍‌ରେ ଯାତ୍ରା କରୁଥିବା ମୀରପୁରର ସୟିଦ୍ ବୁଖାରୀ ଏହା କହିଛନ୍ତି। ଫେବୃୟାରୀ ୧୪ରେ କଶ୍ମୀରର ପୁଲୱାମାଠାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆତ୍ମଘାତୀ ଆକ୍ରମଣ ପରେ ବସ୍‌ସେବାକୁ ରଦ୍ଦ କରାଯାଇଥିଲା। ତେବେ ସୋମବାରରୁ ଦୁଇ ଦେଶ ମଧରେ ସମ୍ଝୌତା ଏକ୍ସପ୍ରେସ ସେବା ପୁନଃ ଚାଲୁ ହୋଇଥିବା ବେଳେ ପୁଞ୍ଛ-ରାୱଲାକୋଟ ବସଯାତ୍ରାରେ ପାକିସ୍ତାନ ରୋକ୍ ଲଗାଇଛି।



## ■ ପାକିସ୍ତାନକୁ ଇରାନର ଚେତାବନୀ
# ଆତଙ୍କବାଦୀଙ୍କୁ କାବୁ କର

ତେହେରାନ,୪।୩

**ଇରାନୀ ସେନା ଟାର୍ଗେଟ୍‌ରେ ଆତଙ୍କବାଦୀ କ୍ୟାମ୍ପ**



ଭାରତୀୟ ବାୟୁସେନା ପାଇଲଟ୍ ଅଭିନନ୍ଦନ ବର୍ଥମାନ ମୁକ୍ତ ହେବା ପରେ ଭାରତ ଓ ପାକିସ୍ତାନ ମଧରେ ଯୁଦ୍ଧ ପରିସ୍ଥିତି ଟଳିଛି। ମାତ୍ର ସୀମାରେଖାରେ ଉତ୍ତେଜନା ଏବେ ବି ବଳବତ୍ତର ରହିଥିବା ବେଳେ ଆତଙ୍କବାଦୀଙ୍କ ଉପରେ ଲଗାମ ଲଗାଇବାକୁ ପଡ଼ୋଶୀ ଇରାନ ପାକିସ୍ତାନକୁ ପୁଣି ଥରେ ଚେତାବନୀ ଦେଇଛି। ଫେବୃୟାରୀରେ ଇରାନିୟାନ୍ ଇସ୍‌ଲାମିକ୍ ରିଭୋଲ୍ୟୁଶନାରୀ ଗାର୍ଡ ଫୋର୍ସ ଗାଡ଼ି ଉପରେ ହୋଇଥିବା ଆକ୍ରମଣ ପଛରେ ପାକିସ୍ତାନ ଆତଙ୍କବାଦୀ ସଙ୍ଗଠନ ଜୈଶ୍ ଉଲ୍-ଆଦଲ୍‌ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତେହେରାନ ଏହାର ପ୍ରତିଶୋଧ ନିଆଯିବ ବୋଲି ଇସ୍‌ଲାମାବାଦ୍‌କୁ ଜଣାଇଛି। ଗାର୍ଡ ଫୋର୍ସ କମାଣ୍ଡର ମେଜର ଜେନେରାଲ୍ ମହମ୍ମଦ ଅଲି ଜାଫରୀ ସୁରକ୍ଷା ଯବାନଙ୍କୁ ଆକ୍ରମଣ ଘଟଣାରେ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଭୂମିକାକୁ ଦାୟୀ କରିଛନ୍ତି। ପାକିସ୍ତାନରୁ ଜୈଶ୍-ଇ-ମହମ୍ମଦ କଶ୍ମୀରର ପୁଲ୍‌ୱାମାରେ ଭାରତୀୟ ସୁରକ୍ଷା ଯବାନଙ୍କ ଉପରେ ଆତ୍ମଘାତୀ ବିସ୍ଫୋରଣ ଷଡ଼ଯନ୍ତ୍ର ରଚିଥିବା ବେଳେ ଜୈଶ-ଇ-ଆଦଲ୍ ଇରାନ ସୁରକ୍ଷା ବଳଙ୍କୁ ଟାର୍ଗେଟ୍ କରିଥିବା ଜାଫରୀ କହିଛନ୍ତି। ଆକ୍ରମଣରେ ୨୭ ଯବାନ ପ୍ରାଣ ହରାଇଥିବାବେଳେ ୧୩ ଆହତ ହୋଇଛନ୍ତି। ଯବାନଙ୍କ ବଳିଦାନ ବରଦାସ୍ତ କରାଯିବନି। ଯଦି ପାକିସ୍ତାନ ସେନା ଓ ସୁରକ୍ଷା ବଳ ଆତଙ୍କବାଦୀ ଗୋଷ୍ଠୀଙ୍କ ଶକ୍ତି ବୃଦ୍ଧିକୁ ନ ରୋକେ, ଇରାନ ସେନା ଇସ୍‌ଲାମାବାଦ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପାକିସ୍ତାନରେ ରହିଥିବା ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିବାକୁ ଯାଇ ଇରାନ ସେନା ଯୁଦ୍ଧ କରିବାକୁ ପଛାଇବ ନାହିଁ ବୋଲି ଜାଫରୀ କହିଛନ୍ତି। ଅନ୍ୟପଟେ, ପାକିସ୍ତାନ ସୀମାପଟୁ ଆତଙ୍କବାଦୀ ଗତିବିଧିକୁ ରୋକିବା ନେଇ ସୁଉଚ୍ଚ ପ୍ରାଚୀର ନିର୍ମାଣ କରାଯିବାକୁ ଇରାନ୍ ପାର୍ଲାମେଣ୍ଟର ବୈଦେଶିକ ନୀତି ଆୟୋଗ ଅଧକ୍ଷ ହେଶ୍‌ମାତୋଲ୍ଲା ଫାଲାହାତ୍‌ପିଶେହ ପ୍ରସ୍ତାବ ଦେଇଛନ୍ତି। ଆଫଗାନିସ୍ତାନ ଗୋଇନ୍ଦା ସଂସ୍ଥାର ପୂର୍ବତନ ମୁଖ୍ୟ ରାହାମାତୁଲ୍ଲା ନବିଲ ଜଣାଇଛନ୍ତି ଯେ, ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଆଇଏସ୍‌ଆଇ ୪୫ରୁ ୪୮ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରିଆସୁଛି। ଆତଙ୍କବାଦୀ ବିରୋଧରେ ଲଢ଼ାଇ ନେଇ ଭାରତ ଓ ଇରାନ ପରସ୍ପରକୁ ସହଯୋଗର ହାତ ବଢ଼ାଇଥିବା ବେଳେ ଖୁବ୍‌ଶୀଘ୍ର ଦୁଇ ଦେଶର ବୈଦେଶିକସ୍ତରୀୟ ବୈଠକ ହେବ। ସେଥିରେ ପାକିସ୍ତାନକୁ ଘେରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାଯାଇଛି।

## ମୋଦି, ଇମ୍ରାନ୍‌ଙ୍କୁ ୫୯ ନୋବେଲ ବିଜେତାଙ୍କ ଅନୁରୋଧ
# ସୀମାରେ ଶାନ୍ତି ବଜାୟ୍ ରଖ

ୱାଶିଂଟନ୍,୪।୩


ମଲାଲା ୟୁସୁଫଜାଇ · କୈଳାସ ସତ୍ୟାର୍ଥୀ

୫୯ ନୋବେଲ ବିଜେତା ଦୁଇ ଦେଶ ମଧରେ ଉତ୍ତେଜନା ହ୍ରାସ ପାଇଁ ଭାରତ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ନୋବେଲ ଶାନ୍ତି ପୁରସ୍କାରପ୍ରାପ୍ତ ସମାଜସେବୀ କୈଳାସ ସତ୍ୟାର୍ଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ସଂସ୍ଥା ପକ୍ଷରୁ ନୋବେଲ୍ ବିଜେତାଙ୍କ ସ୍ୱାକ୍ଷର ସମ୍ବଳିତ ଏକ ପତ୍ର ଜାତିସଂଘରେ ଭାରତ ଓ ପାକିସ୍ତାନର ସ୍ଥାୟୀ ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଛି। ପିଲାଙ୍କ ସୁନ୍ଦର ଭବିଷ୍ୟତର ସୁରକ୍ଷା ପାଇଁ ଦୁଇ ନେତା ବିଜ୍ଞତାପୂର୍ଣ୍ଣ ନେତୃତ୍ୱ ପ୍ରଦର୍ଶନ କରିବା ସହିତ ଏଭଳି ସଂକଟଜନକ ପରିସ୍ଥିତିରେ ସଂଯମ ରକ୍ଷା କରନ୍ତୁ ବୋଲି ଶିଶୁ ଅଧିକାର କର୍ମୀ ଓ ନୋବେଲ ବିଜେତାମାନେ ନିବେଦନ କରିଛନ୍ତି। ଏକ ସଭ୍ୟ ଜଗତରେ ହିଂସା, ଚରମନୀତି ଏବଂ ଆତଙ୍କବାଦର ସ୍ଥାନ ନାହିଁ। ଦୃଢ଼ ଏବଂ ସମୟୋଚିତ ପଦକ୍ଷେପ ଦ୍ୱାରା ଏପରି ସଂକ୍ରାମକ ରୋଗର ମୂଳୋତ୍ପାଟନ କରାଯାଇ ପାରିବ। ଶିଶୁମାନେ ଆଦୌ ଯୁଦ୍ଧ ସୃଷ୍ଟି କରନ୍ତି ନାହିଁ। କିନ୍ତୁ ଏହାଦ୍ୱାରା ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୁଅନ୍ତି। ତେଣୁ ଦୁଇ ପ୍ରଧାନମନ୍ତ୍ରୀ, ବିଶ୍ୱସନୀୟ ସଂସ୍ଥା, ଗଣମାଧମ, ଯୁବ ସମ୍ପ୍ରଦାୟ ଏବଂ ଉଭୟ ଦେଶର ନାଗରିକ ଦକ୍ଷିଣ ଏସିଆ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରାଯାଇଛି। ଶିଶୁ ଅଧିକାର କର୍ମୀ ତଥା ନୋବେଲ ବିଜେତା ମଲାଲା ୟୁସୁଫଜାଇ, ଲେଇମା ଜିବୋଇ, ଶିରିନ ଏବାଦି, ଟାୱାକଲ କର୍ମାନ, ମହମ୍ମଦ ୟୁନୁସ, ଜୋଶ୍ ରାମୋସ ହୋର୍ଟା, ଏଡଭାର୍ଡ ଇଙ୍ଗଜାଲ୍ଡ ମୋସେର ଏବଂ ମେ ବ୍ରିଟ୍ ମୋସ୍‌ଙ୍କ ସମେତ ଅନ୍ୟମାନେ ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି।

## କାହାଣୀକୁ ଦେଖି ଫିଲ୍ମ ବାଛନ୍ତି ଦିବ୍ୟା

**ନୂଆଦିଲ୍ଲୀ:** କାହାଣୀକୁ ଦେଖିବା ପରେ ଅଭିନୟ ପାଇଁ ଫିଲ୍ମକୁ ପସନ୍ଦ କରନ୍ତି ଦିବ୍ୟା ଦତ୍ତ। ଏ କଥା ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। 'ଦିଲ୍ ମାଙ୍ଗେ ମୋର୍'ର ଅଭିନେତ୍ରୀ ଦିବ୍ୟା ଦତ୍ତ ଭାରି ଲୋଭୀ ଏବଂ ଖୁବ୍ ବଛାବଛି କରନ୍ତି ବୋଲି କହିଛନ୍ତି। ୨୦୧୮ ତାଙ୍କ ପାଇଁ ଥିଲା ଖୁବ୍ ଘଟଣାବହୁଳ। କାରଣ ସେ ସର୍ବଶ୍ରେଷ୍ଠ ସହାୟିକା ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ଜିଣି ପାରିଥିଲେ। ବର୍ତ୍ତମାନ ୨୦୧୯ ତାଙ୍କ ପାଇଁ ବି ଖୁବ୍ ଚର୍ଚ୍ଚାର ବର୍ଷ। କାରଣ ମଲାଲା ୟୁସୁଫଜାଇଙ୍କ ବାୟୋପିକ୍ 'ଗୁଲ୍ ମାକାଇ', ନେଟଫ୍ଲିକ୍ସ ଫିଲ୍ମ 'ମ୍ୟୁଜିକ୍ ଟିଚର', ଚିଲ୍‌ଡ୍ରେନ୍‌ସ ଫିଲ୍ମ 'ଝଲ୍‌କି... ଏ ଡିଫରେଣ୍ଟ ଚାଇଲ୍ଡହୁଡ୍' ଭଳି କେତେକ ଫିଲ୍ମ ତାଙ୍କ ହାତରେ ଅଛି। ତେବେ ସେ କେତେକ ବଛା ବଛା ଫିଲ୍ମରେ ଅଭିନୟ କରିବେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି।


ଦିବ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୧୯୯୪ରେ। 'ଇସ୍‌କ ମେଁ ଜୀନା ଇସ୍‌କ ମେଁ ମର୍‌ନା'ରେ ଅଭିନୟରୁ। 'ବୀର୍-ଜାରା', 'ଦିଲ୍ଲୀ-୬', 'ହିରୋଇନ୍', 'ଭାଗ୍ ମିଲ୍‌ଖା ଭାଗ୍', 'ଟ୍ରାଫିକ୍' ଏବଂ 'ଇରାଡା'ରେ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଦିବ୍ୟା ବେଶ୍ ପ୍ରଶଂସିତ। ଯେଉଁଥିପାଇଁ ସେ ଜାତୀୟ ପୁରସ୍କାର ଜିତି ପାରିଛନ୍ତି। ଯଶ ରାଜଙ୍କ ଫିଲ୍ମ ବ୍ୟାନରରେ ସେ ପ୍ରମୁଖ ଭୂମିକା ନେଉଛନ୍ତି କି ପ୍ରଶ୍ନରେ ସେ କହିଲେ, ବର୍ତ୍ତମାନ ସମୟ ପରିବର୍ତ୍ତନ ହୋଇଯାଇଛି। ପ୍ରତ୍ୟେକ ବ୍ୟକ୍ତି କାହାଣୀକୁ ପସନ୍ଦ କରୁଛନ୍ତି। ତଥାକଥିତ ଷ୍ଟାରମାନେ ସେଭଳି ଫିଲ୍ମରେ ଅଭିନୟ କରିବାକୁ ଚାହାନ୍ତି। ସେଥିରୁ ମୁଁ ବାଦ୍ ପଡିନାହିଁ। ଅବଶ୍ୟ ଯଶ ଚୋପ୍ରାଙ୍କ ଫିଲ୍ମରେ ଆମେ ଗଢ଼ିହୋଇଛୁ। ସୁଯୋଗ ମିଳିଲେ, ସେ ସିଫନ୍ ଶାଢ଼ି ପିନ୍ଧି ଆଲପ୍‌ସ ପର୍ବତ ଉପରେ ନିଶ୍ଚୟ ନାଚିପାରିବି ବୋଲି ହସି ହସି ପ୍ରକାଶ କରିଥିଲେ।



## ଇତିହାସର ଆଇନାରେ
### ମାର୍ଚ୍ଚ ୫ର ପ୍ରମୁଖ ଘଟଣା

୧୯୩୧ ମାର୍ଚ୍ଚ ୫ରେ ବ୍ରିଟିଶ୍ ଶାସନ ଅମଳରେ ଗାନ୍ଧୀ-ଇରୱିନ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୧୮୫୮ରୁ ୧୯୪୭ ମଧରେ ବ୍ରିଟିଶ୍ ଶାସନାଧୀନ ଭାରତକୁ ବ୍ରିଟିଶ୍ ଇଣ୍ଡିଆ ବୋଲି କୁହାଯାଏ। ଏହି ଅଞ୍ଚଳ ପ୍ରତ୍ୟକ୍ଷ ଭାବରେ ବ୍ରିଟେନ୍ ଦ୍ୱାରା ଶାସିତ ହେଉଥିଲା। ଭାରତର ଆଉ କେତେକ ଅଞ୍ଚଳ ସ୍ୱଦେଶୀ ରାଜାଙ୍କ ଅଧୀନରେ ଥିଲା। ସେଗୁଡିକ ରାଜା ଶାସନାଧୀନ ରାଜ୍ୟ ବୋଲି କୁହାଯାଉଥିଲା।

୨୦୧୨ ମାର୍ଚ୍ଚ ୫ରେ କ୍ରାନ୍ତୀୟ ଘୂର୍ଣ୍ଣିଝଡ଼ ଯୋଗୁ ମାଡାଗାସ୍କରରେ ୭୫ ଲୋକଙ୍କ ମୃତ୍ୟୁ ଘଟିଥିଲା। ମାଡାଗାସ୍କରକୁ ପୂର୍ବରୁ ମାଲାଗାସି ରିପବ୍ଲିକ୍ କୁହାଯାଉଥିଲା। ଭାରତ ମହାସାଗରର ଏହା ଏକ ଦ୍ୱୀପରାଷ୍ଟ୍ର। ପୂର୍ବ-ଆଫ୍ରିକୀୟ ଉପକୂଳଠାରୁ ଏହା ୨୫୦ ମାଇଲ୍ ଦୂରରେ ଅବସ୍ଥିତ। ମାଡାଗାସ୍କର ବିଶ୍ୱର ଚତୁର୍ଥ ବୃହତ୍ତମ ଦ୍ୱୀପ। ମାଡାଗାସ୍କର ଦ୍ୱୀପ ସମେତ କେତୋଟି ଛୋଟ ଛୋଟ ଦ୍ୱୀପକୁ ନେଇ ଏହି ଦେଶ ଗଠିତ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୭ | ୨୦.୮ |
| ଚାନ୍ଦବାଲି | ୩୨.୯ | ୨୩.୦ |
| କଟକ | ୩୩.୨ | ୨୦.୮ |
| ପାରାଦ୍ୱୀପ | ୨୯.୪ | ୨୪.୬ |
| ଭୁବନେଶ୍ୱର | ୩୪.୨ | ୨୨.୫ |
| ଗୋପାଳପୁର | ୩୦.୨ | ୨୪.୧ |
| ପୁରୀ | ୩୧.୨ | ୨୪.୬ |
| ଅନୁଗୋଳ | ୩୪.୯ | ୧୮.୦ |
| ବାରିପଦା | ୨୮.୪ | ୨୦.୨ |
| ଝାରସୁଗୁଡ଼ା | ୩୨.୩ | ୧୯.୪ |
| କେନ୍ଦୁଝର | ୨୮.୦ | ୧୮.୫ |
| ସମ୍ବଲପୁର | ୩୩.୮ | ୨୦.୧ |
| ସୁନ୍ଦରଗଡ଼ | ୩୧.୦ | ୧୩.୦ |
| ହୀରାକୁଦ | ୩୨.୭ | ୨୦.୩ |
| ତାଳଚେର | ୩୩.୩ | --- |
| ଭବାନୀପାଟଣା | ୩୫.୮ | ୨୨.୫ |
| ବଲାଙ୍ଗୀର | ୩୪.୫ | ୧୮.୫ |
| କୋରାପୁଟ | ୩୨.୦ | ୧୮.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୭.୦ | ୧୯.୦ |
| ସୋନପୁର | ୩୩.୮ | ୧୯.୨ |
| ଦାରିଙ୍ଗିବାଡ଼ି | ୩୦.୫ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍

ହେଲ୍‌ଥ ଆଣ୍ଡ ୱେଲ୍‌ନେସ ସେଣ୍ଟର ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ସେବା
• ୧.୫ ଲକ୍ଷ ହେଲ୍‌ଥ ଆଣ୍ଡ ୱେଲ୍‌ନେସ କେନ୍ଦ୍ର ତିଆରି କରିବାର ଲକ୍ଷ୍ୟ।
• ୧୨ ହଜାର କେନ୍ଦ୍ର ଆରମ୍ଭ । ଏବେ ସୁଦ୍ଧା ପାଖାପାଖି ୩ କୋଟି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା।
• ଆବଶ୍ୟକ ଔଷଧ ତଥା ଯାଞ୍ଚ ସମ୍ପୂର୍ଣ୍ଣ ମାଗଣା।







## ହୀରାକୁଦ ଡ୍ୟାମ୍‌ରେ ବୁଡ଼ି ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

ସମ୍ବଲପୁର, ୪ ।୩(ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ରେ ବୁଡ଼ି ସମ୍ବଲପୁର ଜିଲା ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର)ର ଜଣେ ତୃତୀୟ ବର୍ଷ ଡାକ୍ତରୀ ଛାତ୍ରଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ସୁମିତ ସିଂ (୨୪)। ତାଙ୍କ ଘର ରାଜସ୍ଥାନରେ। ପୋଲିସଠାରୁ ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ବହୁ ଖୋଜାଖୋଜି କରିବା ପରେ ପ୍ରାୟ ୧୨ଫୁଟ୍ ପାଣି ଭିତରୁ ସୁମିତଙ୍କୁ ଉଦ୍ଧାର କରାଯାଇ ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ଏଠାରେ ଡାକ୍ତର ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ଭିମସାରରେ ସଂରକ୍ଷିତ କରି ରଖାଯାଇଛି। ସୁମିତଙ୍କ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଛି। ମଙ୍ଗଳବାର ସେମାନେ ଏଠାରେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ବୁର୍ଲା ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ତାଙ୍କ ମୃତ୍ୟୁରେ ମେଡିକାଲ କଲେଜରେ ଶୋକର ଛାୟା ଖେଳିଯାଇଛି। ଅଧ୍ୟକ୍ଷ ପ୍ରଫେସର ବ୍ରଜ ମିଶ୍ରଙ୍କ ସମେତ କଲେଜର ସମସ୍ତ ଡାକ୍ତର, ପ୍ରଫେସର ଓ ସହପାଠୀ ଶୋକବ୍ୟକ୍ତ କରିଛନ୍ତି।

■ ମନୋଜ ସିହ୍ନାଙ୍କୁ ବିଜେଡିର ପ୍ରତିବାଦ ପ୍ରସଙ୍ଗ

## ପରାଜୟ ଭୟରେ ଅଗଣତାନ୍ତ୍ରିକ ହୋଇଛି ବିଜେଡି: ଭାଜପା

ଭୁବନେଶ୍ୱର,୪ ।୩ (ବ୍ୟୁରୋ)

କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନାଙ୍କୁ ବିଜେଡି କର୍ମକର୍ତ୍ତାମାନେ ରବିବାର ପ୍ରତିବାଦ କରିଥିଲେ। ସୋମବାର ରେଳ ଭବନର ଅଡିଟୋରିୟମଠାରେ ଅନେକ ବିକାଶମୂଳକ ଉଦ୍‌ଘାଟନ ଉତ୍ସବ ଥିଲା। ଏଥିରେ ଦୁଇ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଥିଲେ। ମାତ୍ର ପୋଲିସ ଏବଂ ପ୍ରଶାସନକୁ ନାଲି ଆଖି ଦେଖାଇ ରେଳ ଭବନ ଆଗରେ ଯେଉଁଭଳି ଢଙ୍ଗରେ ବିଜେଡି ଧାରଣାରେ ବସିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ପୋଲିସ, ପ୍ରଶାସନ ଏବଂ ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରାଜୟ ଭୟରେ ଏବେ ଶାସକ ଦଳ ଅଗଣତାନ୍ତ୍ରିକ ହୋଇପଡିଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ରବିବାର ଶହୀଦ ନଗର ଥାନାରେ ପଶି ବିଜେଡି ନେତାମାନେ ଜଣେ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି । ପୋଲିସ କର୍ମଚାରୀ ଜଣଙ୍କ ଗୁରୁତର ଆହତ ହୋଇପଡିଛନ୍ତି। ଏହି ସମୟରେ ଥାନାରେ ବ୍ୟାପକ ଭଙ୍ଗାରୁଜା ହୋଇଛି। ସାଧାରଣ ଲୋକଙ୍କୁ ଖୋଦ ସୁରକ୍ଷା ଯୋଗାଉଥିବା ପୋଲିସ ଉପରକୁ ମଧ୍ୟ ଏବେ ଆକ୍ରମଣ କରାଯାଉଛି। ତା'ହେଲେ ରାଜ୍ୟରେ ସାଧାରଣ ଜନତା କିଭଳି ସୁରକ୍ଷା ପାଇବେ ତାକୁ ନେଇ ପ୍ରଶ୍ନ ଉଠୁଛି। ରାଜ୍ୟ ସରକାର ଏବେ ନିର୍ବାଚନ ପୂର୍ବରୁ ଅର୍ଥ ଆଦାୟ କରିବା ଉଦ୍ଦେଶ୍ୟରେ ଉଚ୍ଚସ୍ତରୀୟ ବିଭାଗୀୟ ସଚିବସ୍ତରରେ ଅଦଳବଦଳ କରୁଛନ୍ତି ବୋଲି ସମୀର କହିଛନ୍ତି।




୩ ଟି ବଢ଼ିଆ ଫ୍ଲେଭରରେ ଉପଲବ୍ଧ: Chocolate, Banana & Vanilla EnduraMass
For Query: 07377150950 • Customer Care: 9555800200
info@endurasupplements.com • www.endurasupplements.com
Also available at Medplus & Apollo Pharmacy



DADLS-293
ଓଡ଼ିଶା ସରକାର
ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
ଜୟଦେବ ଭବନ | ୫ ମାର୍ଚ୍ଚ ୨୦୧୯
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ: ସନ୍ଧ୍ୟା ୬ ଘଟିକା
ସାଧାରଣ ସଭା
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଭାପତି
ଶ୍ରୀଯୁକ୍ତ ପ୍ରତାପ ଜେନା
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ
ଡ. ପ୍ରସନ୍ନ କୁମାର ପାଟଶାଣୀ
ମାନ୍ୟବର ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି
ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଏହି ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ।
ସଭା ଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ।
ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ବିନମ୍ର ଅନୁରୋଧ।
ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0606/1819

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ସୋମ୍
ପରିବାରବର୍ଗ


ସାଇ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ■ ଠକେଇ, ଚେକ୍ ବାଉନ୍ସ ମାମଲା
# ରାଜଧାନୀରେ ଦିଲ୍ଲୀ ପୋଲିସର ଚଢାଉ

- ■ ସିଲ୍‌ଭାସା ଇନ୍‌ଫୋଟେକ୍‌ର ଡାଇରେକ୍ଟର, ଏମ୍‌ଡି ଫେରାର
- ■ ତାଙ୍କ ନାମରେ ରହିଛି ଜାମିନ ବିହୀନ ଗିରଫ ପର୍‌ୱାନା

ଭୁବନେଶ୍ୱର,୪।୩ (ବ୍ୟୁରୋ)

ଏକ ଚେକ୍ ବାଉନ୍ସ ଓ ଠକେଇ ମାମଲାକୁ ନେଇ ଦିଲ୍ଲୀ ମନ୍ଦିର ମାର୍ଗ କମିଶନରେଟ ପୋଲିସ ସୋମବାର ଭୁବନେଶ୍ୱରରେ ଚଢ଼ାଉ କରିଛି। ହେଲେ ଆଗୁଆ ସୂଚନା ପାଇ ଦୁଇ ଅଭିଯୁକ୍ତ ଚନ୍ଦ୍ରଶେଖରପୁରସ୍ଥିତ ସିଲ୍‌ଭାସା ଇନ୍‌ଫୋଟେକ୍ ଲିମିଟେଡ୍ କମ୍ପାନୀର ଡାଇରେକ୍ଟର ଜ୍ୟୋତି ନାରାୟଣ ମହାପାତ୍ର ଓ ମ୍ୟାନେଜିଂ ଡାଇରେକ୍ଟର ଇପ୍‌ସିତା ମହାପାତ୍ର ଫେରେର ହୋଇଯାଇଛନ୍ତି।

ସୂଚନା ମୁତାବକ, ଜ୍ୟୋତି ନାରାୟଣ ଓ ଇପ୍‌ସିତା ଦିଲ୍ଲୀସ୍ଥିତ ଏକ କମ୍ପାନୀ ସହ କମ୍ପ୍ୟୁଟର ଓ ସଫ୍ଟୱେୟାର ବ୍ୟାଙ୍କ୍ ଚେକ୍ ଜରିଆରେ କାରବାର କରୁଥିଲେ। ୨୦୧୬ରେ ଏହି କାରବାର ବାବଦକୁ ଦିଲ୍ଲୀସ୍ଥିତ କମ୍ପାନୀକୁ କେତେକ ବ୍ୟାଙ୍କ୍ ଚେକ୍ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଆକଉଣ୍ଟରେ ଟଙ୍କା ନ ଥିବାରୁ ଉକ୍ତ ଚେକ ବାଉନ୍ସ ହୋଇଥିଲା। ଏ ନେଇ ଦିଲ୍ଲୀ ମନ୍ଦିର ମାର୍ଗ ଥାନା ଓ ସ୍ଥାନୀୟ କୋର୍ଟରେ ଉଭୟଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ କୋର୍ଟରେ ହାଜର ନ ହେବାରୁ ଉଭୟଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ସେମାନଙ୍କୁ ଗିରଫ ପାଇଁ ଦିଲ୍ଲୀ ପୋଲିସ ଭୁବନେଶ୍ୱରରେ ପହଞ୍ଚି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବିଡିଏ କଲୋନୀ ଅଞ୍ଚଳରେ ଥିବା ଅଭିଯୁକ୍ତମାନଙ୍କ ଘର ଏବଂ ଅଫିସରେ ଚଢାଉ କରିଥିଲା। ସେମାନଙ୍କୁ ନ ପାଇ ଦିଲ୍ଲୀ ପୋଲିସ ନିରାଶରେ ଫେରିଛି।

# ■ ଗ୍ୟାସ୍ ଟାଙ୍କି ଫାଟି ଯୁବକଙ୍କ ମୃତ୍ୟୁ ଘଟଣା
# ମାନବାଧିକାର କମିଶନରେ ମାମଲା

କଟକ ଅଫିସ, ୪।୩

ରୋଷେଇ କରୁଥିବା ବେଳେ ଗ୍ୟାସ୍ ଟାଙ୍କି ଫାଟିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଉକ୍ତ ଘଟଣାରେ ମୃତକଙ୍କ ମା' ମଧ୍ୟ ଗୁରୁତର ଆହତ ହୋଇଛନ୍ତି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଧୀନ ତେମିରି ଗାଁରେ ଗତ ରବିବାର ଘଟିଛି ଏହି ଘଟଣା। ଏହାକୁ ନେଇ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଛି। ଧରିତ୍ରୀର ମାର୍ଚ୍ଚ ୪ ତାରିଖ ସଂସ୍କରଣରେ ପ୍ରକାଶିତ ଖବରକୁ ଆଧାର କରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସଙ୍କ ପକ୍ଷରୁ ସୋମବାର ଏହି ମାମଲା ରୁଜୁ କରାଯାଇଛି। ମାମଲାରେ ଜୟନ୍ତ ଭାରତୀୟ ତୈଳ ନିଗମ କର୍ତ୍ତୃପକ୍ଷଙ୍କୁ ପକ୍ଷଭୁକ୍ତ କରିଛନ୍ତି। ପିଟିଶନରେ ଜୟନ୍ତ ଉଲ୍ଲେଖ କରିଛନ୍ତି ଯେ, ଜଣେ ଗ୍ୟାସ୍ ଉପଭୋକ୍ତା ହେବା ମାତ୍ରେ ତୁରନ୍ତ ସେ ୫୦ ଲକ୍ଷ ଟଙ୍କାର ବୀମାଭୁକ୍ତ ହେବା କଥା। ଏଥିରେ ଉପଭୋକ୍ତାଙ୍କୁ କୌଣସି ପ୍ରିମିୟମ ମଧ୍ୟ ଦେବାକୁ ପଡେ ନାହିଁ। ଫଳରେ ଗ୍ୟାସ୍‌ଜନିତ କୌଣସି ଦୁର୍ଘଟଣା ଘଟିଲେ ଏହି ବୀମା ରାଶିରୁ ଭରଣା କରାଯାଇଥାଏ। ଯଦି ଏଭଳି ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟିଥାଏ, ତେବେ ତୁରନ୍ତ ତାଙ୍କୁ ୬ ଲକ୍ଷ ଟଙ୍କା, ଆହତ ହୋଇଥିଲେ ଚିକିତ୍ସା ନିମନ୍ତେ ୨ ଲକ୍ଷ ଓ ଆସବାବପତ୍ର ନଷ୍ଟ ହୋଇଥିଲେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ସେହିପରି ଦୁର୍ଘଟଣା ଘଟିବା ମାତ୍ରେ ନିକଟସ୍ଥ ଡିଲର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କ ଚିକିତ୍ସା ନିମନ୍ତେ ୨୫ହଜାର ଟଙ୍କା ପ୍ରଦାନ କରିବା କଥା। କିନ୍ତୁ ତେମିରି ଗାଁରେ ଘଟିଥିବା ଗ୍ୟାସ୍ ଦୁର୍ଘଟଣା କ୍ଷେତ୍ରରେ ତୈଳ ନିଗମର କୌଣସି ଅଧିକାରୀ କିମ୍ବା ଡିଲର ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ଫଳରେ ଆହତ ମହିଳା ଜଣକ ଅଦ୍ୟାବଧି ଚିକିତ୍ସା ନିମନ୍ତେ ଦୁରବସ୍ଥାର ଶିକାର ହେଉଥିବା ଜୟନ୍ତ ଅଭିଯୋଗ କରିଛନ୍ତି। ତେଣୁ ମୃତକଙ୍କ ବାବଦରେ ୬ ଲକ୍ଷ ଓ ଆହତଙ୍କ ଚିକିତ୍ସା ପାଇଁ ୨ ଲକ୍ଷ ଟଙ୍କା ଦେବା ସହିତ ନଷ୍ଟ ହୋଇଥିବା ଆସବାବପତ୍ରର ଆକଳନ କରି କ୍ଷତିପୂରଣ ଦେବାକୁ ଜୟନ୍ତ କମିଶନରେ ନିବେଦନ କରିଛନ୍ତି। ସେହିପରି ଦାୟିତ୍ୱ ଓ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଉଭୟ ତୈଳ ନିଗମର ଅଧିକାରୀ ଓ ଡିଲରଙ୍କଠାରୁ ୫ ଲକ୍ଷ ଟଙ୍କାର ଜରିମାନା ରାଶି ଆଦାୟ କରିବାକୁ ମଧ୍ୟ ସେ ପିଟିଶନରେ ଉଲ୍ଲେଖ କରିଛନ୍ତି।

## ଉପକୂଳରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୪।୩(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ପାଗ ମେଘୁଆ ରହୁଛି। କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେଉଛି। ଫଳରେ ଦିନ ଓ ରାତ୍ରିର ତାପମାତ୍ରା ହ୍ରାସ ପାଇଛି। ଏଭଳି ପାଗ ଆସନ୍ତା ୮ ତାରିଖ ଯାଏ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ଓ ରାୟଗଡ଼ାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ ଗଜପତି ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ୨୫ରୁ ୩୫ କିଲୋମିଟର ବେଗରେ ବହିବ। ସେହିପରି ୬ରୁ ୮ ତାରିଖ ମଧ୍ୟରେ ଉପକୂଳ ସମେତ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୮ ତାରିଖ ପରେ ତାତି ବଢ଼ିବ। ବର୍ଷା ଓ ମେଘୁଆ ପାଗ ଯୋଗୁ ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଛି।

# ଭାଜପାରେ ଯୋଗଦେଲେ ବୈଜୟନ୍ତ

ଭୁବନେଶ୍ୱର,୪।୩(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ତାରିଖ ଘୋଷଣାକୁ ଆଉ ଦିନ କେଇଟା ବାକିଥିବା ବେଳେ ବିଜୁ ଜନତା ଦଳର ପୂର୍ବତନ କେନ୍ଦ୍ରାପଡ଼ା ଏମପି ବୈଜୟନ୍ତ ପଣ୍ଡା ଭାଜପାରେ ଯୋଗ ଦେଇଛନ୍ତି। ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ଭାଜପା ପ୍ରଭାରୀ ଅରୁଣ ସିଂ ଏବଂ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ବୈଜୟନ୍ତ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳ ପକ୍ଷରୁ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଛି। ଦଳରେ ଯୋଗଦେବା ପରେ ବୈଜୟନ୍ତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ ଶାହଙ୍କ ନେତୃତ୍ୱରେ ଆକୃଷ୍ଟ ହୋଇ ଭାଜପାରେ ଯୋଗଦେଇଥିବା ବୈଜୟନ୍ତ ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି ଯେ, ଏଠାରେ ପହଞ୍ଚିବାକୁ ମୋତେ ୨୨ ବର୍ଷ ଲାଗିଲା। ଦେଶର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଅମିତ ଶାହଙ୍କ ନେତୃତ୍ୱର ଆବଶ୍ୟକତା ରହିଛି। ଦେଶକୁ ପ୍ରଧାନମନ୍ତ୍ରୀ ଯେଉଁ ଦିଗରେ ନେଉଛନ୍ତି ତାଙ୍କୁ ମୁଁ ପ୍ରଶଂସା କରିବା ନେଇ କିଛି ଅଛପା ନାହିଁ। ଓଡ଼ିଶାରେ ପ୍ରଶାସନିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ସହ ଅପରାଧ ବହୁ ମାତ୍ରାରେ ବୃଦ୍ଧି ପାଇ ଚାଲିଛି। ଗତ କିଛିବର୍ଷ ହେବ ରାଜ୍ୟରେ ଶାସନ ବ୍ୟବସ୍ଥା ଆହୁରି ଖରାପ ସ୍ତରକୁ ଚାଲିଯାଇଛି। ଯେତେବେଳେ ବିଜେଡି ଭାଜପା ସହ ମିଶି ଶାସନ କରୁଥିଲା ସେତେବେଳେ କିଛି ନିୟମକୁ ଅନୁସରଣ କରାଯାଉଥିଲା। ଗତ କିଛିବର୍ଷ ହେବ ମହିଳା ଓ ଶିଶୁମାନଙ୍କ ଉପରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାବେଳେ ରାଜ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଯଦିଓ ବିଜେଡି ରାଜ୍ୟରେ ୪ ଥର ଲାଗି ଶାସନ କଲେ ମଧ୍ୟ ପରିସ୍ଥିତି ଅତ୍ୟନ୍ତ ନିମ୍ନସ୍ତରକୁ ଚାଲି ଯାଇଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟାବସ୍ଥା ଭୁଶୁଡ଼ି ପଡ଼ିଛି। ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରଖାନାକୁ କାନ୍ଧରେ ବୋହିନେବାକୁ ପଡୁଛି। ଏହି ପରିସ୍ଥିତିର ପରିବର୍ତ୍ତନ ପାଇଁ ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ଦରକାର ବୋଲି ସେ କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ ବୈଜୟନ୍ତଙ୍କ ଯୋଗଦାନ ପରେ ରାଜ୍ୟରେ ଭାଜପା ଆହୁରି ଶକ୍ତିଶାଳୀ ହୋଇଛି। ତାଙ୍କର ଯୋଗଦାନକୁ ମୁଁ ସ୍ୱାଗତ କରୁଛି।



ଭାଜପାରେ ଯୋଗଦେବା ପରେ ବୈଜୟନ୍ତ ପଣ୍ଡାଙ୍କୁ ଦଳର ପ୍ରାଥମିକ ସଦସ୍ୟପତ୍ର ଦିଆଯାଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବୈଜୟନ୍ତଙ୍କୁ ୨୦୧୮ ଜାନୁୟାରୀ ୨୪ରେ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ଏହା ପରେ ସେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ।

ଭାଜପାରେ ବୈଜୟନ୍ତଙ୍କ ଯୋଗଦାନକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ସମାଲୋଚନା କରି କହିଛନ୍ତି ଯେ, ସେ ନିଜର ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ଭାଜପାରେ ଯୋଗ ଦେଇଛନ୍ତି। ବହୁ ପୂର୍ବରୁ ଭାଜପା ସହ ତାଙ୍କର ସମ୍ପର୍କ ଥିବା ବିଜେଡି ପୂର୍ବରୁ କହି ଆସୁଥିଲା ବୋଲି ଜେନା କହିଛନ୍ତି।

ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ମନି ଲେଣ୍ଡରିଂ ମାମଲା ପ୍ରଘଟ ହେବାର ମାସକ ପରେ ବୈଜୟନ୍ତ ନିଜର ସୁରକ୍ଷା ପାଇଁ ଭାଜପାରେ ଯୋଗ ଦେଇଛନ୍ତି।

## classified


### 1st Birthday Wish

(Som)
**Ritesh**
Best Wishes from:
Suryajyoti,
Swain family &
Friends. D-61507

### real estate
**SALE**

30’ road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/- . 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30’ road adjacent 200’ wide road. 9439614880. D-65365

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Flat for sale 2BHK, Renuka Enclave besides Axis Bank, Grand Road, Puri. 7504455447. D-64050

**Gharabari plot with 30’ road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65846

Gharabadi plot available at Pahal under BMC for booking. Contact: 9776759077. D-11484

### AFFIDAVIT
By virtue of an affidavit sworn before Executive Magistrate, Ranapur I have changed my surname from Sarbeswar Bahubalendra, S/o- Prafulla Bahubalendra for all purpose. D-11486

### ନବମ ଜନ୍ମଦିନ ଶୁଭେଚ୍ଛା

(ଓମ୍)
**ଆରିୟାନ୍ ପାଢ଼ୀ**
ବାହାରପାଳ (ପାଢ଼ୀସାହି), ଖେରଙ୍ଗ, ଭଦ୍ରକ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ଏବଂ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ମାଆ, ଅଜା, ଆଈ, ମାମୁ, ମାଈଁ, ମଉସା, ମାଉସୀ, ଲୁଲୁ କକା, ନେତ କକା, ବୁଲା କକା, ବାବୁ କକା, ସାଇ, ମାମନ, ବାପନ, ମାମାଲି, ତପି, ଶିବାନୀ, ସୋନାଲି, କାହ୍ନା, ଗୁଡୁଲୁ, ମନୀଷା, ଗେହ୍ଲି, ସେଲି, ସ୍ନେହା, ମାଟି, ଚନ୍ଦନ, ଝିଅ ନାନୀ, କୁନୁ, ମୁନୁ, କୁଲି ଓ ମିଲି ନାନୀ। ଧ-୧୧୪୮୫

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା

(ସୋମ୍)
**ରିତେଶ**
ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହିତ ତୋର ଚଲାପଥ କୁସୁମିତ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ଜେଜେମା, ଠାକୁ ମା, ଅଜା, ଆଈ, କୁଲୁ ମାମୁ, ପିଉସା, ପିଉସୀ, ଗୁଗୁଲ ଦିଦି, ଶ୍ରେୟା ଦିଦି। ଧ-୧୧୪୮୭

### ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି
### ଦ୍ୱାଦଶାହ ଉପଲକ୍ଷେ

**ସ୍ୱ ଗୋକୁଳାନନ୍ଦ ନାୟକ**
ଜଗନ୍ନାଥ ରୋଡ୍, ମଧୁପାଟଣା, କଟକ
ଆବିର୍ଭାବ : ୨୩.୧୨.୧୯୪୯
ତିରୋଧାନ : ୨୨.୦୨.୨୦୧୯
ଆଜି ଆପଣଙ୍କର ଦ୍ୱାଦଶାହରେ ଆପଣଙ୍କ ଦ୍ୱାରା ଦର୍ଶିତ ମାର୍ଗରେ ଚାଲିବାର ସଂକଳ୍ପ ନେଉଛୁ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ :
ପୁତ୍ର ଓ ପୁତ୍ରବଧୂ: ରୁଦ୍ରାଶୀଷ ଓ ପାୟଲ
ଭାଇ : କାହ୍ନୁଚରଣ, ଅନିରୁଦ୍ଧ, ପ୍ରସନ୍ନ
ଝିଅ-ଜ୍ୱାଇଁ, ପୁତୁରା-ପୁତୁରା ବୋହୁ
ନାତି-ନାତୁଣୀ ଏବଂ
ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୧୪୮୮


## ସଂରକ୍ଷିତ ମନ୍ଦିର ମାନ୍ୟତା ପାଇଲା ଶ୍ରୀକପିଳେଶ୍ୱର ମନ୍ଦିର

ପୁରୁଣା ଭୁବନେଶ୍ୱର, ୪।୩(ଡି.ଏନ୍.ଏ.)

ବହୁ ପ୍ରତୀକ୍ଷିତ ଐତିହ୍ୟ ଶ୍ରୀ କପିଳେଶ୍ୱର ମନ୍ଦିର ରାଜ୍ୟ ପର୍ଯ୍ୟଟନ ବିଭାଗ ନକ୍ସାରେ ସ୍ୱତନ୍ତ୍ର ସଂରକ୍ଷିତ ମନ୍ଦିରର ମାନ୍ୟତା ପାଇଛି । ସୋମବାର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମନ୍ଦିରରେ ପହଞ୍ଚି ବିଧିବଧଭାବେ ଏହି ଘୋଷଣା କରିଛନ୍ତି। ସେହିଭଳି ମନ୍ଦିର ଚତୁଃପାର୍ଶ୍ୱ ଆଲୋକୀକରଣ, ମନ୍ଦିର ପରିସରରେ ଥିବା ମଣିକର୍ଣ୍ଣିକା ପୁଷ୍କରଣୀ ଆଲୋକୀକରଣ ପାଇଁ ପ୍ରାୟ ୧୪ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମନ୍ଦିର ସଂରକ୍ଷଣ ପାଇଁ ରାଜ୍ୟ ପତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିଭଳି କପିଳେଶ୍ୱର ମୌଜାର ଅଗିଜଳାଠାରୁ ଦୟା ୱେଷ୍ଟ ପାର୍ଶ୍ୱଦେଇ ଡ୍ରେନ ଓ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୨୯ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରଶନ୍ନ ପାଟ୍ଟସାହାଣୀ, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଚନ୍ଦ୍ରଶେଖର ମଲ୍ଲିଆ, ଲଳୀତ ମୋହନ ମଲିଆ, ମନୋଜ ମଲିଆ, ବିନ୍ଦୁ ମଲିଆ ଓ ଗୁନ ମଲିଆ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାରୁ...

## କମୁଛି ଦୁଗ୍ଧ...

ଦେଉ ନ ଥିବା ଓ ସମସ୍ତ କ୍ଷୀର ନେଉ ନ ଥିବାରୁ ଚାଷୀମାନେ ମଧ୍ୟ ଏ ଦିଗରୁ ମୁହଁ ଫେରାଇ ନେଲେଣି। ୨୦୧୭-୧୮ରେ ରାଜ୍ୟରେ ଦୈନିକ ୭ ଲକ୍ଷ ଲିଟରରୁ ଊର୍ଦ୍ଧ୍ୱ କ୍ଷୀର ଉତ୍ପାଦନ ହେଉଥିବାବେଳେ ୩୯ ହଜାର ଦୁଗ୍ଧ ଉତ୍ପାଦନ ସମିତି ଜରିଆରେ ଚାଷୀଙ୍କଠାରୁ ମାତ୍ର ୫ ଲକ୍ଷ ୧୦ ହଜାର ଲିଟର ସଂଗ୍ରହ କରାଯାଇଥିଲା। ତେବେ ୨୦୧୮ ଡିସେମ୍ବର ସୁଦ୍ଧା ସଂଗ୍ରହ ୪.୧୯ ଲକ୍ଷ ଲିଟରକୁ ଖସି ଆସିଛି। ରାଜ୍ୟରେ ସହରାଞ୍ଚଳରେ କ୍ଷୀର ଚାହିଦା ପ୍ରବଳ ମାତ୍ରାରେ ବଢୁଥିବାବେଳେ ଦୁଗ୍ଧ ଉତ୍ପାଦନ ହ୍ରାସ ହେବା ଚିନ୍ତାର ବିଷୟ ପାଲଟିଛି।

ରାଜ୍ୟରେ ଦୁଗ୍ଧ ପ୍ରକ୍ରିୟାକରଣ ଓ ବ୍ୟବସାୟ ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ରହିଥିଲେ ମଧ୍ୟ ପରିଚାଳନାଗତ ତ୍ରୁଟି ଓ ଦୁର୍ନୀତି ଯୋଗୁ ଓମ୍‌ଫେଡ୍ ଏହାର ଫାଇଦା ନେଇ ପାରୁନାହିଁ। ଅନ୍ୟ ପକ୍ଷରେ ଯୋଗାଇ ଦିଆଯାଉଥିବା କ୍ଷୀରରେ ମଧ୍ୟ ଅନେକ ସମୟରେ ଅପମିଶ୍ରଣ ହେଉଥିବା ଅଭିଯୋଗ ହେଉଛି। ଏହାର ସୁଯୋଗ ନେଇ ଘରୋଇ କମ୍ପାନୀଗୁଡ଼ିକ ଓମ୍‌ଫେଡ ବଜାରକୁ ମାଡ଼ିବସିଲେଣି। କ୍ଷୀରର ଗୁଣବତ୍ତା ଠିକ୍ ରହୁ ନ ଥିବାରୁ ଓମ୍‌ଫେଡରୁ ଗ୍ରାହକମାନେ ମୁହଁ ଫେରାଇବା ଆରମ୍ଭ କଲେଣି। ଯଦିଓ ରାଜ୍ୟ ସରକାର ଦୁଗ୍ଧ ଚାଷୀ ଓ ଗୋ ପ୍ରଜନନ ବୃଦ୍ଧି ପାଇଁ କେତେକ ପଦକ୍ଷେପ ନେଇଛନ୍ତି ତେବେ ତାହା ଆଶାନୁରୂପ ହେଉ ନ ଥିବାରୁ ଦୁଗ୍ଧଚାଷ ପ୍ରତି ଆଗ୍ରହ ହ୍ରାସ ପାଇବାରେ ଲାଗିଛି।

ଏକ ସ୍ଥାୟୀ ବା ପୂର୍ଣ୍ଣକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଆଯାଉ ନ ଥିବାବେଳେ ପ୍ରଶାସନିକ ସ୍ଥାଣୁତା, ଦକ୍ଷ ମାନବ ସମ୍ବଳ ଏବଂ ପୂର୍ଣ୍ଣ ସ୍ୱାଧୀନତାର ଅଭାବ ଯୋଗୁ ଏହି ସଂସ୍ଥା ଦୁଗ୍ଧ କ୍ଷେତ୍ରର ବିକାଶ ପାଇଁ ନିଜସ୍ୱ ପଦକ୍ଷେପ ନେଇ ପାରୁ ନାହିଁ ବୋଲି ଓମ୍‌ଫେଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଓମ୍‌ଫେଡର ପରିଚାଳନାକୁ ନେଇ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ମଧ୍ୟ ପ୍ରଶ୍ନ ଉଠାଇଛି। ମହାସଂଘର ସଭାପତି ରବି ବେହେରା କହିଛନ୍ତି ଯେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇବାକୁ ରାଜ୍ୟରେ ୧୯୮୨ ରୁ ଓମଫେଡ କାର୍ଯ୍ୟ କରି ଆସୁଛି । ମାତ୍ର ଏହାର ପ୍ରଶାସନିକ ଓ ପରିଚାଳନାଗତ ତ୍ରୁଟି ଯୋଗୁ ଏହି ସଂସ୍ଥା ବେଳକୁ ବେଳ ତଳକୁ ଖସିବାରେ ଲାଗିଛି। ଦୁଗ୍ଧର ଗୁଣବତ୍ତା ହ୍ରାସ ପାଇବା ସହ ଚାଷୀମାନଙ୍କୁ ଉପଯୁକ୍ତ ମୂଲ୍ୟ ମିଳୁ ନାହିଁ। ଏହାର ଫାଇଦା ଘରୋଇ ସଂସ୍ଥା ଉଠାଉଛନ୍ତି। ଏପରି ହେଲେ ରାଜ୍ୟରେ ଦୁଗ୍ଧ ଚାଷ ପ୍ରତି ଆଗ୍ରହ କମିବ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ନିୟମିତ ଓମ୍‌ଫେଡ୍ ଦୁଗ୍ଧ ନେଉଥିବା ଗ୍ରାହକ ଗୋବିନ୍ଦ ବିଶ୍ୱାଳ କହିଛନ୍ତି ଯେ ଓମ୍‌ଫେଡ କ୍ଷୀର ଉପରେ ଆମେ ଦୀର୍ଘ ବର୍ଷ ଧରି ନିର୍ଭର କରି ଆସୁଛୁ। ପିଲାମାନଙ୍କୁ ପିଇବାକୁ ଦେବାଠାରୁ ଆରମ୍ଭ କରି ଚାହା, ଦହି ଇତ୍ୟାଦି କରାଯାଉଥିଲା। ମାତ୍ର ଗତ କିଛିବର୍ଷ ହେବ ଏହି କ୍ଷୀରର ମାନ କମିଯାଇଛି। ବାଧହୋଇ ମୁଁ ଅନ୍ୟ କମ୍ପାନୀର କ୍ଷୀର ଆଣୁଛି।

## ଦୀପରେ ଝଲସିଲା ...

କାର୍ଯ୍ୟକ୍ରମ ରହିଛି । ଐତିହ୍ୟ ଓ ପରମ୍ପରା ଅନୁଯାୟୀ ଢେଙ୍କାନାଳ ରାଜ ପରିବାର ପକ୍ଷରୁ ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ରାଣୀ ସାବିତ୍ରୀ ଦେବୀ ଓ ଯୁବରାଜ ଅମରଜ୍ୟୋତି ସିଂହଦେଓ ପ୍ରମୁଖ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ସକାଳୁ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁ ଚନ୍ଦ୍ରଶେଖରଜୀଉଙ୍କ ଦର୍ଶନ ପାଇଁ ଲମ୍ବାଧାଡିରେ ଛିଡା ହୋଇଥିଲେ। ଭୋର ୫ଟାରୁ ରାତି ୮ଟା ସୁଦ୍ଧା ବାରବାଙ୍କ ରାସ୍ତାରେ କପିଳାସ ପାଦଦେଶ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଆଗମନ ଲାଗିରହିଥିଲା। ସେହିପରି ରାସ୍ତାରେ ମଧ୍ୟ ନାହିଁ ନ ଥିବା ଭିଡ ଜମିଥିଲା। କପିଳାସ ପାଦଦେଶରେ ବହୁ ସଂଖ୍ୟାରେ ଉଠା ଦୋକାନୀ ଭିଡ଼ ଜମାଇଛନ୍ତି। ଜନସାଧାରଣଙ୍କ ସୁବିଧା ପାଇଁ ପାଦଦେଶରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୨୦ଟି ଅସ୍ଥାୟୀ ନୂତନ ପାଇଖାନା ନିର୍ମିତ ହୋଇଛି। ଟ୍ୟାଙ୍କର ଯୋଗେ ପୀଠ ପରିସର ଓ ପାଦଦେଶରେ ପାନୀୟଜଳ ଯୋଗାଣ ସହ ଘାଟି, ପାହାଚ ରାସ୍ତାକୁ ଆଲୋକୀକରଣ କରାଯାଇଛି। ସନ୍ଧ୍ୟାପରଠାରୁ ଅଧିକ ଭିଡକୁ ନଜରରେ ରଖି ଘାଟି ରାସ୍ତାରେ ଯାନବାହନ ଚଳାଚଳ ନିୟନ୍ତ୍ରଣ କରାଯାଇଛି। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଜିଲାପାଳ ନିଖିଲ ପୱନ କଲ୍ୟାଣ, ଏସ୍‌ପି ଅନୁପମା ଜେମ୍‌ସ, ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଠାକୁରଙ୍କ ନୀତିକାନ୍ତି ଓ ଆଇନଶୃଙ୍ଖଳା କାର୍ଯ୍ୟ ତଦାରଖ କରୁଛନ୍ତି। ଚଳିତବର୍ଷ ୧୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚାଂଶ ସ୍ଥିତ ରବିଙ୍କ ସହ ଚନ୍ଦ୍ର ନୀଚାଂଶ ମଧ୍ୟରେ ଥିବାରୁ ଚନ୍ଦ୍ର ପ୍ରଭାବଶୂନ୍ୟ ହୋଇ କୌଣସି ବ୍ୟତିକ୍ରମ ସୃଷ୍ଟି କରିପାରିବେନାହିଁ। ଫଳତଃ ଆଜିର ଆନୁଷ୍ଠାନିକ କାମ, ଆର୍ଥିକ ଅଭିବୃଦ୍ଧି ଓ ନୂତନ ସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରିବ। ଅବଶ୍ୟ ଶନିଙ୍କ ଦୃଷ୍ଟି ପଥାରୂଢ ହେତୁ ଉପରିସ୍ଥଙ୍କ ତାଗିଦା କାରଣରୁ ଦାୟିତ୍ୱପୂର୍ଣ୍ଣ କାମଟିକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ବୃଷ** ଗ୍ରହସ୍ଥିତି ଆପଣଙ୍କ ଦିନଚର୍ଯ୍ୟା ପାଇଁ ଅନୁକୂଳ ରହିବ। କିନ୍ତୁ ପାପଯୁକ୍ତ ଶୁକ୍ର ପ୍ରଭାବରେ ଶରୀରପୀଡା, ସମ୍ପର୍କରେ ଫାଟ, ଅଯଥା ବ୍ୟୟ ମାନସିକ ସନ୍ତୁଳନ ରକ୍ଷା କରି ନ ପାରେ। କେତେକ କ୍ଷେତ୍ରରେ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହେବାର ସୂଚନା ମିଳିବ।

**ମିଥୁନ** ଚତୁର୍ଥସ୍ଥାନକୁ ଆଧାମ୍ୱିକ ଗ୍ରହ ଶନି ଓ ବନ୍ଧୁକାରକ ବୁଧ ଦେଖୁଥିବାରୁ ସତ୍‌ସଙ୍ଗ ମାଧ୍ୟମରେ ବନ୍ଧୁମିଳନ ଅବଶ୍ୟ ଘଟିବ। ପରିଜନଙ୍କ ସହ ନୂତନସ୍ଥାନ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ରହିବ। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସକାଶେ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ। ବ୍ୟବସାୟ, ପରିବହନରୁ ଯଥେଷ୍ଟ ଲାଭବାନ ହୋଇପାରନ୍ତି।

**କର୍କଟ** ଶନିକ୍ଷେତ୍ରରେ ଅଷ୍ଟମ ଚନ୍ଦ୍ର ମାନସିକ ଉଦାସୀନତା ସୃଷ୍ଟି କରିବ। ଫଳରେ କାମରେ, ଆଲୋଚନାରେ ଆନ୍ତରିକତାର ଅଭାବ ପରିଲକ୍ଷିତ ହୋଇପାରେ। ସମାଲୋଚନା, ପରୋକ୍ଷ ଶତ୍ରୁତା ଶନି ଓ ରାହୁଙ୍କ ଦ୍ୱାରା ପ୍ରଭାବଶୂନ୍ୟ ହୋଇଯିବ। ସ୍ଥଳବିଶେଷରେ ସଂଯମତା ରକ୍ଷା ପୂର୍ବକ ଭାବ ପ୍ରବଣତା ପରିହାର କଲେ କେତେକାଂଶରେ ଉପକୃତ ହେବେ।

**ସିଂହ** ଆଜିର ଦିନଟିରେ ରବିଙ୍କ ପ୍ରଭାବ ବହୁ ବିଶିଷ୍ଟବ୍ୟକ୍ତିମାନଙ୍କ ସାନିଧ୍ୟ ଲାଭ କରାଇବ। କିନ୍ତୁ ପ୍ରଭାବହୀନ ଚନ୍ଦ୍ରଙ୍କ ଦ୍ୱାରା ସାମୟିକ ଭାବରେ ମାନସିକ ସ୍ଥିରତା ରକ୍ଷା ନ କଲେ ଅପଦସ୍ଥ ହେବାକୁ ପଡିପାରେ। ସଭାସମିତିରେ କଳା, ସଙ୍ଗୀତ, ପ୍ରତିଯୋଗିତାଦିରେ ଯୋଗଦେଲେ ସଫଳତା ହାସଲ କରିବେ।

**କନ୍ୟା** ସ୍ୱସ୍ଥାନପାଳ ଶନି ଲୋକସମ୍ପର୍କ ସ୍ଥାନରେ ଅବସ୍ଥାନ କରି ଆଧାତ୍ମିକ ପରିବେଶରୁ ମଜ୍ଜିଯାଇପାରନ୍ତି। ବନ୍ଧୁମାନଙ୍କ ସହଯୋଗରେ କାମକୁ ପୂରାଦମରେ କରି ସଫଳତା ହାସଲ କରିବେ। ଆଜିର ମନୋଜ୍ଞ ପରିବେଶରେ ଅକସ୍ମାତ୍ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଶ୍ରଦ୍ଧା, ଆଦର ଓ ଗୌରବସହ ଅର୍ଥଲାଭ, ବସ୍ତ୍ରଭୂଷଣ ପ୍ରାପ୍ତିର ଯୋଗ ରହିଛି।

**ତୁଳା** ବାଗ୍ମିତାର ଗ୍ରହ ବୃହସ୍ପତି ମୁଖଭାବରେ ଆପଣଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥାବାର୍ତ୍ତା ଜ୍ଞାନୀ,ଗୁଣୀ ,ବୁଦ୍ଧିଜୀବୀମାନଙ୍କ ମନୋରଞ୍ଜନ କରିବ। କର୍ମସ୍ଥ ରାହୁ ପ୍ରାଥମିକ ସ୍ତରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଉତ୍ପନ କଲେ ମଧ୍ୟ ପରକ୍ଷଣରେ ସଫଳତା ପ୍ରଦାନ କରିବ। ଚନ୍ଦ୍ରଙ୍କ ପ୍ରତି ଶନି ଦୃଷ୍ଟି ଜନିତ ଅନିଦ୍ରା, ଭ୍ରମଣ ଓ କ୍ଳାନ୍ତି ହେତୁ ଦୈହିକ ଓ ମାନସିକ ଶିଥିଳତା ଆସିପାରେ।

**ବିଛା** ପ୍ରଭାବଶାଳୀ କର୍ମାଧିପତିଙ୍କ ବାହୁଛାୟାତଳେ ଭାଗ୍ୟାଧିପତି ଚନ୍ଦ୍ର ଅବସ୍ଥାନ କରି କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ କରାଇବେ। ଧନାଧିପ ନିଜ ରାଶିରେ ବିଭିନ୍ନ ସୂତ୍ରରୁ ଅର୍ଥଲାଭ, କାର୍ଯ୍ୟସିଦ୍ଧି ଓ ଆଶାପୂରଣ ପାଇଁ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇପାରିବେ।

**ଧନୁ** ସପ୍ତମାଧିପ ଶୁକ୍ର ତୃତୀୟସ୍ଥ ଚତୁର୍ଥସ୍ଥ ବୁଧ ପ୍ରଭାବରେ ପରିଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ଅସଜଡା ପାରିବାରିକ ସ୍ଥିତି ଆତ୍ମୀୟମାନଙ୍କ ସହାୟତାରେ ପୂର୍ବସ୍ଥିତିକୁ ଫେରାଇ ଆଣିବ। ଆନୁଷ୍ଠାନିକ କାମ, ରାଜନୀତି, ପ୍ରଶାସନ, ସଭାସମିତି ପାଇଁ ଦିନଟି ବହୁତ ଭଲ ରହିବ। ଆକସ୍ମିକ ଭାବରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର** ରାଶିରେ ଶୁକ୍ର ମୁଖ ଭାବରେ ଚନ୍ଦ୍ରମା ଦିନଟିକୁ ହସଖୁସୀ ଆନନ୍ଦ ମଧ୍ୟରେ ଅତିବାହିତ କରାଇବେ। ଯେମିତି ଯାହା ଚିନ୍ତା କରିଛନ୍ତି କାର୍ଯ୍ୟସିଦ୍ଧି ସଙ୍ଗକୁ ତାହା ଅକ୍ଳେଶରେ ପ୍ରାପ୍ତ ହୋଇପାରିବ। ବନ୍ଧୁ ମାନଙ୍କ ସାହାଯ୍ୟ ନେଇ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ପ୍ରକାଶନ, କ୍ରୀଡା, ଚଳଚ୍ଚିତ୍ର ଓ ପ୍ରଶାସନିକ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ** ବ୍ୟୟଭାବସ୍ଥ ଶୁକ୍ର ମନ୍ତ୍ରଣାଭାବରୁ ଅଷ୍ଟମସ୍ଥ ହେବା କାରଣରୁ ଆପଣଙ୍କ କଥା ଅନ୍ୟକୁ ବିଶେଷ ପ୍ରଭାବିତ କରିପାରିବ ନାହିଁ। ପାରିବାରିକ କ୍ଷେତ୍ରରେ ଅତୀତକୁ ସ୍ମରଣ କରି ଅନୁତାପ କରିବାକୁ ପଡିପାରେ। ଅନ୍ୟମନସ୍କତା କିମ୍ବା ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରି ପ୍ରଶଂସିତ ହୋଇପାରନ୍ତି।

**ମୀନ** ରାଶିରେ ବୁଧ ବନ୍ଧୁ ପରିଜନମାନଙ୍କ ଆଦରଣୀୟ କରାଇବ। ଦୁର୍ବଳ ଆର୍ଥିକ ସ୍ଥିତି ରହିଥିଲେ ମଧ୍ୟ ଆଜିର ଆବଶ୍ୟକତା ଯଥା ସମୟରେ ପୂରଣ କରିପାରିବେ। ମାନସିକ ସ୍ତରରେ ପ୍ରଫୁଲ୍ଲତା ପରିଲକ୍ଷିତ ହୋଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ାରେ ପ୍ରତିଯୋଗିତା ଆପଣଙ୍କୁ ସଫଳତା ପ୍ରଦାନ କରିପାରେ।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ମଙ୍ଗଳବାର, ମାର୍ଚ୍ଚ-୫ ତାରିଖ, ପଞ୍ଚାୟତିରାଜ ଦିବସ, ଭୂମିପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ମକର ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୯ ।୦୧ମି. ଗତେ, ଘ.୧୦ ।୨୮ମି. ମଧ୍ୟେ ଘ.୧୧ ।୫୫ମି. ଗତେ, ଘ.୧ ।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦ ।୨୮ମି. ଗତେ ଘ.୧୧ ।୫୫ମି. ମଧ୍ୟେ, ଘ.୩ ।୦୩ମି. ଗତେ ଘ.୪ ।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ନ ଘ.୨ ।୫୩ମି. ଗତେ ଘ.୪ ।୨୨ମି. ମଧ୍ୟେ ରାହୁକାଳ।



# PRAGATI KI NAYI MISAAL

## Bharatmala Pariyojana

India's biggest road development programme, **60,000 km** of NH being built with investments worth **Rs. 6,92,324 Cr**

- 44 Economic Corridors, **9,000 km** length, **Rs. 1,20,000 Cr** worth investments
- **2,000 km** of roads being built with investments worth **Rs. 25,000 Cr** to enhance trade with Nepal, Bhutan, Bangladesh and Myanmar
- **2,000 km** of roads being built to improve Coastal and Port connectivity, worth **Rs. 20,000 Cr**
- **185** choke points identified. **28** ring roads, **45** bypasses, **34** lane expansion projects are in progress
- All District Headquarters to be connected to National Highways, **9,000 km** of length, **Rs. 60,000 Cr** worth, **300** districts already connected
- Road development in the Char Dham fast tracked with **Rs. 12,000 Cr** investments
- Developing roads to improve connectivity to the North East and link Inland Waterways
- 12 Greenfield Expressways, spanning **1,900 km**. The **800 km** Delhi-Mumbai Expressway worth **Rs. 40,000 Cr** underway




NAMUMKIN AB
**MUMKIN HAI**

Ministry of Road Transport & Highways, Government of India
National Highways Authority of India
NHIDCL — BUILDING INFRASTRUCTURE - BUILDING THE NATION
BHARATMALA — ROAD TO PROSPERITY

ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। –ଶ୍ରୀଅରବିନ୍ଦ

# ଧମକରେ ଦେଶ

କର୍ଣ୍ଣାଟକର ଏକ ଇଞ୍ଜିନିୟରିଂ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ସନ୍ଦୀପ ୱାଥର ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲେ ଯେ, ବାଲାକୋଟ୍ ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ନେଇ ଭାରତୀୟ ଜନତା ପାର୍ଟି (ଭାଜପା) ଓ ଏହାର ସମର୍ଥକମାନେ ଯେଉଁଭଳି ଉତ୍ସାହିତ ହେଉଛନ୍ତି ତାହା ଦ୍ୱାରା ଯୁଦ୍ଧ ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରୁଛି। ଏଭଳି ସ୍ଥଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ନେଇଥିବା ପଦକ୍ଷେପକୁ ସେ ପ୍ରଶଂସା କରିବାରୁ ତାଙ୍କୁ କଲେଜ ପରିସରରେ ଆଣ୍ଠେଇବାକୁ ପଡ଼ିଲା। ଦେଶ ବିରୋଧୀ ଆଖ୍ୟା ଦେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କର୍ମୀ ଓ ଛାତ୍ରମାନେ ତାଙ୍କୁ ଅପମାନିତ କରିବାର ଭିଡିଓ ଏବେ ଚାରିଆଡ଼େ ଭାଇରାଲ ହୋଇଛି। ପରିସ୍ଥିତି ଉତ୍ତେଜନା ଆଡ଼କୁ ଗତି କରୁଥିବା ଦେଖି ସନ୍ଦୀପ କ୍ଷମା ମାଗିଥିବା ଦେଖିବାକୁ ମିଳିଛି। ଏତିକି ଦଣ୍ଡ ପର୍ଯ୍ୟାପ୍ତ ନୁହେଁ କହି ତାଙ୍କୁ କଲେଜରୁ ବାହାର କରିଦିଆଯିବା ନେଇ ଏବିଭିପି ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ସତର୍କ କରାଇ ଦିଆଯାଇଛି।

କେବଳ ସନ୍ଦୀପ ନୁହନ୍ତି, ଏ ଦେଶରେ ବର୍ତ୍ତମାନ ବାତାବରଣ ଏମିତି ହୋଇଯାଇଛି ଯେ, ଯେଉଁମାନେ ସତ୍ୟକୁ ଖୋଜୁଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ଜଣେ କେଉଁ ପରିସ୍ଥିତିକୁ ନେଇ ମନ୍ତବ୍ୟ ଦେଇଛନ୍ତି, ତାହାକୁ ଶୁଣିବାକୁ କାହାରି ଧୈର୍ଯ୍ୟ ନ ଥିଲା ଭଳି ମନେହେଉଛି। ଏକ ଛଦ୍ମ ଦେଶପ୍ରେମ ଦେଖାଇ ସ୍ୱାର୍ଥ ସାଧନ ଲକ୍ଷ୍ୟରେ ଥିବା ବ୍ୟକ୍ତିମାନେ ଏକରକମ ମଣିଷର ବ୍ୟକ୍ତିଗତ ଅଭିବ୍ୟକ୍ତି ଉପରେ ରୋକ ଲଗାଇଦେଲେଣି। ଏପରି ଅସହିଷ୍ଣୁଭାବ ଯୋଗୁ ଅନେକ କ୍ଷେତ୍ରରେ ବୁଦ୍ଧିଜୀବୀ ସାଧାରଣରେ ମତ ରଖିବାକୁ ଡରିଲେଣି। ଏହା ଜଣାଶୁଣା ଯେ, ଥରେ ଯୁଦ୍ଧ ହେଲେ ଦୁଇ ପକ୍ଷ ମଧ୍ୟରେ ମାନବ ସମ୍ବଳଠାରୁ ଆରମ୍ଭ କରି ଅପର୍ଯ୍ୟାପ୍ତ ଆର୍ଥିକ କ୍ଷତି ଘଟିଥାଏ । କୌତୂହଳର ବିଷୟ ହେଉଛି, ୧୪ ଫେବୃୟାରୀ ପୁଲ୍‌ୱାମା ଆକ୍ରମଣ ଏବଂ ସେହି ଘଟଣାର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ଯୁଦ୍ଧର ଆଖ୍ୟା ଦେଇ ଏବେ ତଥାକଥିତ ଦେଶପ୍ରେମୀ ଓ ଦେଶଦ୍ରୋହୀଙ୍କ ମଧ୍ୟରେ ରେଖା ଟଣାଯାଉଛି। ବାସ୍ତବରେ କୌଣସି ଯୁଦ୍ଧ ଘଟି ନାହିଁ ବୋଲି ସ୍ପଷ୍ଟ ଜଣାପଡ଼େ। ଏହାବ୍ୟତୀତ ସେହି ତଥାକଥିତ କାର୍ଯ୍ୟାନୁଷ୍ଠାନ ବା 'ଯୁଦ୍ଧ' ପରେ ମଧ୍ୟ ଭାରତୀୟ ସୈନ୍ୟଙ୍କ ନିତିଦିନ ମୃତ୍ୟୁ ଘଟୁଛି। କେବଳ ରାଜନୈତିକ ଫାଇଦାକୁ ଆଖିରେ ରଖି ଯେଉଁ ଡ୍ରାମା କରାଯାଉଛି, ତାହାକୁ ସାଧାରଣ ନାଗରିକ ବୁଝିବାରେ ଅକ୍ଷମ। ଗୋଟିଏ ପଟେ ବାଲାକୋଟ୍ ଉପରେ ଭାରତୀୟ ବାୟୁସେନାର ଆକ୍ରମଣରୁ ଶାସକ ଦଳ ଫାଇଦା ଉଠାଇବା ପାଇଁ ଚେଷ୍ଟା କରୁଥିବା ବେଳେ ବିରୋଧୀ ଏହା ଦ୍ୱାରା ଭାରତ କେଉଁ ଦୃଷ୍ଟିରୁ ଲାଭବାନ୍ ହୋଇଛି ବୋଲି ପ୍ରଶ୍ନ ଉଠାଇଲେଣି। ଉଦାହରଣ ସ୍ୱରୂପ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ବି.ଏସ୍. ୟେଦ୍ଦୁରପ୍ପା ବାଲାକୋଟ୍ ଆକ୍ରମଣ ପରେ ମନ୍ତବ୍ୟ ଦେଇଥିଲେ ଯେ, ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ତାଙ୍କ ଦଳକୁ ୨୮ରୁ ୨୨ ଲୋକ ସଭା ଆସନରେ ଜିତାଇବାରେ ସହାୟକ ହେବ। ସଶସ୍ତ୍ର ସେନାର କାର୍ଯ୍ୟଧାରାକୁ ରାଜନୀତି ଭିତରକୁ ଟାଣିଆଣି ଫାଇଦା ନେବାର ଏ ଯେଉଁ ଅପଚେଷ୍ଟା କରାଯାଇଛି ତାହା ଅତ୍ୟନ୍ତ ନିନ୍ଦନୀୟ। ଅନ୍ୟପକ୍ଷରେ ବାଲାକୋଟ୍‌ରେ ୩୫୦ ଆତଙ୍କବାଦୀଙ୍କୁ ମାରି ଦିଆଯାଇଥିବା ନେଇ ସରକାର କରୁଥିବା ଦାବିକୁ ବିରୋଧୀ ଗ୍ରହଣ କରିପାରିନାହାନ୍ତି। ସଂଖ୍ୟାକୁ ନେଇ ସନ୍ଦେହ ସୃଷ୍ଟି ହେବା ପରେ ଏହା ଉପରେ ଖୋଳତାଡ଼ ଆରମ୍ଭ ହୋଇଗଲାଣି। ମାର୍ଚ୍ଚ ୪ରେ ବାୟୁସେନା ମୁଖ୍ୟ ବି. ଏସ୍. ଧନୱା କହିଛନ୍ତି ଯେ, ତାଙ୍କ ବାହିନୀର ଲକ୍ଷ୍ୟ ହେଉଛି ଟାର୍ଗେଟ୍‌କୁ ମାଡ଼ କରିବା ଏବଂ ସଂଖ୍ୟା ଗଣି ସାଧାରଣରେ ଜଣାଇବା ସରକାରଙ୍କ ଦାୟିତ୍ୱ। ଏଥିରୁ ବୁଝିବାକୁ ହେବ ଯେ, ବାଲାକୋଟ୍ ଆକ୍ରମଣରେ ବ୍ୟବହୃତ ଯୁଦ୍ଧ ବିମାନ ଚାଳକଙ୍କ ମୃତ୍ୟୁସଂଖ୍ୟା ଗଣିବାର କୌଣସି ବ୍ୟବସ୍ଥା ନ ଥିଲା। ଏହା ବ୍ୟତୀତ ସେହି ଅଞ୍ଚଳର ଇନ୍‌ଫ୍ରାରେଡ୍ କ୍ୟାମେରା ମାଧ୍ୟମରେ ସାଟେଲାଇଟ୍‌ର ଫଟୋ ମଧ୍ୟ ଉଠାଇବାର ବ୍ୟବସ୍ଥା କରାଯାଇ ନ ଥିଲା। ଅପରପକ୍ଷରେ କ୍ରୋଧ ପ୍ରକାଶ କରାଯାଉଛି ଯେ, ସଶସ୍ତ୍ର ସେନାର କାର୍ଯ୍ୟକୁ ପ୍ରଶ୍ନ କରିବା କଥା ନୁହେଁ ଏବଂ ଯେଉଁ ବ୍ୟକ୍ତି ସେଭଳି କାର୍ଯ୍ୟ କରୁଛି ସିଏ ଦେଶ ବିରୋଧୀ। ଅନ୍ୟପଟେ ଶାସକ ଦଳ ଦ୍ୱାରା ପରିଚାଳିତ ସୋସିଆଲ ମିଡିଆରେ କୁହାଯାଇଥିଲା ଯେ, ବାଲାକୋଟ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କୌଣସି ସ୍ଥାନରେ ଏଭଳି ସଂଖ୍ୟା ସାଧାରଣରେ କହିନାହାନ୍ତି। ଅନ୍ୟ ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ଯୁଦ୍ଧ ସମ୍ପର୍କିତ ତଥ୍ୟ ଗଣମାଧ୍ୟମକୁ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଦେବାକୁ ଆଗେଇ ଆସିଛନ୍ତି। କିନ୍ତୁ ପ୍ରତିରକ୍ଷା ସଚିବ ନୀରବ ରହୁଛନ୍ତି। ଏହି ୩୫୦ ମୃତ୍ୟୁସଂଖ୍ୟାକୁ ଏବେ ସରକାରୀ ସ୍ତରରେ କେହି ସ୍ୱୀକାର କରୁନାହାନ୍ତି। ବେସରକାରୀ ଭାବେ ଏହି ସଂଖ୍ୟା ଗଣମାଧ୍ୟମକୁ ଦିଆଯାଇଥିଲା। ତାହାକୁ ଦେଶର ବିଶେଷକରି ଓଡ଼ିଶାର କେତେକ ଆଗୁଆ ବୋଲାଉଥିବା ଟେଲିଭିଜନ ଚ୍ୟାନେଲ ଓ ଖବରକାଗଜ '୩୫୦ ନିପାତ' ଶୀର୍ଷକରେ ଖବର ଛାପିବାକୁ ହକହକ ହେଲେ। କେବଳ ଧରିତ୍ରୀ 'ସଂଖ୍ୟାକୁ ନେଇ ସନ୍ଦେହ' ଶୀର୍ଷକରେ ଖବର ୨୮ ଫେବୃୟାରୀରେ ପ୍ରକାଶ କରିଥିଲା।

ଆସିଷ୍ଟାଣ୍ଟ ପ୍ରଫେସର ସନ୍ଦୀପଙ୍କ ସୋସିଆଲ ମିଡିଆରେ ନିଜ ମନ୍ତବ୍ୟ ପୋଷ୍ଟ କରିବା ଓ ଏହା ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ଦେଶରେ ଏକପ୍ରକାର ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଲାଗୁ ହେଲା ଭଳି ହୃଦ୍‌ବୋଧ ହେଉଛି ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ବାକ୍ ସ୍ୱାଧୀନତାର ଗୁରୁତ୍ୱ ରହିଆସିଛି। ଜଣେ ଦେଶଦ୍ରୋହ କାର୍ଯ୍ୟ କଲେ ତାଙ୍କୁ ଦଣ୍ଡିତ କରିବାରେ ଆପତ୍ତି ନାହିଁ। କିନ୍ତୁ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହୋଇଥିବାରୁ ତାଙ୍କ ପଦକ୍ଷେପକୁ ସମର୍ଥନ କରିବାରେ ଦ୍ୱିଧା ରହିବା କଥା ନୁହେଁ। ମାତ୍ର ସନ୍ଦୀପଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇ ତାଙ୍କ ଭଳି ଅନେକଙ୍କ ସ୍ୱରକୁ ଚାପି ଦିଆଗଲେ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ। ତାଙ୍କୁ ବିରୋଧ କରୁଥିବା ବ୍ୟକ୍ତି ବୁଝିବା ଦରକାର ଯେ, ମତପ୍ରକାଶରେ ଯୁକ୍ତିଯୁକ୍ତ ଭିନ୍ନତା ରହିଲେ ସର୍ବସମ୍ମୁଖକୁ ସତ୍ୟ ଆସିପାରିବ। ସେଥିପାଇଁ ବିବିଧତା ମଧ୍ୟରେ ଏକତାକୁ ଭାରତର ସୌନ୍ଦର୍ଯ୍ୟ ବୋଲି କୁହାଯାଇଥାଏ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 1 | B | 2 | | | | | |
| | 1 | | 9 | 5 | | C | | | | | | | D | |
| D | | A | | | | | E | 9 | | | 8 | | 0 | 2 |
| 6 | 9 | 7 | | | | 4 | | | | | | 1 | | |
| E | 3 | 5 | | 7 | | | | 2 | | B | | | | |
| 3 | | | 0 | | | | | 7 | | | | B | E | |
| 2 | 4 | 0 | | D | | 1 | | | | | | A | | |
| 9 | | | | 3 | 2 | D | | | | 6 | | | 4 | 8 |
| | | 1 | C | | 4 | | | | B | | | | 5 | |
| | 6 | D | A | | | E | 2 | | | 4 | | | C | 0 |
| | | | 5 | 1 | | | 0 | | | C | | | | |
| | | | E | 2 | 9 | | | | | A | | | 8 | |
| | | | 8 | | | B | | | | 5 | 4 | | | A |
| | | C | | | | | | E | | 0 | | 5 | 2 | 6 |
| A | | | 4 | 6 | C | | | | D | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | B | E | C | 5 | 0 | 6 | 3 | D | 8 | 1 | 7 | A | 9 | 4 |
| A | 7 | 0 | 6 | 1 | 4 | 8 | B | E | 2 | 9 | C | D | 5 | 3 |
| 5 | D | 3 | A | 9 | 2 | 7 | 4 | C | 6 | E | B | 8 | 1 | 0 |
| C | 6 | 1 | 8 | B | 3 | 0 | 9 | 5 | D | A | 4 | E | 2 | 7 |
| 4 | 9 | 8 | E | 7 | D | A | 2 | 1 | 3 | 5 | 0 | 6 | B | C |
| 9 | E | B | 2 | 4 | 1 | 5 | 0 | 6 | 7 | C | 8 | 3 | A | D |
| 3 | 1 | D | 0 | A | 8 | 2 | C | 9 | 5 | B | 6 | 4 | 7 | E |
| 6 | 5 | 2 | B | D | 7 | 1 | E | A | 0 | 4 | 3 | 9 | C | 8 |
| 7 | 0 | C | 5 | E | 9 | 4 | 8 | 3 | 1 | D | A | B | 6 | 2 |
| 8 | 4 | A | 3 | 6 | C | D | 7 | B | E | 2 | 9 | 5 | 0 | 1 |
| D | A | 7 | 1 | 0 | 6 | E | 5 | 4 | 9 | 3 | 2 | C | 8 | B |
| E | 2 | 6 | D | C | A | B | 1 | 0 | 4 | 8 | 5 | 7 | 3 | 9 |
| 0 | 3 | 4 | 7 | 8 | B | 9 | A | 2 | C | 6 | E | 1 | D | 5 |
| 1 | C | 9 | 4 | 2 | 5 | 3 | 6 | 8 | B | 7 | D | 0 | E | A |
| B | 8 | 5 | 9 | 3 | E | C | D | 7 | A | 0 | 1 | 2 | 4 | 6 |

ଗତକାଲିର ଉତ୍ତର

# ଆଧୁନିକ ଓଡ଼ିଶାର ନିର୍ମାତା



ବୈକୁଣ୍ଠନାଥ ମିଶ୍ର

୧୯୮୩ ମସିହା ଜୁନ୍‌ରେ ଭାରତ ସରକାରଙ୍କ ସାଂସ୍କୃତିକ ଗବେଷଣା ଓ ତାଲିମ ପରିଷଦ (ସିସିଆରଟି) ଦ୍ୱାରା ଆୟୋଜିତ ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶାରୁ ଆମେ ପ୍ରାୟ ଦଶଜଣ ଶିକ୍ଷକ ନୂଆଦିଲ୍ଲୀ ଯାଇଥିଲୁ। ଦିନେ ସନ୍ଧ୍ୟା ୬ଟା ସୁଦ୍ଧା ଆମେ କେତେଜଣ ଓଡ଼ିଆ ବନ୍ଧୁ କନଟ୍‌ପ୍ଲେସ ରୋଡରେ ଏକ ଷ୍ଟଲରୁ ଚା ପିଉଥାଉ ଓ ନିଜ ଭିତରେ ଖୁସିଗପରେ ମଜ୍ଜି ଯାଇଥାଉ। ଏହି ସମୟରେ ଏକ ମୋଟର କାର ଆମ ନିକଟରେ ଅଟକିଲା। କାର ଭିତରୁ କେହି ଜଣେ ଆମକୁ ଲକ୍ଷ୍ୟକରି କହିଲେ, ଶୁଣ ତୁମେମାନେ କିଏ, ଏଠାରେ କ'ଣ କରୁଛ? ଆମେ ପ୍ରବଳ ଉତ୍ସୁକତାର ସହ କାର ନିକଟକୁ ଯାଇ ଦେଖିଲୁ ଆମ ପ୍ରିୟ ନେତା ବିଜୁବାବୁ କାର ପଛ ସିଟ୍‌ରେ ତାଙ୍କ ସ୍ୱଭାବସୁଲଭ ଠାଣିରେ ବସିଥାନ୍ତି। ଆମେ ଯେତେବେଳେ କହିଲୁ ଆମେ ଶିକ୍ଷକ, ସେ କୃତ୍ରିମ ବିରକ୍ତି ପ୍ରକାଶ କରି କହିଲେ, ଓଃ ଗଡ୍ ତୁମେ ମାଷ୍ଟର! ତୁମ କଥାବାର୍ତ୍ତାରୁ ତ ତୁମେ ମାଷ୍ଟର ବୋଲି ଜଣାଯାଉ ନାହଁ। ମୁଁ ହଠାତ୍ କହି ପକାଇଲି, ସରି ସାର୍। ସେ ମୋ ମୁଣ୍ଡକୁ ଟିକେ ଆଉଁଶି ଦେଇ କହିଲେ, ଓକେ। ତୁମେ ଏଇଠି ଥାଅ। କୁଆଡେ ଯିବନି, ମୁଁ ଆସୁଛି। ସତକୁସତ ୧୫ ମିନିଟ୍ ପରେ ଗୋଟିଏ ଭ୍ୟାନ୍ ଆମ ପାଖରେ ଲାଗିଲା। ଚାଳକ ଆମକୁ ହିନ୍ଦୀରେ କହିଲେ– ସାର୍ କହିଛନ୍ତି, ଆପଣମାନେ ଗାଡିରେ ବସନ୍ତୁ। ଡ୍ରାଇଭର ଆମକୁ ଦିଲ୍ଲୀର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲାଇ ରାତି ୯ଟା ସୁଦ୍ଧା ଏକ ଦାମୀ ହୋଟେଲରେ ଆମ ଖାଦ୍ୟ ବ୍ୟବସ୍ଥା କରି ରାଣୀ ଝାନ୍‌ସୀ ରୋଡ୍‌ରେ ଥିବା ଆମ ଗେଷ୍ଟହାଉସ୍‌ରେ ଛାଡି ଚାଲିଗଲା। ବିଜୁବାବୁଙ୍କ ସହ ଆଉ ଆମର ସାକ୍ଷାତ୍ ହୋଇନାହିଁ। ଏ ଥିଲା ଜଣେ ଓଡ଼ିଆପ୍ରେମୀ ଦରଦୀ ମଣିଷର କଥା, ଯାହା ମୋ ପରି ଅନେକଙ୍କ ପାଇଁ ଏକ ଅଭୁଲା ସ୍ମୃତି।

ବିଜୁ ପଟ୍ଟନାୟକ ଥିଲେ ଓଡ଼ିଆ ପ୍ରାଣସ୍ପନ୍ଦନର ସଞ୍ଚାଳକ। ଓଡ଼ିଆ ଜାତିକୁ ଭଲ ପାଇବା ଓ ଓଡ଼ିଶାର ଦାରିଦ୍ର୍ୟକୁ ପରାହତ କରି ବିକାଶର ଉନ୍ମେଷ କରିବା ଥିଲା ତାଙ୍କର ସ୍ୱପ୍ନ। ରାଉରକେଲା ଇସ୍ପାତ କାରଖାନା, ପାରାଦୀପ ବନ୍ଦର, ଚୌଦ୍ୱାର ଲୁଗା ଓ କାଗଜକଳ, ସୁନାବେଡା ମିଗ୍ ବିମାନ କାରଖାନା ତାଙ୍କ ଯାଦୁକରୀ ସ୍ପର୍ଶର ନମୁନା। ଓଡ଼ିଶାର ସାମୂହିକ ବିକାଶ ଥିଲା ତାଙ୍କର ସ୍ୱପ୍ନ। କେବଳ ଓଡ଼ିଶା ନୁହେଁ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ତାଙ୍କର ବଳିଷ୍ଠ ନେତୃତ୍ୱ ଓ ତ୍ୟାଗପୂତ ଅବଦାନ ତାଙ୍କୁ ଗୌରବବିଭୂଷିତ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନାଜିମାନଙ୍କ କବଳରୁ ରୁଷିଆକୁ ରକ୍ଷା କରିବାକୁ ଯାଇ ରୁଷିଆକୁ ଗୁପ୍ତରେ ଯୁଦ୍ଧାସ୍ତ୍ର ଯୋଗାଇବା ଥିଲା ତାଙ୍କର ଏକ ବିରଳ କୃତିତ୍ୱ। ସେଥିପାଇଁ ରୁଷିଆ ଭଳି ଏକ ପ୍ରଭାବଶାଳୀ ରାଷ୍ଟ୍ରର ରାଷ୍ଟ୍ରୀୟ ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ସେହିପରି ପଣ୍ଡିତ ନେହେରୁଙ୍କ ପରାମର୍ଶକ୍ରମେ ଏକ ଘଡିସନ୍ଧି ମୁହୂର୍ତ୍ତରେ ବିଜୁବାବୁ ନିଜେ ବିମାନ ଚଳାଇ ଇଣ୍ଡୋନେସିଆର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଡଚ୍‌ମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏହା ଥିଲା ଅତ୍ୟନ୍ତ ବିପଜ୍ଜନକ। ଏହି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର'ରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନରୁ ଉପଲବ୍ଧ କୋଟି କୋଟି ଟଙ୍କାର ସମ୍ପତ୍ତିକୁ ସେ ଇଣ୍ଡୋନେସିଆର ଜନତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଇଥିଲେ। କେବଳ ସେତିକି ନୁହେଁ, ୧୯୯୫ ଅଗଷ୍ଟ ୧୭ ତାରିଖ ଇଣ୍ଡୋନେସିଆ ସ୍ୱାଧୀନତା ପ୍ରାପ୍ତିର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବିଜୁବାବୁଙ୍କୁ ସେ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ସମ୍ମାନ 'ବୀରତୁଙ୍ଗ ଯଶ ଉତ୍ତମ' ଉପାଧିରେ ଭୂଷିତ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ମାତ୍ର ଦୁଇଜଣ ଭାରତୀୟ ରାଷ୍ଟ୍ରନାୟକ ବିଦେଶ ମାଟିରେ ସମ୍ମାନିତ ହେବାର ଗୌରବ ଅର୍ଜନ କରିଛନ୍ତି। ସେମାନେ ହେଲେ ବିଜୁ ପଟ୍ଟନାୟକ ଓ ମୋରାର୍‌ଜୀ ଦେଶାଇ। ବିଜୁ ପଟ୍ଟନାୟକ ରୁଷିଆ ଓ ଇଣ୍ଡୋନେସିଆ ଦ୍ୱାରା ଉଚ୍ଚ ସମ୍ମାନିତ ହୋଇଥିବା ବେଳେ ମୋରାର୍‌ଜୀ ଦେଶାଇ ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ ନିଶାନ–ଇ–ପାକିସ୍ତାନ ଉପାଧିରେ ଭୂଷିତ ହୋଇଥିଲେ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ମୋରାର୍‌ଜୀଙ୍କୁ ଭାରତରତ୍ନ ମିଳିସାରିଥିବା ବେଳେ କାହିଁକି କେଜାଣି ବିଜୁବାବୁ ଏଥିରୁ ବଞ୍ଚିତ ହୋଇଛନ୍ତି। ଓଡ଼ିଶା ପ୍ରତି କେନ୍ଦ୍ରର ଏହା ଅନ୍ୟତମ ଉଦାସୀନତା ନୁହେଁ ତ! ସେହିପରି ପାର୍ଲାମେଣ୍ଟ ଭବନରେ ବିଜୁବାବୁଙ୍କର ତୈଳଚିତ୍ରଟିଏ ସ୍ଥାନିତ ନ ହେବା କୋଟି କୋଟି ଓଡ଼ିଆଙ୍କୁ ମର୍ମାହତ କରିଛି।



ବିଜୁବାବୁଙ୍କ ଜୟନ୍ତୀ ଉପଲକ୍ଷେ

ସ୍ୱାଧୀନତୋତ୍ତର ଭାରତବର୍ଷରେ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଜମ୍ମୁ–କଶ୍ମୀରରେ ତଥାପି ରାଜତନ୍ତ୍ର ଥିଲା ଓ ଏହାର ଶାସକ ଥିଲେ ମହାରାଜା ହରି ସିଂ। କଥା ଥିଲା ରାଜା ନିଜେ ଇଚ୍ଛା ନ କରିବା ପର୍ଯ୍ୟନ୍ତ ଜମ୍ମୁ–କଶ୍ମୀର ଭାରତ ସହ ମିଶିବ ନାହିଁ। ଯୁବକ ବିଜୁ ପଟ୍ଟନାୟକ ତତ୍କାଳୀନ ବୈଦେଶିକ ମନ୍ତ୍ରୀ କୃଷ୍ଣ ମେନନ୍‌ଙ୍କୁ ନେଇ ରାଜା ହରି ସିଂଙ୍କ ସହ ଆଲୋଚନା କଲେ। ବିଜୁବାବୁଙ୍କର ବ୍ୟକ୍ତିତ୍ୱ, ଶାଳୀନତା ଓ ବଚନଶୈଳୀ ଏତେ ଆକର୍ଷଣୀୟ ଥିଲା ଯେ ମହାରାଜା ହରି ସିଂ ଗଭୀର ପ୍ରଭାବିତ ହୋଇ ଜମ୍ମୁ–କଶ୍ମୀରର ଭାରତ ସହ ମିଶ୍ରଣକୁ ସବୁଜ ସଙ୍କେତ ଦେଲେ। ଏହା ସେତେବେଳେ ଅନେକଙ୍କୁ ବିସ୍ମିତ କରିଥିଲା। ଚାଇନା ଆକ୍ରମଣ ସମୟରେ ବିଜୁବାବୁ ଦୁର୍ଗମ ତଥା ସୀମାନ୍ତ ଲଦାଖ ଅଞ୍ଚଳରେ ଡାକୋଟା ବିମାନ ଚଳାଇ ସୈନ୍ୟମାନଙ୍କୁ ଗୁପ୍ତରେ ଖାଦ୍ୟପାନୀୟ ଯୋଗାଇ ସେମାନଙ୍କର ମନୋବଳ ବଢ଼ାଇଥିଲେ। ସେହିପରି ୧୯୬୫ ଭାରତ–ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ଆୟୁବ ଖାଁ ସବୁ ମୁସଲମାନ ରାଷ୍ଟ୍ରର ସମର୍ଥନ ପାଇଥିଲେ ମଧ୍ୟ ଇଣ୍ଡୋନେସିଆରୁ ନିରାଶ ହେବାକୁ ପଡିଥିଲା। କାରଣ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଅନୁରୋଧକ୍ରମେ ବିଜୁବାବୁ ସସ୍ତ୍ରୀକ ଇଣ୍ଡୋନେସିଆ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ପାକିସ୍ତାନକୁ ସାହାଯ୍ୟ ନ କରିବାକୁ ପ୍ରବର୍ତ୍ତାଇଥିଲେ ଓ ସେଥିରେ ସଫଳ ହୋଇଥିଲେ। ୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟରେ ବିଜୁବାବୁ ବ୍ରିଟିଶ ଉଡାଜାହାଜରେ ଅତି ଗୋପନୀୟ ଭାବେ ଅଚ୍ୟୁତ ପଟ୍ଟବର୍ଦ୍ଧନ, ପଟ୍ଟାଭି ସୀତାରାମାୟା, ଅରୁଣା ଆସଫ ଅଲ୍ଲୀ ଓ ଜୟପ୍ରକାଶ ନାରାୟଣଙ୍କୁ ନିରାପଦରେ ଗୋଟିଏ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ପହଞ୍ଚାଇ ଆନ୍ଦୋଳନକୁ ତୀବ୍ରତର କରିବାରେ ସହାୟକ ହୋଇଥିଲେ।

ବିଜୁବାବୁ ୧୯୬୧ ଜୁନ୍ ୨୩ରେ ପ୍ରଥମଥର ମୁଖ୍ୟମନ୍ତ୍ରୀ ହୋଇ ୧୯୬୩ ଅକ୍ଟୋବର ୧ରେ କାମରାଜ ଯୋଜନାକୁ ବିରୋଧ କରି ଇସ୍ତଫା ଦେଲେ। ପୁନର୍ବାର ଜନତା ସରକାରର ନେତୃତ୍ୱ ନେଇ ୧୯୯୦ ମାର୍ଚ୍ଚ ୫ ତାରିଖ ଅର୍ଥାତ୍ ତାଙ୍କ ଜନ୍ମ ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ପୂରା ୫ ବର୍ଷ ଶାସନ କରିଥିଲେ। ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ବିଜୁବାବୁଙ୍କ ଅକ୍ଷୟ କୀର୍ତ୍ତି ଚିରଭାସ୍ୱର ରହିବ। ୧୯୫୧ରେ ୟୁନେସ୍କୋ ଜରିଆରେ କଳିଙ୍ଗ ପୁରସ୍କାର ପ୍ରଚଳନ କରାଇ ସେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୧୯୬୦ ଅକ୍ଟୋବର ୧ରେ କଳିଙ୍ଗ ଟ୍ରଷ୍ଟ ତରଫରୁ କଳିଙ୍ଗ ନାମକ ଏକ ଦୈନିକ ଖବରକାଗଜ ପ୍ରଚଳନ କରାଇଥିଲେ। ଓଡ଼ିଶାର ନାମମାନଙ୍କ ଭିତରୁ କଳିଙ୍ଗ ନାମଟି ତାଙ୍କର ଅତି ପ୍ରିୟ ଥିଲା। ବିଜୁବାବୁ ଥିଲେ ସମାନତାର ପ୍ରତୀକ। ଅବହେଳିତ ଶିକ୍ଷକ ସମାଜ ପ୍ରତି ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଅନୁଦାନପ୍ରାପ୍ତ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ସେ ୧୯୯୪ ମସିହା ଜୁନ ୭ରେ ସରକାରୀ କରି ବିଭିନ୍ନ ବର୍ଗର ବିଦ୍ୟାଳୟ ଓ ଶିକ୍ଷକଙ୍କ ମଧ୍ୟରେ ସମାନତା ସ୍ଥାପନ କରିଥିଲେ। ଅମଲାତନ୍ତ୍ର ତଥା ନିଜ ମନ୍ତ୍ରିମଣ୍ଡଳର କେତେକ ସଭ୍ୟଙ୍କ ପ୍ରତିକୂଳ ମତାମତକୁ ସେ ଭ୍ରୂକ୍ଷେପ ନ କରି ଏହି ଐତିହାସିକ ନିଷ୍ପତ୍ତି ନେଇଥିଲେ। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଅନେକ ବିଭାଗର କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଥିଲେ ମଧ୍ୟ ରାଜ୍ୟ ସଚିବାଳୟ କର୍ମଚାରୀସମୂହର କାର୍ଯ୍ୟବନ୍ଦ ଆନ୍ଦୋଳନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେ ତାଙ୍କ ନିଷ୍ପତ୍ତିରେ ସର୍ବଦା ଅଟଳ ରହୁଥିଲେ। ତାଙ୍କର ଗୋଟିଏ କଥା ସମସ୍ତଙ୍କୁ ଅଭିଭୂତ କରିଥିଲା। ସେ ଥରେ କହିଲେ ଅଫିସର ହେଉ ଅବା ଶିକ୍ଷକ ଚାକିରି ଛାଡି ରାଜନୀତିରେ ଯୋଗ ଦେଇ ମୋ ସ୍ଥାନ ଦଖଲ କରିପାରେ। କିନ୍ତୁ ଲକ୍ଷେ ବିଜୁ ପଟ୍ଟନାୟକ ଇଚ୍ଛା କଲେ ମଧ୍ୟ ଶିକ୍ଷକଟିଏ ବା ସାଧାରଣ କର୍ମଚାରୀଟିଏ ହୋଇପାରିବ ନାହିଁ। ତାଙ୍କ ନିକଟରେ ନ ଥିଲା ଶତ୍ରୁମିତ୍ରର ଭେଦଭାବ। ବିରୋଧୀ ନେତାଙ୍କୁ ସମ୍ମାନ ଦେବା ଏବଂ ତାଙ୍କ କଥା ଶୁଣିବା ଥିଲା ବିଜୁଙ୍କ ଚରିତ୍ରର ଅନ୍ୟତମ ବୈଶିଷ୍ଟ୍ୟ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ମତରେ ବିଜୁବାବୁ କେବଳ ରାଜନେତା ନ ଥିଲେ, ସେ ଥିଲେ ଜଣେ ଦୁଃସାହସିକ ଯୋଦ୍ଧା, ଆଗଧାଡିର ସ୍ୱାଧୀନତା ସଂଗ୍ରାମୀ, ସଫଳ ଜନନାୟକ ଓ ଆଧୁନିକ ଓଡ଼ିଶାର ନିର୍ମାତା।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# ପାପ ଓ ପୁଣ୍ୟ

ରମେଶ ଚନ୍ଦ୍ର ସାମଲ

ସମସ୍ତେ ବିଶ୍ୱାସ କରନ୍ତି ଅନ୍ୟର ମଙ୍ଗଳ କଲେ ନିଜର ମଙ୍ଗଳ ହୁଏ। ଇହଲୋକରେ ସୁଖ ଶାନ୍ତି, ଐଶ୍ୱର୍ଯ୍ୟ ପ୍ରାପ୍ତି ହେବା ସହିତ ପରଲୋକରେ ସ୍ୱର୍ଗପ୍ରାପ୍ତି ହୁଏ, ଯେଉଁଠି ଦୁଃଖ, ଯାତନା, ଅଭାବ, ଅନଟନର ଚିହ୍ନବର୍ଣ୍ଣ ନ ଥାଏ। ଅପରପକ୍ଷେ ପାପକାମ କଲେ, ପରକୁ ପୀଡ଼ା ଦେଲେ ନିଜକୁ ଅଶେଷ ଦୁଃଖ, ଦଣ୍ଡ ଜୀବିତାବସ୍ଥାରେ ମିଳିବା ସହିତ ମରିଗଲେ ଯମଦଣ୍ଡ ଭୋଗ କରିବାକୁ ପଡ଼େ, ଯାହାକୁ କୁହାଯାଏ ନର୍କଯନ୍ତ୍ରଣା। ସ୍ୱର୍ଗଲୋକ କିମ୍ବା ନର୍କଲୋକ ଆମେ କେହି ଦେଖିନୁ। କିନ୍ତୁ ବହୁକ୍ଷେତ୍ରରେ ଦେଖିଛୁ ପୁଣ୍ୟାତ୍ମା ଲୋକ କିପରି ଇହଲୋକରେ ସୁଖଶାନ୍ତି ଭୋଗକରି ଶେଷରେ ଦୁଃଖଯନ୍ତ୍ରଣାହୀନ ସ୍ୱାଭାବିକ ମୃତ୍ୟୁଲାଭ କରନ୍ତି। ପାପୀ ଲୋକ ସେମାନଙ୍କର ପାପ, ନୀଚ ଆଚରଣ ପାଇଁ ବିଭିନ୍ନ ରୋଗ ଯନ୍ତ୍ରଣା ପାଇବା ସହିତ ଦେଶର ନ୍ୟାୟିକ ବ୍ୟବସ୍ଥା ଅନୁଯାୟୀ ଦଣ୍ଡିତ ହୁଅନ୍ତି। କେହି କେହି ଆକସ୍ମିକ ଦୁର୍ଘଟଣାରେ ଅଥବା ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ, ପରିବାର ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ବାଟଘାଟରେ ପୋକମାଛି ଭଳି ମରନ୍ତି। କର୍ମ ନେଇ ଫଳ। ଗୀତା ଅନୁଯାୟୀ ଜୀବନରେ ଭଲ କାମ କଲେ ସଦ୍‌ଗତି ହୁଏ, ଅର୍ଥାତ୍ ମୃତ୍ୟୁ ପରେ ପରଜନ୍ମରେ ଉତ୍ତମ କୁଳରେ ଜନ୍ମଲାଭ କରନ୍ତି। ଜାତିସ୍ମରମାନଙ୍କର ପୂର୍ବଜନ୍ମର ବର୍ଣ୍ଣନାରୁ ଆମେ ପୂର୍ବ ଓ ପର ଜନ୍ମ ସମ୍ବନ୍ଧରେ ବହୁ ସୂଚନା ପାଉ। ସେମାନେ ତାଙ୍କ ପୂର୍ବଜନ୍ମ ବିଷୟରେ ଯାହାସବୁ କହନ୍ତି ଅନୁସନ୍ଧାନ ପରେ ଦେଖାଯାଇଛି ସେ ସବୁ ସତ। ଏହା ଅବଶ୍ୟ ବୈଜ୍ଞାନିକମାନଙ୍କ ଦ୍ୱାରା ସତ୍ୟସିଦ୍ଧ ଘୋଷଣା କରାଯାଇନି। ମୂଳରୁ ବିଶ୍ୱାସ କରୁ ନ ଥିବାରୁ ବୈଜ୍ଞାନିକମାନେ ଏ ବିଷୟରେ ଗବେଷଣା ଆରମ୍ଭ ହିଁ କରିନାହାନ୍ତି। କିନ୍ତୁ ଗବେଷଣା କରାଗଲେ ଏ ସମ୍ବନ୍ଧରେ ସତ୍ୟ ଉନ୍ମୋଚିତ ହୋଇପାରିବ।

ବେଳେ ବେଳେ ଆମେ ଅନୁଭବ କରୁ କେତେକ ଲୋକ ଭଲକାମ କରି ମନ୍ଦଫଳ ପାଆନ୍ତି ଏବଂ ଦୁଷ୍ଟ ଲୋକ ଯେତେ ଦୁଷ୍କର୍ମ କଲେ ମଧ୍ୟ ଧନସମ୍ମାନ ପାଆନ୍ତି। ଏସବୁ ପୂର୍ବଜନ୍ମର ଫଳ। ଏ ଜନ୍ମର ସତ୍ ବା ଅସତ୍ କର୍ମର ଫଳ ସେମାନଙ୍କୁ ଏ ଜନ୍ମରେ ପରବର୍ତ୍ତୀ ସମୟରେ ବା ପରଜନ୍ମରେ ଭୋଗ କରିବାକୁ ପଡ଼ିପାରେ। ଏଣୁ ସାମୟିକ ଭାବେ ପୁଣ୍ୟାତ୍ମାଙ୍କୁ କିଛି ଦୁଃଖକଷ୍ଟ ଓ ଖଳଲୋକଙ୍କୁ ସୁଖଶାନ୍ତି ମିଳିଥାଏ।

ଭାଗବତରେ ଭଗବାନ୍ କହିଛନ୍ତି, "ମୋଠାରେ ଯିଏ କରେ ଆଶ, ମୁଁ କରେ ତା'ର ସର୍ବନାଶ। ତଥାପି ଯଦି କରେ ଆଶ, ଅବଶ୍ୟ ପୂରାଏ ମାନସ।" ଏଣୁ ଭଲଲୋକ ଫଳ ପାଇବାରେ ବିଳମ୍ବ ହୁଏ। ମହାରାଜା ବଳୀର ସର୍ବସ୍ୱ ହରଣ, ଭକ୍ତ ପ୍ରହ୍ଲାଦଙ୍କୁ ପିତା ହିରଣ୍ୟକଶିପୁ ଦ୍ୱାରା କଷ୍ଟ–ନିର୍ଯାତନା ଓ ବାଳକ ଧ୍ରୁବର କଠୋର ତପସ୍ୟାର ପରୀକ୍ଷା ପରେ ସେ ଏମାନଙ୍କୁ ସର୍ବ ଐଶ୍ୱର୍ଯ୍ୟ ପ୍ରଦାନ କରିଛନ୍ତି। ଦୁଷ୍ଟ ଓ ଖଳ ଲୋକଙ୍କୁ ସୁଖ ଆନନ୍ଦ ଖୁବ୍‌ଶୀଘ୍ର ପ୍ରାପ୍ତ ହୋଇଥାଏ। ଦୁଷ୍ଟ ଖଳ ଲୋକଙ୍କର ଆମେ ଯେଉଁ ଧନଜନ, ମାନପ୍ରତିଷ୍ଠା ଦେଖୁ ତାହା ମଧ୍ୟ ଭଗବାନଙ୍କର ଆଉ ଗୋଟିଏ ପ୍ରକାର ବିଚାର। ସେ ପାପୀକୁ ବହୁ ସୁଯୋଗ ଦିଅନ୍ତି, ନିଜକୁ ସଜାଡିନେଇ ଧର୍ମପଥକୁ ଫେରି ଆସିବାକୁ। ପାପର ଭାର ଅଧିକ ହେଲେ ଦୋଷୀକୁ ଦଣ୍ଡ ଦେଇ ଅଧର୍ମର ବିନାଶ ଓ ସତ୍ୟ ଧର୍ମର ପ୍ରତିଷ୍ଠା ପାଇଁ ସେ ଧରାପୃଷ୍ଠରେ ଅବତରଣ କରନ୍ତି।

ଏବେ ପ୍ରଶ୍ନ ଉଠୁଛି ସେଇ ଭଗବାନଙ୍କର ସତ୍ତା ଯଦି ସମସ୍ତଙ୍କ ଦେହରେ ବିଦ୍ୟମାନ, ତେବେ କେତେକେ କାହିଁକି ପାପ କରନ୍ତି ଅନ୍ୟ କେତେକ ପୁଣ୍ୟ। ଏହାର ଉତ୍ତରରେ ଏହା କୁହାଯାଇପାରେ ଯେ ଆକାଶରୁ ମେଘ ସୃଷ୍ଟି ହୋଇ ବର୍ଷା ହୁଏ। ଏହାର ଜଳବିନ୍ଦୁ ପରିଷ୍କାର ନଦୀ ହ୍ରଦ ପୁଷ୍କରିଣୀରେ ପଡି ପବିତ୍ର ରହେ। ଯେଉଁଠାରେ ଏହି ବୃଷ୍ଟିଜଳ ନାଳନର୍ଦ୍ଦମା, ଅପରିଷ୍କାର ସ୍ଥାନରେ ପଡ଼େ ତାହା ଅପବିତ୍ର ଓ ରୋଗ ସୃଷ୍ଟିକାରୀ ହୋଇ ଜୀବଜଗତର କ୍ଷତି କରେ। ଶୁଦ୍ଧଜଳ ସେ ପର୍ଯ୍ୟନ୍ତ ବିଶୁଦ୍ଧ ରହେ ଯେ ପର୍ଯ୍ୟନ୍ତ ଏହା ଦୂଷିତ ଜଳ କିମ୍ବା ଦୂଷିତ ପଦାର୍ଥ ସହ ମିଶି ନ ଥାଏ। ଅନୁରୂପ ଭାବେ ପ୍ରତ୍ୟେକ ମାନବଶିଶୁ ଜନ୍ମ ସମୟରେ ସରଳ, ନିଷ୍କପଟ ହୋଇ ଜନ୍ମଲାଭ କରିଥାନ୍ତି। ଯେଉଁ ପରିସ୍ଥିତି ଓ ପରିବେଶ ସଂସ୍ପର୍ଶରେ ସେମାନେ ଆସନ୍ତି ସେହିଭଳି ଆଚରଣ ପ୍ରଦର୍ଶନ କରନ୍ତି। ଏହାର ବହୁ ଉଦାହରଣ ସମାଜରେ ଦେଖିବାକୁ ମିଳେ। ଆମେ ଆମ ଅନୁଭୂତିରୁ ଜାଣୁ ଯେ କେତେକ କାମ କରିବାକୁ ଗଲାବେଳେ ମନରେ ଦ୍ୱିଧା ଆସେ। ଖରାପ କାମ କରିବାକୁ ବିବେକ ବାଧା ଦିଏ। ଖଳଲୋକ ଏସବୁ ବାଧାକୁ ଏଡେଇ ନିଜର ସ୍ୱାର୍ଥ ପାଇଁ ଅନ୍ୟର କ୍ଷତି ବିନା ଦ୍ୱିଧାରେ କରିଯାଏ। ଅପରପକ୍ଷରେ ସାଧୁ ନିଜ ସ୍ୱାର୍ଥକୁ ପରହିତ ପାଇଁ ଜଳାଞ୍ଜଳି ଦିଏ। କାମ, କ୍ରୋଧ ହିଁ ମଣିଷର ପରମ ଶତ୍ରୁ। ଏହା ପାପପ୍ରବୃତ୍ତିର ମୁଖ୍ୟ କାରଣ। ଏ ସଂକ୍ରାନ୍ତରେ ଗୀତାର ତୃତୀୟ ଅଧ୍ୟାୟରେ କୁହାଯାଇଛି– "କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ, ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣାମ୍'। ନିଜ ପ୍ରବୃତ୍ତିକୁ ଦମନ କରିବାକୁ ହେଲେ ଇନ୍ଦ୍ରିୟମାନଙ୍କୁ ପ୍ରଥମେ ଦମନ କରିବା ଦରକାର। ଏହା କରିବା କଷ୍ଟକର ହେଲେ ମଧ୍ୟ ଅସାଧ୍ୟ ନୁହେଁ। ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଏହାକୁ ବଶୀଭୂତ କରାଯାଇପାରେ। ନିଜ ମନକୁ ଜୟ କରିପାରିଲେ ସାରା ବିଶ୍ୱକୁ ଜୟ କରିହେବ।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡ଼ା,
ମୋ–୯୪୩୯୮୭୯୦୨୨

## ଏଇ ଭାରତରେ

ତାଜମହଲଠାରୁ ୨ କିମି ଦୂରରେ ଏଭଳି ଏକ ଗାଁ ଅଛି ଯେଉଁଠି ଏକତୃତୀୟାଂଶ ଲୋକଙ୍କ ପାଖରେ ରହିଛି ଗାଈ ଓ ମଇଁଷି। ଫତେହାବାଦ୍‌କୁ ଲାଗିଥିବା କୁଆଁଖେହା ଗାଁଟି ତାଜମହଲଠାରୁ ବି ପୁରାତନ। ଗାଁରେ ପାଖାପାଖି ୧୨ଶହ ଲୋକ ରୁହନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯଦୁବଂଶୀ। ଗାଁର ୬ଶହ ପରିବାର ମଧ୍ୟରୁ ୪ଶହଙ୍କ ପାଖରେ ଗାଈ ଓ ମଇଁଷି ଅଛି। ଏଠାରେ ୭ ପିଢ଼ି ହେବ କେହି କେବେ କ୍ଷୀର ବିକ୍ରି କରି ନ ଥିବା କୁହାଯାଏ। କାହିଁ କେଉଁ କାଳରୁ ଏହି ପ୍ରଥା ଚଳିଆସୁଛି। ଲୋକଙ୍କ କହିବାନୁଯାୟୀ, ଏହି ଗାଁକୁ ଅଭିଶାପ ମିଳିଛି। ଯିଏ କ୍ଷୀର ବିକିବ, ସେ ଅନେକ କଷ୍ଟ ସହିବ। ଲୋକେ କହନ୍ତି ଯଦି ଗାଁର କୌଣସି ବ୍ୟକ୍ତି ବାହାରେ କ୍ଷୀର ବିକନ୍ତି, ତେବେ ତାଙ୍କର ଆର୍ଥିକ ଓ ଶାରୀରିକ ଅବସ୍ଥା ଧୀରେ ଧୀରେ ଖରାପ ହେବାରେ ଲାଗେ। ଯିଏ ଏଠାରେ କ୍ଷୀର ବିକିବାକୁ ଚେଷ୍ଟା କରିଛି, ପରବର୍ତ୍ତୀ ସମୟରେ ତାଙ୍କ ପିଲାଙ୍କର ଏବଂ ଗୋରୁଙ୍କର ବି ମୃତ୍ୟୁ ଘଟିଛି। ଏହାକୁ କେତେକେ କୁସଂସ୍କାର କହୁଥିଲେ ମଧ୍ୟ ଏହାର ରହସ୍ୟ ଏ ପର୍ଯ୍ୟନ୍ତ ଉନ୍ମୋଚନ ହୋଇପାରି ନାହିଁ।

## ଚିରନ୍ତନୀ

ଗଳଇ ରୁଧିରରାଶି ଯନ୍ତ୍ରଣାର କ୍ଷତ ଅବକାଶ
ନିତି ପ୍ରଦୋଷ ଉଷାରେ ସେ ବେଦନା ଲଭଇ ପ୍ରକାଶ
ପରାଚୀ ପ୍ରତୀଚୀ ଭାଲେ ରକତର ରାଗେ,
ବିରହର ଶତ କ୍ଷତ ଦାଗେ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ମାର୍ଚ୍ଚ ୧୯୯୪

- ବୋସନିଆ ମୁସଲିମ୍ ଓ କ୍ରୋଏସୀୟମାନଙ୍କ ମଧ୍ୟରେ ଏକ ରାଷ୍ଟ୍ରସଂଘ ଗଠନ ପାଇଁ ରାଜିନାମା ସ୍ୱାକ୍ଷରିତ।
- ଆର୍ମେନିଆସ୍ଥିତ ନାଗୋର୍ଣ୍ଣୋ–କାରାବାଖ ବିବାଦୀୟ ଅଞ୍ଚଳରେ ସରକାରୀ ସୈନ୍ୟମାନଙ୍କ ସହ ଆଜାରବୈଜାନ ଅଧିବାସୀଙ୍କ ମଧ୍ୟରେ ସଂଘର୍ଷରେ ୭୦ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତେ ଭୋଟ ଦିଅନ୍ତୁ

ମହାଶୟ,

ଯେଉଁ ଭୋଟରମାନେ ଅଭ୍ୟାସଗତ ଭାବେ ଭୋଟ ଦେବାକୁ ଯାଉନାହାନ୍ତି, ମୋ ମତରେ ସେମାନଙ୍କର ସମସ୍ତ ସରକାରୀ ସୁବିଧା ପ୍ରତ୍ୟାହାର କରାଯିବା ଉଚିତ। ଭୋଟ ଦେବାର ସମସ୍ତ ସୁବିଧା ଥିଲେ ମଧ୍ୟ, ଏପରି କି କୌଣସି ପ୍ରାର୍ଥୀ ପସନ୍ଦ ନ ହେଲେ କାହାକୁ ଭୋଟ ନ ଦେବା ବା ନୋଟାରେ ଭୋଟ ଦେବା ବ୍ୟବସ୍ଥା ଥିଲେ ବି କାହିଁକି ଏମାନେ ଭୋଟ ଦେବାକୁ ଯିବେ ନାହିଁ? ଅଥଚ ସରକାରଙ୍କ ସମସ୍ତ ସୁବିଧା ଉପଭୋଗ କରିବେ। ମୋର ଅନୁରୋଧ ସମସ୍ତ ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରନ୍ତୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଶୃଙ୍ଖଳା ଓ ସଂସ୍କାର କେବଳ ଆଲୋଚନାରେ

ଧରିତ୍ରୀ (୧୮।୨)ରେ ଗୋବର୍ଦ୍ଧନ ପୀଠରେ ଶଙ୍କରାଚାର୍ଯ୍ୟଙ୍କ ସଭାପତିତ୍ୱରେ ଶ୍ରୀମନ୍ଦିରରେ ସଂସ୍କାର ଓ ଶୃଙ୍ଖଳା ସମ୍ବନ୍ଧୀୟ ଆଲୋଚନା ଖବର ପ୍ରକାଶ ପାଇଛି। ମୁଖ୍ୟ ପ୍ରଶାସକଙ୍କ ନିକଟରେ ଶଙ୍କରାଚାର୍ଯ୍ୟ ୧୪ଟି ପ୍ରସ୍ତାବ ରଖିଛନ୍ତି ଏବଂ ପ୍ରତି ତିନିମାସରେ ବୈଠକ ବସିବା ନିମନ୍ତେ ସ୍ଥିର ହୋଇଛି। ବ୍ରହ୍ମ ବିଭ୍ରାଟଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ଉପବାସ ରଖିବା ପରି କାର୍ଯ୍ୟ କୋଟି କୋଟି ହିନ୍ଦୁଙ୍କ ଭାବନାରେ କୁଠାରାଘାତ କରିଛି। ଏପରି ବିଶୃଙ୍ଖଳାକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସବୁ ବିଶୃଙ୍ଖଳାର ଶିକାର ହେଉଛନ୍ତି ମହାପ୍ରଭୁ। ସଂସ୍କାର, ଶୃଙ୍ଖଳା ଆଦି ଚର୍ଚ୍ଚାର ବିଷୟ ହୋଇଛି। କିନ୍ତୁ ଫଳ ଶୂନ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜାଗର ଜାଳିଲେ ଶ୍ରଦ୍ଧାଳୁ

ଢେଙ୍କାନାଳ ଅଫିସ,୪।୩

ଢେଙ୍କାନାଳ ସହରର ବିଭିନ୍ନ ଶୈବପୀଠରେ ସୋମବାର ମହାଶିବରାତ୍ରି ଓ ଜାଗରଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶୈବପୀଠଗୁଡିକରେ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ଲାଗିଥିଲା। ସହରସ୍ଥିତ କଲେଜ ବାଇପାସ, ମହିଷାପାଟ, କୁଞ୍ଜକାନ୍ତ, ଗୁଡିଆନାଳି, ଅମଲାପଡା, ଦୁର୍ଗାବଜାର ଛକ, ବଳରାମ ମନ୍ଦିର, ଯାଉଁଳିପୋଖରୀ ମଠ, ଦେଉଳସାହି ଜୁବୁଲିଟାଉନ, କଣ୍ଟାନାଳୀ ବାଇପାସ, କନକଦୁର୍ଗାଙ୍କ ପୀଠ, ନୂଆପୋଖରୀସ୍ଥିତ ଆଖଣ୍ଡଳମଣିଙ୍କ ପୀଠ ଓ ଚିନ୍ମୟ ମିଶନ ପରିସର, ବସଷ୍ଟାଣ୍ଡ, ହାଉସିଂବୋର୍ଡ, ମୁକ୍ତାଦେଈପୁର ଶାସନ, ନୂଆଶାସନ ଛକ, ଦକ୍ଷିଣକାଳୀ ମନ୍ଦିର, ପଦ୍ମବଜାର, ହାଟରୋଡ, କୋରିଆଁସ୍ଥିତ ଶୈବପୀଠଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଆଲୋକମାଳାରେ ମନ୍ଦିରଗୁଡିକୁ ସାଜସଜ୍ଜା କରାଯାଇଥିଲା। ମନ୍ଦିର ପରିସରରେ ସନ୍ଧ୍ୟାପରଠାରୁ ବହୁ ସଂଖ୍ୟାରେ ମହିଳା ମାନସିକ ପୂରଣ ପାଇଁ ଦୀପ ଜାଳି ବସିଥିବା ଦେଖାଯାଇଥିଲା। ରାତି ପ୍ରାୟ ସାଢେ ୧୧ଟା ସୁଦ୍ଧା ଅଧିକାଂଶ ଶୈବପୀଠରେ ମହାଦୀପ ମନ୍ଦିର ଚୂଡାକୁ ଉଠିଥିବା ଜଣାପଡିଛି। ଅନେକ ପୀଠରେ ଜାଗରଯାତ୍ରା ଅବସରରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା।



ନୂଆପୋଖରୀସ୍ଥିତ ଆଖଣ୍ଡଳମଣିଙ୍କ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଦୀପଜାଳି ବସିଛନ୍ତି।

# ରାଜଧାନୀ ଏକ୍ସପ୍ରେସ୍ ରହଣି ନିଷ୍ପତ୍ତିକୁ ସ୍ୱାଗତ

ଢେଙ୍କାନାଳ ଅଫିସ,୪।୩

ଢେଙ୍କାନାଳ ରେଳ ଷ୍ଟେଶନରେ ରାଜଧାନୀ ଏକ୍ସପ୍ରେସ୍ ରହଣି ପାଇଁ ସୋମବାର ଭୁବନେଶ୍ୱରଠାରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଘୋଷଣା କରିଛନ୍ତି। ଏହି ଘୋଷଣାକୁ ଢେଙ୍କାନାଳରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଭାଜପା ପକ୍ଷରୁ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଏହାକୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଦୀର୍ଘଦିନର ଏହି ଦାବିକୁ ପୂରଣ କରିଥିବା ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ରେଳମନ୍ତ୍ରୀ ପୀୟୂଷ ଗୋଏଲ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ସିହ୍ନାଙ୍କୁ ରାଜ୍ୟସଭା ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଓ ପ୍ରସନ୍ନ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେଶଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ନିରୋଜ ନଳିନୀ ମହାଲିକ, ପଦ୍ମଲୋଚନ ସାହୁ ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି।

ପ୍ରତି ସପ୍ତାହର ଶନିବାର ଭୁବନେଶ୍ୱରରୁ ଢେଙ୍କାନାଳ–ଅନୁଗୋଳ ଦେଇ ନୂଆଦିଲ୍ଲୀ ଯାଉଥିବା ରାଜଧାନୀ ଏକ୍ସପ୍ରେସ୍ ଢେଙ୍କାନାଳ ରେଳଷ୍ଟେଶନରେ ରହଣି ପାଇଁ ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଜିଲା କାର୍ଯ୍ୟାଳୟଠାରେ ଧାରଣା ପ୍ରଦାନ କରାଯାଇଥିଲା। ପରେ ଜିଲା ଓକିଲ ସଂଘ ପକ୍ଷରୁ ମଧ୍ୟ ବ୍ୟାପକ ଆନ୍ଦୋଳନ ଓ ଢେଙ୍କାନାଳ ବନ୍ଦ ଆଦି ଡାକରା ଦିଆଯାଇଥିଲା। ଟ୍ରେନ୍ ରହଣି ଘୋଷଣା ହେବା ପରେ ଜିଲା ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି।

# ବ୍ରହ୍ମାକୁମାରୀ ପକ୍ଷରୁ ଆଧ୍ୟାତ୍ମିକ ଶୋଭାଯାତ୍ରା




ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ମହାଶିବରାତ୍ରି ଉତ୍ସବ ଅବସରେ ଶୋଭାଯାତ୍ରା।

ଢେଙ୍କାନାଳ ଅଫିସ, ୪।୩

ଢେଙ୍କାନାଳ ସହରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ମହାଶିବରାତ୍ରି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସକାଳେ ସ୍ଥାନୀୟ ଶ୍ରୀରାମ ମଣ୍ଡପଠାରୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଓ ଝାଙ୍କି ସହର ପରିକ୍ରମା କରିଥିଲା। ମୁଖ୍ୟଅତିଥି ଢେଙ୍କାନାଳ–ଅନୁଗୋଳ ଡାକମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ମହାନ୍ତି ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ସାମଲ ଭଗବାନ ଶିବଙ୍କ ଝଣ୍ଡାକୁ ଉତ୍ତୋଳନ କରିଥିଲେ। ଏହି ଅବସରରେ ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବି.କେ. ଉଷା ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲାର ଗୀତା ପାଠଶାଳାରୁ ବହୁ ସଦସ୍ୟ ଯୋଗ ଦେଇଥିଲେ ।







# CLASSIFIED DISPLAY













## ସଂକ୍ଷେପରେ

### ଡିକି ଭାଙ୍ଗି ୨ ଲକ୍ଷ ଲୁଟ୍

ଅନୁଗୋଳ ଅଫିସ, ୪।୩- ଅନୁଗୋଳ ମହିଳା ମହାବିଦ୍ୟାଳୟ ନିକଟରେ ବ୍ୟବସାୟୀ ମହେଶ କୁମାର ସାହୁଙ୍କ ସ୍କୁଟି ଡିକି ଭାଙ୍ଗି ଦୁର୍ବୃତ୍ତମାନେ ମଙ୍ଗଳବାର ୨ ଲକ୍ଷ ୨୦ ହଜାର ଟଙ୍କା ଲୁଟ୍ କରିଛନ୍ତି। ଏ ନେଇ ମହେଶ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ଆଳୁ ପିଆଜ ଗୋଦାମ କରିଥିବା ମହେଶ ରାତି ପ୍ରାୟ ୧୦ଟାରେ ତାଙ୍କ ସ୍କୁଟିରେ ଟଙ୍କା ରଖି ଏକ ହୋଟେଲକୁ ଖାଇବାକୁ ଯାଇଥିବାବେଳେ ଲୁଟ୍ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ବିଜୁ ଜୟନ୍ତୀ ପାଳନ ପ୍ରସ୍ତୁତି

ଅନୁଗୋଳ ଅଫିସ, ୪।୩- ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମଙ୍ଗଳବାର ଅନୁଗୋଳ ବିଜେଡି ପକ୍ଷରୁ ପାଳନ କରାଯିବ। ଦଳୀୟ କାର୍ଯ୍ୟକ୍ରମ ଅନୁଯାୟୀ ମା' ବୁଢ଼ୀ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ବିଜୁ ମଇଦାନ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯିବ। ଅପରାହ୍ନ ୩ଟାରେ ଟାଉନ ହଲ ଠାରେ ଅନୁଗୋଳ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ପଞ୍ଚାୟତ ଓ ପୌରପାଳିକାର ସଦସ୍ୟମାନଙ୍କୁ ନେଇ ସାଧାରଣ ବୈଠକ ଆୟୋଜନ କରାଯିବ। ସେହିପରି ଦଳୀୟ ସୁପ୍ରିମଙ୍କ ନିର୍ଦ୍ଦେଶ ଅନୁଯାୟୀ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମଧ ଶୁଭାରମ୍ଭ କରାଯିବ ବୋଲି ଜଣାପଡିଛି।

### ବାର୍ଷିକ ଉତ୍ସବ ପ୍ରସ୍ତୁତି

ଅନୁଗୋଳ ଅଫିସ, ୪।୩- ଆଗାମୀ ୮ ତାରିଖରେ ଅନୁଗୋଳ ରନ୍ତଲେଇ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ସାତଭଉଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗ୍ରାମ ସଭାପତି ଶରତ ଚନ୍ଦ୍ର ସାସମଲଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାକୁ କିପରି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଗ୍ରାମ ସମ୍ପାଦକ ଅମୂଲ୍ୟ ବେହେରା, ବାବୁଲା ବିଶ୍ୱାଳ, ଅମୂଲ୍ୟ ସାହୁ, ପ୍ରମୋଦ ପରିଡ଼ା, ଅଭିମନ୍ୟୁ ନାୟକ, ଉଦୟ ନାୟକ, ଲକ୍ଷ୍ମଣ ବିଶ୍ୱାଳ, ଜିତେନ୍ଦ୍ର ବେହେରା, ରାଜକିଶୋର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ବଇଣ୍ଡା,୪।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ଗଡେଇମୁଣ୍ଡା ଗ୍ରାମର ଗଣେଶ୍ୱର ପ୍ରଧାନ(୪୫) ରବିବାର ଟ୍ରେନ ଲାଇନରେ ଆତ୍ମହତ୍ୟା କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ଏକ ମାମଲାକୁ ନେଇ କିଛିଦିନ ତଳେ ଗଣେଶ୍ୱରଙ୍କ ନାମରେ କୋର୍ଟ ପକ୍ଷରୁ ଏକ ୱାରେଣ୍ଟ ଜାରି କରାଯାଇଥିଲା। ପୋଲିସ ତାଙ୍କୁ ଗିରଫ କରିବା ପାଇଁ ଘରେ ଚଢାଉ କରିଥିବାବେଳେ ଭାରସାମ୍ୟ ହରାଇ ସେ ରେଳ ଧାରଣାରେ ଆତ୍ମହତ୍ୟା କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ପୋଲିସ କହିଛି।

# ଲୋକଙ୍କ ଆଶାକୁ ନେଇ କାମ କରୁଛି ବିଜେଡି: ଅରୁଣ

ଭୁବନେଶ୍ୱର,୪।୩ (ବ୍ୟୁରୋ)



ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଥିବା ଖବରଦାତା ସମ୍ମିଳନୀ।

ରାଜ୍ୟବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରେ ବିଜେଡି ୨୦୦୦ ମସିହାରୁ ଲୋକମାନଙ୍କ ସେବା କରିଆସୁଛି। ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ସହିତ ଓଡ଼ିଶାର ସ୍ୱାଭିମାନ ଓ ସମ୍ମାନକୁ ବିଜେଡି ଅଗ୍ରାଧିକାର ଦେଇଛି। ବର୍ତ୍ତମାନ ଲୋକମାନଙ୍କ ଭିତରେ ଏହାର ଗ୍ରହଣୀୟତା ବଢ଼ି ବଢ଼ି ଚାଲିଛି, ଯାହା ଆଞ୍ଚଳିକ ଦଳ ପାଇଁ ନିଶ୍ଚିତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଲୋକମାନଙ୍କ ଆଶା ଓ ଭରସାକୁ ନେଇ ବିଜେଡି କାର୍ଯ୍ୟକ୍ରମ କରୁଛି ବୋଲି ଲୋକମାନଙ୍କ ଭରସା ହେଉଛି। ଲୋକମତ ଆଧାରରେ ଦଳ ଜନକଲ୍ୟାଣ କାର୍ଯ୍ୟକ୍ରମ କରିଥାଏ। ଅନେକ ଦଳ ନିର୍ବାଚନ ପୂର୍ବରୁ ଇସ୍ତାହାର ପ୍ରକାଶ କରିଥାନ୍ତି। କେତେଗୁଡିଏ ଦଳ ପାଇଁ ନିର୍ବାଚନ ପରେ ଇସ୍ତାହାରର କୌଣସି ପ୍ରାସଙ୍ଗିକତା ପ୍ରାୟତଃ ନ ଥାଏ। ଏହା କେବଳ ପ୍ରତିଶ୍ରୁତି ପୁସ୍ତିକା ଭାବରେ ନିର୍ବାଚନରେ ବ୍ୟବହୃତ ହୋଇଥାଏ। କିନ୍ତୁ ବିଜେଡି କ୍ଷେତ୍ରରେ ଏହା ଅଲଗା ବୋଲି ବିଜେଡି ମୁଖପାତ୍ର ଅରୁଣ ସାହୁ କହିଛନ୍ତି।

ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁଣ କହିଛନ୍ତି ଯେ,

**■ ଆଜିଠୁ ବିଜେଡିର ନୂଆ ଅଭିଯାନ, ପ୍ରତି ଘରେ ପହଞ୍ଚିବେ ମହିଳା କାର୍ଯ୍ୟକର୍ତ୍ତା**

ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରତିବଦ୍ଧତାର ସହିତ କାର୍ଯ୍ୟକାରୀ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ୨୦୧୪ ନିର୍ବାଚନରେ ବିଜେଡ଼ି ତା'ର ଇସ୍ତାହାରରେ ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ନବନିର୍ବାଚିତ ସରକାର ଗଠନ ହେବାର ପ୍ରଥମ ମନ୍ତ୍ରୀ ପରିଷଦ ବୈଠକରେ ତାକୁ ସଂକଳ୍ପ ଭାବରେ ଗ୍ରହଣ କରି ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଥିଲା। ଏହା ପରଠାରୁ ଇସ୍ତାହାରରେ ଦିଆଯାଇଥିବା ସବୁ ପ୍ରତିଶ୍ରୁତିକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଇଛି। ଏହାକୁ ବିରୋଧୀମାନେ ମଧ ଅସ୍ୱୀକାର କରିପାରିବେ ନାହିଁ। ସାଧାରଣ ଲୋକମାନେ ମର୍ମେ ମର୍ମେ ସରକାରଙ୍କ ପ୍ରଗତିର ସୁଫଳ ଅନୁଭବ କରୁଛନ୍ତି। ସମସ୍ତଙ୍କ ପାଇଁ ବିକାଶ ସହିତ ମହିଳାମାନଙ୍କୁ ଅଗ୍ରାଧିକାର ଦେଇ ବିଜେଡି ସରକାର ରାଜ୍ୟର ପ୍ରଗତି କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି। ସବୁ ଦଳର ଇସ୍ତାହାର ପ୍ରସ୍ତୁତି ଚାଲିଛି ବୋଲି ଅରୁଣ କହିଛନ୍ତି। ଅରୁଣ ଆହୁରି କହିଛନ୍ତି ଯେ, ସବୁବେଳେ ଆମେ ଲୋକମାନଙ୍କ ସହ ରହିଆସିଛୁ। ଏହାକୁ ଆହୁରି ବ୍ୟାପକ କରିବା ପାଇଁ ଏଭଳି ପ୍ରୟାସ ଆରମ୍ଭ ହୋଇଛି। ବିଜେଡି ଇସ୍ତାହାରରେ ଲୋକମାନଙ୍କ ପ୍ରସ୍ତାବ ଓ ପରାମର୍ଶରେ ପ୍ରସ୍ତୁତ ଇସ୍ତାହାର ଲୋକମାନଙ୍କ ନିକଟତର ହେବ । ଏ ନେଇ ମଙ୍ଗଳବାରଠାରୁ ଏକ କାର୍ଯ୍ୟକ୍ରମ "ଘରେ ଘରେ ଶଙ୍ଖ: ମତାମତ ଦିଅନ୍ତି ଆପଣ, ପାଳନ କରନ୍ତି ନବୀନ" ଅଭିଯାନ ଆରମ୍ଭ ହେବ। ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀରୁ ମୁଖ୍ୟମନ୍ତ୍ରୀ ଏହି ଅଭିଯାନ ଶୁଭାରମ୍ଭ କରିବେ। ଏହି ଅଭିଯାନକୁ ବିଜେଡିର କାର୍ଯ୍ୟକର୍ତ୍ତାମାନଙ୍କ ସହ ମହିଳାମାନେ ମିଶି ରାଜ୍ୟର ସମସ୍ତ ୪୬ଲକ୍ଷ ପରିବାର ନିକଟରେ ପହଞ୍ଚିବେ। ଦଳର ମହିଳା କାର୍ଯ୍ୟକର୍ତ୍ତାମାନେ ସବୁ ଘରର ମହିଳାଙ୍କ ନିକଟରୁ ଲୋକଙ୍କ ବାସ୍ତବ ସମସ୍ୟା ସମ୍ପର୍କରେ ବୁଝାଯିବ। ଏହାକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦିଆଯିବ ବୋଲି ଅରୁଣ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାମ୍ପୁରି ମୁଣ୍ଡି**
**ଓଲେଇ ତୁଣ୍ଡି**
**ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ଯିଏ ନିଜ ମୁଣ୍ଡର କେଶ ବିନ୍ୟାସ ପ୍ରତି ଯତ୍ନଶୀଳ ନୁହେଁ ତା'ପକ୍ଷେ ରୋଷେଇ ଘରର ପରିଷ୍କାର ପରିଚ୍ଛନ୍ନତା ତଥା ପବିତ୍ରତା ପ୍ରତି ଦୃଷ୍ଟିଦେବା ଅସମ୍ଭବ ମନେହୋଇଥାଏ। ଏମାନଙ୍କ କାର୍ଯ୍ୟକଳାପ କେବେ ବି ସନ୍ତୋଷଜନକ ହୋଇପାରି ନ ଥାଏ। ସେହିପରି ସବୁବେଳେ ଯିଏ ଲୁଚେଇ ଛପେଇ ଖାଦ୍ୟ ଖାଇଥାଏ ସେ କେବେ ଭରସାଯୋଗ୍ୟ ହୋଇପାରୁ ନ ଥିବା ସ୍ଥଳେ ତାଙ୍କ ହାତରେ ହାଣ୍ଡିଶାଳର ଦାୟିତ୍ୱ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝୁପୁ ଝୁପୁ ପାଣି ପଥର କାଟେ**
**ଟୁପୁଟୁପୁ କଥା ଅନ୍ତର କାଟେ ।**

ଝୁପୁ ଝୁପୁ ହୋଇ ଗଳି ପଡୁଥିବା ପାଣି ଯୋଗୁ ପଥରରେ କ୍ଷୟ ଘଟିଥାଏ। କଥାରେ ଅଛି ଧୀର ପାଣି ପଥର କାଟେ। ସେହିପରି ଚୁପ୍‌ଚାପ୍ କଥା ଶୁଣିଲେ ଅନ୍ତରକୁ ଏହା ଖୁବ୍ ବାଧିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଭୂତଳ ଜଳ ଭଣ୍ଡାର ଉଦ୍‌ଘାଟନକୁ ବିରୋଧ



ଜଳଭଣ୍ଡାର ଫାଟକରେ ତାଲା ପକାଯାଉଛି।

ବଅଁରପାଳ, ୪।୩ (ଡି.ଏନ୍.ଏ.)-

ବଅଁରପାଳ ବ୍ଲକ ବଳରାମପ୍ରସାଦର ଭାଲୁଦରି ସାହିଠାରେ ଏକ ନୂତନ ଭୂତଳ ଜଳ ଭଣ୍ଡାର ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସୋମବାର ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏପରି କି ଲୋକମାନେ ଫାଟକ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ନାଏବ ସରପଞ୍ଚ ଦୁଷ୍ମନ୍ତ ସାହୁ, ୱାର୍ଡ ସଭ୍ୟା ରଶ୍ମିତା ସାହୁ, କେଶବ ସାହୁ, କର୍ପୁର ସାହୁ ପ୍ରମୁଖ ସାମିଲ ଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଲୋକମାନେ ଏ ପର୍ଯ୍ୟନ୍ତ ପାନୀୟ ଜଳ ପାଇ ପାରିନାହାନ୍ତି। କାର୍ଯ୍ୟରତ ଜଗୁଆଳିଙ୍କୁ ଠିକ୍ ଭାବେ ଦରମା ଦିଆଯାଉ ନାହିଁ। ବହୁ ଜାଗାରେ ପାଇପ୍ ବିଛାଯାଇ ନାହିଁ। ଏଭଳି ସ୍ଥଳେ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବାରୁ ତାହାକୁ ଲୋକେ ବିରୋଧ କରିଥିଲେ। ଫଳରେ ଉଦ୍‌ଘାଟନ କାର୍ଯ୍ୟ ହୋଇପାରି ନ ଥିଲା।

## ■ ୧୦୮ ଉତ୍ତରଖାତା ଗାଏବ୍ ଘଟଣା

# ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୨ ନିଲମ୍ବିତ, ୫ ଗିରଫ

ମାଲକାନଗିରି/ପଡିଆ, ୪।୩ (ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆସ୍ଥିତ ଏସଏସଡି ଆଶ୍ରମ ବିଦ୍ୟାଳୟରେ ଶନିବାର ହୋଇଥିବା ଗଣିତ ପରୀକ୍ଷାର ୧୦୮ ଉତ୍ତରଖାତା ଗାଏବ୍ ଘଟଣାରେ ସୋମବାର ୨ ଜଣଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ପରୀକ୍ଷାକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନଶିକ୍ଷକ ବିଦ୍ୟୁତ୍ କୁମାର ପାତ୍ର ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶତ୍ରୁଘ୍ନ ସ୍ୱାଇଁ। ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ ପଣ୍ଡା ଉଭୟଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। ଏହି ଘଟଣାରେ ଉପରୋକ୍ତ ୨ ବ୍ୟକ୍ତିଙ୍କ ସମେତ ୫ଜଣଙ୍କୁ ସୋମବାର ଗିରଫ କରାଯାଇଛି। ଏନେଇ ଆଇପିସି ୩୭୯,୧୨୦ (ବି) ଦଫାରେ ଏକ ମାମଲା (୧୭/୧୯) ରୁଜୁ ହୋଇଛି। ଗିରଫ ବ୍ୟକ୍ତିମାନେ ହେଲେ ପ୍ରଧାନଶିକ୍ଷକ ପାତ୍ର, ଶତ୍ରୁଘ୍ନ ସ୍ୱାଇଁ, ସନ୍ଦୀପ କୁମାର ସାହୁ, ସୁପ୍ରିୟା ସେଠୀ ଏବଂ ଗଠନପାଲିସ୍ଥିତ ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳନ୍ଧର ବେହେରା। ସମସ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ। ସୂଚନାଯୋଗ୍ୟ ଯେ, ଶନିବାର ଉକ୍ତ ବିଦ୍ୟାଳୟରେ ୧୨୦ ଛାତ୍ରୀଛାତ୍ର ଗଣିତ ବିଷୟରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ ସନ୍ଧ୍ୟାରେ ଖାତାଗୁଡିକୁ ଥାନାରେ ଜିମା ଦେବାପାଇଁ ନିୟମ ଥିଲେ ମଧ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରି ସେଦିନ ଖାତା ଥାନା ଜିମା ନ ଦେଇ ଟେବୁଲ ଡ୍ରରେ ରଖିଥିଲେ। ରବିବାର ଏଥିରୁ ୧୦୮ଟି ଉତ୍ତର ଖାତା ଗାଏବ୍ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ଘଟଣାର ଛାନ୍‌ଭିନ୍ ଆରମ୍ଭ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଏସ.ପି.ଉଦ୍ଧବ ଚରଣ ନାୟକ, ପଡ଼ିଆ ଥାନା ଭାରପ୍ରାପ୍ତ ନିରୀକ୍ଷକ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଏସପି ଜଗମୋହନ ମୀନା ମଧ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ।

# ଲେହେଙ୍ଗାରେ ନିଆଁ ଲାଗି ମହିଳା ଗୁରୁତର

**ଶିବରାତ୍ରିରେ ଅଘଟଣ**

ବାରିପଦା ଅଫିସ, ୪।୩

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଦେବଶୋଳଠାରେ ଥିବା ବୁଢେଶ୍ୱର ମନ୍ଦିରକୁ ଅଞ୍ଜଳି ବାନାର୍ଜି ନାମକ ମହିଳା ପୂଜା କରିବାକୁ ଆସି ଦୁର୍ଘଟଣାର ଶିକାର ହୋଇଛନ୍ତି। ମନ୍ଦିରରେ ଜଳୁଥିବା ଅଖଣ୍ଡ ଦୀପରୁ ନିଆଁ ତାଙ୍କ ଲେହେଙ୍ଗାରେ ଲାଗିଯିବାରୁ ତାଙ୍କ ଶରୀରର ୪୦ ଭାଗ ପୋଡିଯାଇଛି। ଫଳରେ ସେ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର କରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅଞ୍ଜଳିଙ୍କ ଘର ରାସଗୋବିନ୍ଦପୁର ଗ୍ରାମରେ।

# ପୋଲିସ ହେପାଜତରୁ ନାବାଳକ ଅଭିଯୁକ୍ତ ଚମ୍ପଟ

ବାରିପଦା ଅଫିସ, ୪।୩

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନାରେ ହୋଇଥିବା ଏକ ଚୋରି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଜଣେ ନାବାଳକ ଅଭିଯୁକ୍ତଙ୍କୁ ବାରିପଦା ଟାଉନ ପୋଲିସ ସୋମବାର କିଶୋର ନ୍ୟାୟବୋର୍ଡର ଜଜ୍ ଶାନ୍ତନୁ କୁମାର ଦାସଙ୍କ କୋର୍ଟରେ ହାଜର କରାଇଥିଲା। ସେଠାରୁ ଫେରୁଥିବା ବେଳେ ଉକ୍ତ ନାବାଳକ ୨ଜଣ ପୋଲିସ ଏସକଟଙ୍କୁ ଚକ୍‌ମା ଦେଖାଇ ଚମ୍ପଟ ମାରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଉକ୍ତ ନାବାଳକ ଧରାପଡ଼ି ନ ଥିବା ଜଣାଯାଇଛି।

ବାରିପଦା ଟାଉନ ଥାନାରେ ପୂର୍ବରୁ ମୋବାଇଲ ଚୋରି ସମ୍ପର୍କିତ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବାରିପଦା ଟାଉନ ଥାନା ଅଧୀନ ୧୯ନମ୍ବର ୱାର୍ଡର ଜଣେ ୧୭ବର୍ଷର ନାବାଳକ ସମ୍ପୃକ୍ତ ରହିଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏନେଇ ପୋଲିସ ଉକ୍ତ ନାବାଳକଙ୍କୁ ନିଜ ହେପାଜତକୁ ନେଇଥିଲା। ସୋମବାର ବାରିପଦା ଟାଉନ ପୋଲିସ ଉକ୍ତ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡର ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜଜ୍ ଉକ୍ତ ନାବାଳକଙ୍କୁ ଅନୁଗୁଳସ୍ଥିତ ବାଳସୁଧାର ଗୃହକୁ ପଠାଇଥିଲେ। ତେବେ ସେଠାରୁ ଫେରୁଥିବା ବେଳେ ଉକ୍ତ ନାବାଳକ ଫେରାର ହୋଇଯାଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ବନ୍ଧୁକ ମୁନରେ ପେଟ୍ରୋଲ ପମ୍ପରୁ ଲୁଟ୍

ବଡବିଲ, ୪। ୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ପୁଣି ବନ୍ଧୁକ ମୁନରେ ଲୁଟ। ଫେବୃୟାରୀ ୧୫ରେ ବଡ଼ବିଲ ସହର ଆଲ୍ଲାହାବାଦ ବ୍ୟାଙ୍କରେ ସୁରକ୍ଷାକର୍ମୀ ଏବଂ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ଲୁଟ୍ ଘଟଣାର ପର୍ଦ୍ଦାଫାଶ ଏଯାଏ ହୋଇପାର ନ ଥିବାବେଳେ ପୁଣି ରବିବାର ଓ ସୋମବାର ମଧ ରାତିରେ ସେରେଣ୍ଡାସ୍ଥିତ ରିଲାଏନ୍ସ ପେଟ୍ରୋଲ ପମ୍ପରୁ ବନ୍ଧୁକ ମୁନରେ ଲୁଟ ହୋଇଛି। ଲୁଟେରାମାନେ ନଗଦ ୩୮ ହଜାର ଟଙ୍କା ଓ ୨ଟି ମୋବାଇଲ ଲୁଟିନେଇଛନ୍ତି। ଏହି ଘଟଣା ପୋଲିସର ନିଦ ହଜାଇ ଦେଇଛି।

ସିସି କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ, ରାତ୍ରି ପ୍ରାୟ ୧୨ଟା ୨୫ ମିନିଟରେ ୪ ଜଣ ଦୁର୍ବୃତ୍ତ ବନ୍ଧୁକ ଧରି ପେଟ୍ରୋଲ ପମ୍ପ ଅଫିସରେ ପଶିଥିଲେ। ସେଠାରେ ନିୟୋଜିତ ସୁରକ୍ଷାକର୍ମୀ ସୁବାସ ଚନ୍ଦ୍ର ସାହୁ ଅଫିସ ଭିତରେ ଏକ ଚୌକିରେ ବସି ଢୁଳାଉଥିଲାବେଳେ ଦୁର୍ବୃତ୍ତମାନେ ତାଙ୍କଠାରୁ ବନ୍ଧୁକ ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ଫଳରେ ଧସ୍ତାଧସ୍ତି ହୋଇଥିଲା। ସୁରକ୍ଷାକର୍ମୀଙ୍କ ବନ୍ଧୁକରୁ ଗୁଳି ଫୁଟି କାନ୍ଥରେ ବାଜିଥିଲା। ଫଳରେ ଦୁର୍ବୃତ୍ତମାନେ ସୁବାସଙ୍କୁ ମାଡ଼ ମାରିବାସହ ସେଲସମ୍ୟାନ ଲକ୍ଷ୍ମୀଧର ମହାନ୍ତି ଓ ସଞ୍ଜୟ ସାହୁଙ୍କଠାରୁ ନଗଦ ୩୮ ହଜାର ଟଙ୍କା ସହ ଏକ ମୋବାଇଲ ନେଇ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ୩ ଜଣ ଦୁର୍ବୃତ୍ତ ଅଫିସରେ ପଶିଥିଲାବେଳେ ଜଣେ ବାହାରେ ଅପେକ୍ଷା କରି ରହିଥିଲେ। ତେବେ ଅଫିସରେ ପଶିଥିବା ଦୁଇଜଣ ଦୁର୍ବୃତ୍ତ ମୁହଁ କପଡ଼ାରେ ଘୋଡାଇଥିଲାବେଳେ ଜଣଙ୍କର ଖୋଲାଥିଲା। ଦୁର୍ବୃତ୍ତମାନେ ଲୁଟ ପରେ ଅଫିସ ଆଇଟି କଣ୍ଟ୍ରୋଲ ରୁମରେ ସୁରକ୍ଷାକର୍ମୀ ଏବଂ ସେଲସମ୍ୟାନଙ୍କୁ ବାହାରୁ ବନ୍ଦ କରି ଚମ୍ପଟ ମାରିଥିଲେ। ପମ୍ପ କର୍ମଚାରୀ ଗୋପାଳ ମହାକୁଡ଼ ଘଟଣା ସମ୍ପର୍କରେ ଜାଣି ବନ୍ଦ ଦୁଇ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ସୋମବାର ପୂର୍ବାହ୍ନରେ ବଡବିଲ ଥାନାରେ ଅଭିଯୋଗ ହୋଇଥିଲା। ଅପରାହ୍ନରେ ବଡବିଲ ନୂତନ ଏସଡିପିଓ ଦିଲ୍ଲୀପ ବାଗ, ବଡ଼ବିଲ ଥାନା ନୂତନ ଆଇଆଇସି ସୁଶାନ୍ତ ଦାଶ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପେଟ୍ରୋଲ ପମ୍ପରେ ଲାଗିଥିବା ସିସି କ୍ୟାମେରାର ଫୁଟେଜକୁ ପୋଲିସ ତନ୍ନତନ୍ନ କରି ଅନୁଧ୍ୟାନ କରିବା ସହ ଦୁଇ କର୍ମଚାରୀଙ୍କୁ ନେଇ ପଚରାଉଚରାଜାରିରଖିଛି।



ପେଟ୍ରୋଲ ପମ୍ପରେ ଲୁଟ ପରେ ପୋଲିସର ତଦନ୍ତ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟିଂ, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ ।ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

## ସଂକ୍ଷେପରେ

### ସହଳ ଉଠିଲା ଶ୍ରୀଲିଙ୍ଗରାଜଙ୍କ ମହାଦୀପ

**ରାତି ରାତି ୧୦ଟା ପରିବର୍ତ୍ତେ ୯ଟା ୨୪ରେ ଉଠିଥିଲା**



ପୁରୁଣା ଭୁବନେଶ୍ୱର,୪।୩(ଡି.ଏନ୍.ଏ.) ସୋମବାର ମହାଶିବରାତ୍ରି ଅବସରରେ ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ସୃଷ୍ଟି ହୋଇଥିଲା ଆଧାତ୍ମିକ ପରିବେଶ। ବିଶେଷ କରି ଏକାମ୍ର କ୍ଷେତ୍ରରେ ଶିବ ଆରାଧାନ ପାଇଁ ଲୋକଙ୍କ ମଧ୍ୟରେ ଥିଲା ନିଆରା ଭାବ। ଶ୍ରଦ୍ଧାଳୁଙ୍କ ଦିନ ଓ ରାତିତମାମ ଶିବ ପଞ୍ଚାକ୍ଷର 'ଓଁ ନମଃ ଶିବାୟ' ମନ୍ତ୍ରରେ ଶ୍ରୀଲିଙ୍ଗରାଜ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ମନ୍ଦିର ପରିସରରେ ଭକ୍ତମାନେ ଭକ୍ତିର ଦୀପ ଜାଳି ଉଜାଗର ରହିଥିଲେ। ହେଲେ ଶିବ ସ୍ତୁତି ମଧ୍ୟରେ ସମସ୍ତଙ୍କ ଅପେକ୍ଷା ଥିଲା ମହାଦୀପ ଉଠିବାକୁ। କିନ୍ତୁ ମହାପ୍ରଭୁ ଲିଙ୍ଗରାଜଙ୍କ ବିଭିନ୍ନ ନୀତି ସହଳ ହେବା ଯୋଗୁ ନିର୍ଦ୍ଧାରିତ ସମୟର ପ୍ରାୟ ଅଧଘଣ୍ଟା ପୂର୍ବରୁ ଅର୍ଥାତ୍ ରାତି ୯ଟା ୨୪ରେ ଉଠିଥିଲା ମହାଦୀପ।

ସୋମବାର ଭୋର ୩ଟାରୁ ହିଁ ଆରମ୍ଭ ହୋଇଥିଲା ଶ୍ରୀଲିଙ୍ଗରାଜଙ୍କ ନୀତି। ସାଢ଼େ ୩ଟା ୩୦ ପର୍ଯ୍ୟନ୍ତ ଆଳତି ଓ ଅବକାଶ ନୀତି ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯାଇଥିଲା। ସକାଳ ୬ଟା ୩୦ରେ ରୋଷହୋମ ଏବଂ ୧୦ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ଛାମୁ ପରିଷାର ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ପୁନଶ୍ଚ ଅପରାହ୍ନ ୩ଟା ୪୫ରୁ ୪ଟା ୪୫ ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ହୋଇଥିଲା। ପ୍ରାୟ ସନ୍ଧ୍ୟା ୭ଟାରୁ ୭ଟା ୧୦ମଧ୍ୟରେ ଶ୍ରୀଜୀଉଙ୍କ ପହୁଡ଼ ହୋଇଥିଲା। ସନ୍ଧ୍ୟା ଆଳତି, ଟେରାଫିଟା, ଶେଷ ହୋଇ ଠାକୁରଙ୍କୁ ମାଜଣା ଓ ବେଶ ରାତି ୮ଟା ୧୦ରେ ଶେଷ ହୋଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ବଢ଼ି ଚାଲିଥିଲା। ରାତି ୧୦ଟାରେ ମହାଦୀପ ଉଠିବା ପାଇଁ ସମୟ ନିର୍ଦ୍ଧିଷ୍ଟ ହୋଇଥିଲା। କିନ୍ତୁ ରାତି ୯ଟା ୨୪ ମିନିଟ୍‌ରେ ଯୋଗେନ୍ଦ୍ର ସମର୍ଥା ଅନ୍ୟ ୪ ସେବାୟତଙ୍କ ସହ ମହାଦୀପ ଧରି ମନ୍ଦିରରୁ ଚୂଡାକୁ ଉଠିଥିଲେ। ମହାଦୀପ ସହ କଳସ ଚାରିପଟେ ତିନି ଥର ପରିକ୍ରମା କରିବା ପରେ ଚୂଡାରେ ମହାଦୀପ ସ୍ଥାପନ କରିଥିଲେ। ଦିନତମାମ ଉପବାସ ରହି ମନ୍ଦିର ପରିସରରେ ଜାଗର ଜାଳି ଅପେକ୍ଷା କରି ରହିଥିବା ଶ୍ରଦ୍ଧାଳୁମାନେ ସହଳ ମହାଦୀପ ଦର୍ଶନ କରି ସନ୍ତୋଷ ଲାଭ କରିଥିଲେ।

ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡରେ ପ୍ରବେଶ ବ୍ୟବସ୍ଥା ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ୨୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଚଳିତବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ମହାଦୀପ ଉଠିବାରୁ ସେବାୟତଙ୍କ ସହ ମନ୍ଦିର ପ୍ରଶାସନକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମସ୍ତ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ପାଗ ସେତେ ପ୍ରତିକୂଳ ନ ଥିଲେ ମଧ ଗୁଳୁଗୁଳିରେ କେତେଜଣ ମହିଳା ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବିଏମ୍‌ସି ହସ୍ପିଟାଲ ଏବଂ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା।

### ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

ଡାବୁଗାଁ, ୪।୩(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଟାଙ୍ଗିଣୀ ଗ୍ରାମରେ ରବିବାର ରାତିରେ ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି। ମୃତ ପ୍ରେମୀଯୁଗଳ ହେଲେ ଡାବୁଗାଁ ଥାନା ଅଧୀନ ଟାଙ୍ଗିଣୀ ଗ୍ରାମର କୁମାରୀ ଜାନୀ(୧୯) ଓ ସୁନାଧର ଜାନୀ (୧୮)। ରବିବାର ରାତିରେ କୁମାରୀ ଓ ସୁନାଧର ଗ୍ରାମ ପାଖ ଟାଙ୍ଗିଣୀ ପାହାଡର ଏକ ଗଛରେ ଉଭୟ ବେକରେ ଶାଢି ବାନ୍ଧି ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ପାହାଡକୁ ଯାଇଥିବା ଗ୍ରାମର କିଛି ଲୋକ ଗୋଟିଏ ଗଛରେ କୁମାରୀ ଓ ସୁନାଧରଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ଉଭୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏ ନେଇ ସୁନାଧରଙ୍କ ଭାଇ ହଲଧର ଡାବୁଗାଁ ଥାନାରେ ଏତଲା ଦେବା ପରେ ସବଇନ୍ସପେକ୍ଟର ରଙ୍କନିଧି ସାହୁ ଓ ଫକୀର ମୋହନ ଖୋରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେମାନେ ସମ୍ପର୍କୀୟ ଭଉଣୀଭାଇ ହୋଇଥିବାରୁ ଉଭୟଙ୍କ ପ୍ରେମ ସମ୍ପର୍କକୁ ପରିବାର ଲୋକେ ସ୍ୱୀକୃତି ଦେଇ ନ ଥିଲେ।

# ସମ୍ବଲପୁର ଯାଏ ଚାଲିବ ଗଣ୍ଡୱାନା ଏକ୍ସପ୍ରେସ



- ବିଭିନ୍ନ ରେଳ ପ୍ରକଳ୍ପର ଲୋକାର୍ପଣ କଲେ ରେଳ ରାଷ୍ଟ୍ରମନ୍ତ୍ରୀ
- ସପ୍ତାହକୁ ୩ ଦିନ ଚାଲିବ ସମ୍ବଲପୁର-ହାୱଡ଼ା ଏକ୍ସପ୍ରେସ
- ଢେଙ୍କାନାଳରେ ରହିବ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ
- କଣାସଠାରେ ପୁରୀ-ପାରାଦୀପ ଏବଂ ପୁରୀ-ବଡବିଲ ଏକ୍ସପ୍ରେସ୍
- ରାଜ୍ୟରେ ୧୦୦ ନୂଆ ଟାୱାର ବସାଇବ ବିଏସ୍‌ଏନ୍‌ଏଲ୍
- ଗ୍ରାମୀଣ ବ୍ରଡବ୍ୟାଣ୍ଡ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ

ଭୁବନେଶ୍ୱର,୪।୩(ବ୍ୟୁରୋ)

ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ସୋମବାର ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ରେଲୱେ ତଥା ରାଜ୍ୟର ଅନ୍ୟାନ୍ୟ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ସେ ଭିଡ଼ିଓ କନଫରେନ୍ସିଂ ଜରିଆରେ ଭୁବନେଶ୍ୱର, ବ୍ରହ୍ମପୁର ଏବଂ ତାଳଚେର ଷ୍ଟେଶନରେ ବିଭିନ୍ନ ଯାତ୍ରୀ ସୁବିଧାର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହ ଟ୍ରେନର ସମ୍ପ୍ରସାରଣ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଅତିରିକ୍ତ ଟ୍ରେନ ରହଣି ସମ୍ପର୍କରେ ସିହ୍ନା ଘୋଷଣା କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଷ୍ଟେଶନରେ ନୂଆ ଏକ୍ସାଲେଟର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବ୍ରହ୍ମପୁର ଷ୍ଟେଶନରେ ନୂଆ ଏକ୍ସାଲେଟର ଏବଂ ଫୁଟ୍ ଓଭରବ୍ରିଜ ସୁବିଧାକୁ ସେ ଲୋକାର୍ପଣ କରିଛନ୍ତି। ଏହାବାଦ ତାଳଚେର ରେଳଷ୍ଟେଶନ ପରିସରରେ ବିଭିନ୍ନ ଯାତ୍ରୀ ସୁବିଧା ଆରମ୍ଭ ହୋଇଛି। ହଜରତ ନିଜାମୁଦ୍ଦିନ-ରାଇଗଡ ଗଣ୍ଡୱାନା ଏକ୍ସପ୍ରେସକୁ ସମ୍ବଲପୁର ଯାଏ ଚଳାଚଳ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏହା ଭାୟା ଝାରସୁଗୁଡା ଦେଇ ସମ୍ବଲପୁର ଯାଏ ଚଳାଚଳ କରିବ। ସମ୍ବଲପୁର-ହାୱଡା ଏକ୍ସପ୍ରେସ ଭାୟା ସମ୍ବଲପୁର ଏବଂ ଭଦ୍ରକ ସାପ୍ତାହିକ ଗୋଟିଏ ଦିନ ପରିବର୍ତ୍ତେ ୩ ଦିନ ଚାଲିବ ବୋଲି ଘୋଷଣା କରାଯାଇଛି।

ସେହିଭଳି ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଭାୟା ଅନୁଗୋଳ ଦେଇ ଯିବାକୁ ଥିବା ବେଳେ ଏହା ଢେଙ୍କାନାଳଠାରେ ରହଣି ବ୍ୟବସ୍ଥା କରାଯାଇଛି। ହାୱଡା-ଏସ୍‌ଏସ୍‌ପିଏନ୍ ଏକ୍ସପ୍ରେସ ଏବଂ ହଳଦିଆ-ଚେନ୍ନାଇ ଏକ୍ସପ୍ରେସ୍ ବାଲେଶ୍ୱରଠାରେ ରହିବ। ହାୱଡ଼ା-କନ୍ୟାକୁମାରୀ ଏକ୍ସପ୍ରେସ ଭଦ୍ରକଠାରେ, ପୁରୁଲିଆ ଭିଲୁପୁରମ ଏକ୍ସପ୍ରେସ ଜଳେଶ୍ୱରଠାରେ, ପୁରୀ-ପାରାଦୀପ ଏବଂ ପୁରୀ-ବଡବିଲ ଏକ୍ସପ୍ରେସ୍ କଣାସ ରୋଡଠାରେ, ହାୱଡା-ପୁରୀ ଧଉଳି ଏକ୍ସପ୍ରେସ ମାର୍କୋଣାଠାରେ, ପୁରୀ-ନୂଆଦିଲ୍ଲୀ ନୀଳାଚଳ ଏକ୍ସପ୍ରେସ ଏବଂ କେନ୍ଦୁଝରଗଡ-ଭୁବନେଶ୍ୱର ପାସେଞ୍ଜର ଧାନମଣ୍ଡଳ ରେଳ ଷ୍ଟେଶନଠାରେ ରହିବ।

ଏହାବାଦ ସିହ୍ନା ଲୋକାର୍ପଣ କରିଥିବା ପ୍ରକଳ୍ପ ମଧ୍ୟରେ ୨୮୦ ଗ୍ରାମୀଣ ୱାଇଫାଇ ହଟସ୍ପଟ ଏବଂ ଜଗତସିଂହପୁର ଜିଲାର ୧୦୦ ଗ୍ରାମ ପଞ୍ଚାୟତରେ ସ୍ଥାପିତ କମନ ସର୍ଭିସ ସେଣ୍ଟର (ସିଏସ୍‌ସି)ର ୱାଇଫାଇ ଚୌପାଲ ପ୍ରକଳ୍ପ ରହିଛି। ରାଜ୍ୟରେ ବିଏସ୍‌ଏନ୍‌ଏଲ୍‌ର ୧୦୦ ନୂଆ ଟାୱାର ବସାଇବା ତଥା ଗ୍ରାମାଞ୍ଚଳରେ ବ୍ରଡବ୍ୟାଣ୍ଡ ଲାଗି ପ୍ରଦାନ କରାଯାଇଥିବା ୫୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟର ୪୦୦ ୨-ଜି ଭିତ୍ତିକ ଟ୍ରାନ୍ସମିଶନ ଷ୍ଟେଶନ, ୪୮୦ ୩ଜି ଟ୍ରାନ୍ସମିଶନ ଷ୍ଟେଶନ, ୭୦୮ ସାଇଟ୍‌ରେ କମ୍ପ୍ରିହେନ୍ସିଭ ପର୍ଲ ଆର୍କାଇଭ ନେଟ୍‌ୱର୍କ ଏବଂ ବିଏସ୍‌ଏନ୍‌ଏଲ୍ ଲାଗି ମଲ୍ଟି ପ୍ରୋଟୋକଲ୍ ବେଭଲ ସ୍ୱିଚିଂ ଟ୍ରାନ୍ସପୋର୍ଟ ବେସ୍‌ଡ ପ୍ୟାକେଟ ଆଗ୍ରିଗେଶନ ନେଟ୍‌ୱର୍କର ଏହି ଅବସରରେ ଲୋକାର୍ପଣ କରାଯାଇଛି। ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ଦେବଗଡ ସହରରେ କମ୍ୟୁନିଟି ସେଣ୍ଟର ଫର କଲଚରାଲ ହଲ, ଦେବଗଡ ଅଦାସଠାରେ ପଞ୍ଚାୟତ ହାଇସ୍କୁଲ ଏବଂ ପ୍ରାଥମିକ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟ,ପୁରୁଣାଗଡଠାରେ ପବ୍ଲିକ ପାର୍କ ଏବଂ ବଣିଆ ସାହିଠାରେ ଉନ୍ନତିମୂଳକ ପ୍ରକଳ୍ପମାନ ସାମିଲ ରହିଛି।

ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ ୨୫୬ କମନ ସର୍ଭିସ ସେଣ୍ଟରରେ ସାନିଟାରି ନାପକିନ ପ୍ରସ୍ତୁତି ମେଶିନର କାର୍ଯ୍ୟାରମ୍ଭ କରିଥିଲେ। ଆଉ ୨୫୦ ମେଶିନ ଲଗାଇବା ଲାଗି ବ୍ୟବସ୍ଥା ରହିଥିବା ସେ ସୂଚନା ଦେଇଛନ୍ତି। ଏପରି ଭାବେ ନୂଆ ୫୦୬ ମେଶିନ ଲଗାଇବାକୁ ଯୋଜନା ରହିଥିବା ସେ କହିଛନ୍ତି। ୨୦୦୦ କମନ ସର୍ଭିସ ସେଣ୍ଟରକୁ ଏଲପିଜି ଉପକେନ୍ଦ୍ର ଭାବେ ଘୋଷଣା କରାଯାଇଥିବା ସେ କହିଛନ୍ତି। ଏଥିଲାଗି ତୈଳ ବିପଣନ କମ୍ପାନୀ ଏବଂ ସିଏସ୍‌ସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ସେ ସୂଚନା ଦେଇଛନ୍ତି।




ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ କେନ୍ଦ୍ର ରେଳରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନାଙ୍କୁ ଭୁବନେଶ୍ୱରଠାରେ ବିରୋଧ ପ୍ରଦର୍ଶନ କରାଯାଉଛି।

# କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା ଅଭିଯୋଗ

ବରଗଡ଼ ଅଫିସ୍/ଅତାବିରା,୪।୩

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଖରମୁଣ୍ଡା ଗ୍ରାମରେ ଫସଲକ୍ଷତି ଓ ଋଣବୋଝ ଯୋଗୁ ଜଣେ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଚାଷୀ ଜଣକ ହେଲେ ଉକ୍ତ ଗ୍ରାମର ଶୁଭ ରଣା (୬୫)। ଏ ନେଇ ଅତାବିରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି।

ସୂଚନା ଅନୁସାରେ, ଶୁଭ ସମୁଦାୟ ୫ଏକର ଜମିରେ ଧାନଚାଷ କରିଥିଲେ। ସେଥିରୁ ତାଙ୍କ ନିଜର ୨ଏକର ଏବଂ ୩ ଏକର ଭାଗଚାଷ କରୁଥିଲେ। ସ୍ଥାନୀୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତିରୁ ଲକ୍ଷାଧିକ ଟଙ୍କା ଋଣ ଆଣି ଚାଷକାର୍ଯ୍ୟରେ ବିନିଯୋଗ କରିଥିଲେ । କ୍ରମାଗତ ୨/୩ବର୍ଷ ହେବ ଫସଲକ୍ଷତି ହୋଇଆସୁ ଥିବାରୁ ସେ ଋଣ ପରିଶୋଧ କରି ନ ପାରି ଚିନ୍ତିତ ଥିଲେ ବୋଲି ମୃତ ଚାଷୀଙ୍କ ପୁଅ ଗଣେଶ କହିଛନ୍ତି। ଏଭଳି ସ୍ଥିତିରେ ଗତ ମାସ ୨୮ତାରିଖରୁ ଶୁଭ ଘରୁ ବାହାରକୁ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ କୌଣସି ସନ୍ଧାନ ନ ମିଳିବାରୁ ଅତାବିରା ଥାନାରେ ଲିଖିତ ଭାବେ ଜଣାଇଥିଲେ। ସୋମବାର ସକାଳେ ଗ୍ରାମ ନିକଟ ଆମଝରର ଜଙ୍ଗଲରେ ଶୁଭଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହ ପାଖରେ ଏକ କୀଟନାଶକ ବୋତଲ ପଡ଼ିଥିବାରୁ ଫସଲହାନି ଓ ଋଣବୋଝ ଯୋଗୁ ତାଙ୍କ ବାପା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ବୋଲି ଗଣେଶ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏ ନେଇ ଅଧିକ ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# ବିଜେଡି କର୍ମୀଙ୍କ ଘରେ ପଶି ଆକ୍ରମଣ: ୩ ଆହତ

**୨୫ ଜଣଙ୍କ ନାଁରେ ମାମଲା**

ତିହିଡ଼ି, ୪।୩ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୌଲତପୁର ପଞ୍ଚାୟତ ଅର୍ଜୁନବିନ୍ଧା ଗ୍ରାମର ବିଜେଡି କର୍ମୀ ବିଷ୍ଣୁପ୍ରସାଦ ରାଉତଙ୍କ ଘରେ ପଶି ବିରୋଧୀ ଦଳର କେତେକ କର୍ମୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ରବିବାର ରାତିରେ ରାଜନୈତିକ ଶତ୍ରୁତାକୁ ନେଇ ଏହି ଆକ୍ରମଣ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣରେ ବିଷ୍ଣୁପ୍ରସାଦଙ୍କ ସମେତ ବାଇବଳ ଗ୍ରାମର ସୋମନାଥ ଓଝା ଏବଂ ଚନ୍ଦ୍ରକାଟବିନ୍ଧା ଗ୍ରାମର ଅନ୍ୟ ଜଣେ ବିଜେଡି କର୍ମୀ ପ୍ରଶାନ୍ତ ଜେନା ଆହତ ହୋଇଛନ୍ତି। ତିହିଡ଼ି ଥାନା ପୋଲିସ ଏହି ଘଟଣାରେ ସନ୍ଥପୁରା ଗ୍ରାମର ବୁଦ୍ଧିରାମ ସେଠୀ, ବଇଁଶୀ ସେଠୀ, ବିନୋଦ ସେଠୀ, ଗଗନ ସେଠୀଙ୍କ ସମେତ ୨୫ଜଣଙ୍କ ନାମରେ ଏକ ମାମଲା (ନଂ.୯୫/୧୯) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ରବିବାର ରାତି ପ୍ରାୟ ୯ଟା ବେଳେ ବିଷ୍ଣୁପ୍ରସାଦଙ୍କ ଘରେ କେତେକ କର୍ମୀ ଦଳୀୟ ଆଲୋଚନା କରୁଥିଲେ। ଏହି ସମୟରେ ମଙ୍ଗଳପୁର ପଞ୍ଚାୟତ ସନ୍ଥପୁରା ଗ୍ରାମର ବିରୋଧୀ ଦଳର କେତେକ କର୍ମୀ ତାଙ୍କ ଘର ଭିତରେ ପଶି ଦୌଲତପୁର ସରପଞ୍ଚଙ୍କ ସ୍ୱାମୀ ପାର୍ଥ ନାୟକଙ୍କ ବେକକୁ ଚିପିଧରି ବିଭିନ୍ନ ଧମକ ଦେଇଥିଲେ। ବିଷ୍ଣୁପ୍ରସାଦ ଓ ପ୍ରଶାନ୍ତ ଏହାର ପ୍ରତିବାଦ କରିବାରୁ ସେମାନେ ଆକ୍ରମଣ କରିଥିଲେ। ଆହତ ବିଷ୍ଣୁପ୍ରସାଦ, ପ୍ରଶାନ୍ତ ଓ ସୋମନାଥଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ବେଆଇନ ବନ୍ଧୁକ କାରଖାନା ଠାବ

## ଆଇଟିଆଇ ଯୁବକଙ୍କ ସମେତ ୩ ଗିରଫ

- ୟୁ ଟ୍ୟୁବ୍ ଦେଖି ଶିଖିଥିଲେ ବନ୍ଧୁକ ତିଆରି କୌଶଳ

ବରଗଡ଼ ଅଫିସ୍, ୪।୩

ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ ବହିଆପଦର ଗ୍ରାମରେ ଏକ ବେଆଇନ ବନ୍ଧୁକ କାରଖାନା ଠାବ ହୋଇଛି। ସୋମବାର ବରଗଡ଼ ସଦର ଥାନା ପୋଲିସ ଏହି କାରଖାନାରେ ଚଢାଉ କରି ୨ଟି ଦେଶୀ ବନ୍ଧୁକ, ଗୋଟିଏ ରିଭଲଭର, ଗୋଟିଏ ପିସ୍ତଲ, ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଏବଂ ଏକ ବାଇକ୍‌କୁ ଜବତ କରିଛି। ଏହି ଘଟଣାରେ ବରପାଲି ଥାନା ବହିଆପଦର ଗ୍ରାମର ଆଇଟିଆଇ ତାଲିମପ୍ରାପ୍ତ ଯୁବକ ଜିତୁ ବିଶ୍ୱାଳ(୨୩), ବରଗଡ଼ ସଦର ଥାନା ଅନ୍ତର୍ଗତ ଏକାମ୍ର ଛକର ମନବୋଧ ଭୁଏ (୨୨) ଏବଂ ଚାରପାଲି ଗ୍ରାମର ବାହାଦୂର ପ୍ରଧାନ(୪୫)ଙ୍କୁ ଗିରଫ କରାଯାଇଛି। ଏ ନେଇ ବରଗଡ଼ ସଦର ଥାନାରେ ଦଫା ୨୫(୧) (ଏ) ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ.୪୬/୧୯) ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି।

ବରଗଡ଼ ସଦର ଥାନା ପୋଲିସ ରବିବାର ରାତିରେ ବରଗଡ଼-ବଲାଙ୍ଗୀର ରାସ୍ତାରେ ଗାଡ଼ିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ଅଭିଯୁକ୍ତ ବାହାଦୁର ଓ ମନବୋଧ ଏକ ବାଇକ୍ ଯୋଗେ ବରପାଲି ପଟୁ ଏକାମ୍ର ଛକ ଅଭିମୁଖେ ଆସୁଥିଲେ। ପୋଲିସ ସେମାନଙ୍କ ବାଇକ୍ ଯାଞ୍ଚ କରିବା ପରେ ବାଇକ୍ ଡିକିରୁ ଏକ ଦେଶୀ ପିସ୍ତଲ ଜବତ କରିଥିଲା। ଏହାପରେ ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଧିକ ପଚରାଉଚୁରା କରିଥିଲା। ଜେରା ବେଳେ ସେମାନଙ୍କଠାରୁ ସୂଚନା ପାଇ ପୋଲିସ ବହିଆପଦର ଗ୍ରାମରେ ଚଢାଉ କରି ମୁଖ୍ୟ ଅଭିଯୁକ୍ତ ଜିତୁଙ୍କୁ ଗିରଫ କରିଥିଲା। ଜେରାବେଳେ ବନ୍ଧୁକ ନିର୍ମାଣ ନେଇ ମୁଖ୍ୟ ଅଭିଯୁକ୍ତ ଜିତୁ ପୋଲିସକୁ ଦେଇଥିବା ବୟାନ ଏଠାରେ ଆଲୋଡ଼ନ ଖେଳାଇ ଦେଇଛି। ଏ ନେଇ ବରଗଡ଼ ଏସଡିପିଓ କ୍ଷୀରସାଗର ନାଏକ କହିଛନ୍ତି, ଜିତୁ ଆଇଟିଆଇ ପଢ଼ିଛନ୍ତି। ସୋସିଆଲ ମିଡ଼ିଆରେ ୟୁ ଟ୍ୟୁବ୍ ଦେଖି ସେ ବନ୍ଧୁକ ପ୍ରସ୍ତୁତି ଉପରେ ଜ୍ଞାନ ଆହରଣ କରିଥିଲେ। ୟୁ ଟ୍ୟୁବ୍‌ରୁ ବନ୍ଧୁକ ତିଆରି ପାଇଁ ଯେଉଁସବୁ କଞ୍ଚାମାଲ ଦରକାର ପଡୁଥିଲା, ତାହା ସଂଗ୍ରହ କରିବା ତାଙ୍କ ପାଇଁ କଷ୍ଟକର ହୋଇ ନ ଥିଲା। ଜିତୁ ନିକଟସ୍ଥ ଏକ ରାଇସ୍ ମିଲରେ କାମ କରୁଥିବାରୁ ସେହି ମିଲ୍‌ରେ ଅବ୍ୟବହୃତ ଭାବେ ପଡ଼ିଥିବା ଲୁହା ସାମଗ୍ରୀ ସଂଗ୍ରହ କରିଥିଲେ ଏବଂ ସେଥିରେ ବନ୍ଧୁକ ତିଆରି କରୁଥିଲେ। ଗତ ପ୍ରାୟ ବର୍ଷେ ହେବ ଜିତୁ ଏହି କାମ ଆରମ୍ଭ କରିଥିଲେ ବୋଲି ଏସଡିପିଓ ନାଏକ କହିଛନ୍ତି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ପୋଲିସ ଗୁରୁତ୍ୱର ସହିତ ନେଇ ଅଧିକ ତଦନ୍ତ ଚଳାଇଥିବା ଏସ୍‌ଡିପିଓ କହିଛନ୍ତି।

ସେହିପରି ଜିତୁ ପୋଲିସକୁ ଦେଇଥିବା ବୟାନ ଅନୁସାରେ, ସେ ବରଗଡ଼ ଘରୋଇ ବସଷ୍ଟାଣ୍ଡ ପଛପଟେ ଥିବା ଆଇଟିଆଇ ପ୍ରତିଷ୍ଠାନରେ ପଢ଼ିଛନ୍ତି। ଗତ ଦୁଇବର୍ଷ ହେଲା ତାଙ୍କ ପାଠପଢ଼ା ସରିଛି। ଚାକିରି ପାଇଁ ଅନେକଥର ଆବେଦନ କରିଥିଲେ। ମାତ୍ର ଚାକିରି ନ ମିଳିବା ଯୋଗୁ ସେ ଏକ ରାଇସ ମିଲରେ କାମ କରୁଥିଲେ ଏବଂ ମୋବାଇଲରେ ୟୁ ଟ୍ୟୁବ୍ ଖେଳୁ ଖେଳୁ ବନ୍ଧୁକ ତିଆରି ଉପରେ ଜ୍ଞାନ ଆହରଣ କରିଥିଲେ। ଗତ ଏକବର୍ଷ ଧରି ସେଠାରେ ଜିତୁ ବନ୍ଧୁକ ତିଆରି କାର୍ଯ୍ୟ ଚଳାଉଥିବା ବେଳେ ଏତେଦିନ ଧରି ରାସ୍ତାକଡରେ ଥିବା ବହିଆପଦର ଗ୍ରାମର ସେହି ବେଆଇନ ବନ୍ଧୁକ କାରଖାନାକୁ ପୋଲିସ କିଭଳି ଠାବ କରି ପାରି ନ ଥିଲା ତାହା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।



ଜବତ ହୋଇଥିବା ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ।

# ସେବାସଦନରୁ ଛାତ୍ରୀ ଗାଏବ

ଜି.ଉଦୟଗିରି,୪।୩(ଡି.ଏନ୍.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରିସ୍ଥିତ ଏକ ସେବାସଦନରୁ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ପରିବାର ଲୋକଙ୍କ ଅଗୋଚରରେ ପୋଷ୍ୟ ଗ୍ରହଣ (ଆଡପ୍‌ଶନ୍) ପାଇଁ କଲିକତା ପଠାଇଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଛାତ୍ରୀଙ୍କ ପିଇସା ଦାରିଙ୍ଗବାଡି ଥାନା ଟେକାବାଡି ଗ୍ରାମର ଶର୍ମା ପ୍ରଧାନ ସୋମବାର ଜି.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ତାଙ୍କ ଝିଆରୀଙ୍କ ବାପା, ମା'ଙ୍କ ମୃତ୍ୟୁପରେ ସିଡବ୍ଲୁସି ଜରିଆରେ ନାବାଳିକାଙ୍କୁ ଜି.ଉଦୟଗିରି ସେବାସଦନରେ ଛାଡିଥିଲେ। ସେ ୨୦୧୫ରୁ ସେଠାରେ ରହି ପଢୁଥିଲେ। ଗତ ୨୭ ତାରିଖରେ ଝିଆରିଙ୍କୁ ଦେଖା କରିବାକୁ ଆସିଥିବାବେଳେ ସେବାସଦନର ନ ଥିବା ଅଧିକାରୀମାନେ କହିଥିଲେ। ଏନେଇ ଫୁଲବାଣୀ ଶିଶୁ ମଙ୍ଗଳ କମିଟିକୁ ଯାଇ ପଚାର ବୋଲି କହିଥିଲେ। ଫୁଲବାଣୀ ଶିଶୁ ମଙ୍ଗଳ କମିଟି ଅଧିକାରୀଙ୍କୁ ଯାଇ ପଚାରିବାରୁ ଝିଅଟିକୁ ଆଡପଶନ୍ ପାଇଁ କଲିକତା ପଠାଯାଇଛି ବୋଲି କହିଥିଲେ। ତାଙ୍କୁ ନ ଜଣାଇ କିପରି ଆଡପ୍‌ଶନ ପାଇଁ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତୁରନ୍ତ ତାଙ୍କ ଝିଆରୀଙ୍କୁ ଫେରାଇ ଆଣିବା ସହ ଆଡପ୍‌ସନ ପାଇଁ ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶର୍ମା ଦାବି କରିଛନ୍ତି। ଏ ନେଇ ଜି. ଉଦୟଗିରି ଥାନା ଏଏସ୍‌ଆଇ ଅହଲ୍ୟା ବେହେରାଙ୍କୁ ପଚାରିବାରୁ, ସିଡବ୍ଲୁସି ଫୁଲବାଣୀକୁ ସେ ତାଙ୍କ ଝିଅରିଙ୍କୁ ହସ୍ତାନ୍ତର କରିଥିଲେ। ମାମଲା ଫୁଲବାଣୀରେ ହେବ ନାଁ ଜି. ଉଦୟଗିରିରେ ସେ ନେଇ ନିଷ୍ପତ୍ତି ହେବା ପରେ ଯାଇ ସେ କିଛି କହିପାରିବେ ବୋଲି କହିଥିଲେ।

# 'ରେଳ ଭିତ୍ତିଭୂମି ବିକାଶରେ ଜମି ବାଧକ'

- କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ରାଜ୍ୟ ସରକାର: ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୩(ବ୍ୟୁରୋ)

ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ର ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ଠିକ୍ ସମୟରେ ଜମି ଅଧିଗ୍ରହଣ ହୋଇପାରୁ ନାହିଁ। ଫଳରେ ରେଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି କେନ୍ଦ୍ର ରେଳ ତଥା ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ସୋମବାର ଅଭିଯୋଗ କରିଛନ୍ତି।

ସ୍ଥାନୀୟ ରେଳ ଅଡିଟୋରିୟମଠାରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ସିହ୍ନା କହିଛନ୍ତି, ଏଠାକାର ବିଭିନ୍ନ ରେଳ ପ୍ରକଳ୍ପ ଲାଗି ପୂର୍ବରୁ ବାର୍ଷିକ ପ୍ରାୟ ୯୦୦ କୋଟି ଟଙ୍କା ମିଳୁଥିଲା। ମାତ୍ର ଗତ ପାଞ୍ଚ ବର୍ଷ ହେବ ବାର୍ଷିକ ହାରାହାରି ୫,୫୦୦ କୋଟି ଟଙ୍କା ରାଜ୍ୟକୁ ପ୍ରଦାନ କରାଯାଉଛି। ଏହି ସମୟ ମଧ୍ୟରେ ରାଜ୍ୟର ରେଳ ପ୍ରକଳ୍ପ ବାବଦକୁ କେନ୍ଦ୍ର ସରକାର ମୋଟ ୨୭,୦୦୦ କୋଟି ଟଙ୍କା ପ୍ରଦାନ କରିଥିବା ସେ ସ୍ପଷ୍ଟ କରିଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପ ଲାଗି ଆବଶ୍ୟକ ହେଉଥିବା ଜମି ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର ଯୋଗାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ ବାବଦକୁ ନୟାଗଡରେ ଅତିରିକ୍ତ ୩୨୭.୯୩ ଏକର, ବୌଦ୍ଧରେ ୨,୦୫୯.୪୩ ଏକର, ସୋନପୁରରେ ୫୨୮.୩୧ ଏକର ଏବଂ ବଲାଙ୍ଗୀରରେ ୩୮.୯୬ ଏକର ଜମିର ଆବଶ୍ୟକତା ରହିଛି। ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ଏହା ପ୍ରଦାନ କରି ନ ଥିବା ସିହ୍ନା କହିଛନ୍ତି। ୨୮୯ କିମି ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ମଧ୍ୟରୁ ଖୋର୍ଦ୍ଧାରୋଡ୍‌ଠାରୁ ନୟାଗଡ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୬୬ କିମି ଏବଂ ବଲାଙ୍ଗୀରଠାରୁ ବିଛୁପାଲି ମଧ୍ୟରେ ୧୫ କିମି ରେଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ପୂର୍ବତଟ ରେଳପଥକୁ ବିଭାଜନ କରି ନୂତନ ଭାବେ ଦକ୍ଷିଣତଟ ରେଳପଥ ଗଠନ ଏବଂ ୱାଲଟିୟର ଡିଭିଜନକୁ ଭାଗ କରିବା ନେଇ ରାଜ୍ୟର ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବିରୋଧ ପ୍ରଦର୍ଶନ ଜାରି ରହିଛି। ରବିବାର ଛାତ୍ର ବିଜେଡି ପକ୍ଷରୁ ପୂର୍ବତଟ ରେଳପଥ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଥିଲା। ସୋମବାର ମଧ କେନ୍ଦ୍ର ମନ୍ତ୍ରୀଙ୍କୁ ବିରୋଧ କରାଯାଇଛି। ଏହାର ପ୍ରତିକ୍ରିୟାରେ ସିହ୍ନା କହିଛନ୍ତି ଯେ, ଓଡ଼ିଶାର କୌଣସି ରେଳ ଲାଇନ ଅନ୍ୟ ଡିଭିଜନ ଅଧୀନରେ ରଖାଯାଇ ନାହିଁ। ଏଣୁ ଏହାକୁ ନେଇ କୌଣସି ଚିନ୍ତାର ଆବଶ୍ୟକତା ନାହିଁ। କେନ୍ଦ୍ର ସରକାର ପୂର୍ବତଟ ରେଳପଥ ଅଧୀନରେ ରାୟଗଡାଠାରେ ଏକ ନୂଆ ରେଳ ଡିଭିଜନ ଗଠନ କରାଯିବ। ଏହା ଦ୍ୱାରା ସେହି ଅଞ୍ଚଳର ବିକାଶ ହୋଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି।

ଆନ୍ଧ୍ର ପ୍ରଦେଶର ପୁନର୍ଗଠନ ବେଳେ ରହିଥିବା ପ୍ରସ୍ତାବ ମୁତାବକ ୱାଲଟିୟର ଡିଭିଜନ ସେହି ରାଜ୍ୟରେ ରଖିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସଂସଦରେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନ ସମ୍ପର୍କରେ ଆଲୋଚନା ବେଳେ ବିଜେଡିର କୌଣସି ସାଂସଦ କାହିଁକି ପ୍ରତିବାଦ ଜଣାଇ ନ ଥିଲେ ବୋଲି ପ୍ରଧାନ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ କାହିଁକି କୁମ୍ଭୀର କାନ୍ଦଣା ହେଉଛି ବୋଲି ସେ ତାସଲ୍ୟ ଭରା ସ୍ୱରରେ ପ୍ରକାଶ କରିଛନ୍ତି।




କେନ୍ଦ୍ର ରେଳ ତଥା ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସିଂ ଯୋଗେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ତାଳଚେର ମେଡିକାଲ କଲେଜ ଏକାଡେମିକ ବ୍ଲକ ଉଦ୍‌ଘାଟନ ଆଜି

ତାଳଚେର,୪।୩ (ନି.ପ୍ର.): ତାଳଚେରଠାରେ ନବନିର୍ମିତ ମେଡିକାଲ କଲେଜର ଏକାଡେମିକ ବ୍ଲକ ଓ ନୂତନ କ୍ୟାନସର ବିଲଡିଂକୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବା କାର୍ଯ୍ୟକ୍ରମ ରହିଛି। ୪୯୨ କୋଟି ଟଙ୍କା ବ୍ୟୟରେ ଏହି ମେଡିକାଲ କଲେଜ ନିର୍ମାଣ ପାଇଁ ୨୦୧୪ରେ ଏମ୍‌ଓୟୁ ହୋଇଥିବା ବେଳେ ୨୦୧୫ ସେପ୍ଟେମ୍ବର ୩ରେ ଶୁଭ ଦିଆଯାଇଥିଲା। ରାଜ୍ୟ ସରକାର ଏଥିପାଇଁ ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତ ବୈଷ୍ଣବରଗୁଡି ଠାରେ ୨୦ ଏକର ଜମି ଯୋଗାଇ ଦେଇଥିଲେ। ଏହି ଉଦ୍‌ଘାଟନ ସହିତ କେନ୍ଦ୍ରମନ୍ତ୍ରୀ ରେଳବାଇର କେତେକ କାର୍ଯ୍ୟକ୍ରମର ଶୁଭ ଦେବା କାର୍ଯ୍ୟସୂଚୀ ରହିଛି।

### ୨ ବାଇକ୍ ଧକ୍କା, ୩ ଗୁରୁତର

କାମାକ୍ଷାନଗର, ୪।୩(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେକୁଲା ମାଳବନ୍ଧ ନିକଟରେ ସୋମବାର ରାତି ପ୍ରାୟ ୯ଟା ୩୦ରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତାଳଚେର ଥର୍ମାଲର ପବିତ୍ର ନାୟକ(୨୨), ଭରତପୁର କଲିୟାରୀର ଅନିଲ ନାୟକ(୧୮) ଓ କାମାକ୍ଷାନଗର ଥାନା ଆଲୁଅଝରଣ ଗ୍ରାମର ଅନିଲ ସାହୁ(୨୪)। ସମସ୍ତଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

କାମାକ୍ଷାନଗର, ୪।୩(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ନିକଟ ମୁଣ୍ଡିଦେଉଳି ବଜାରରେ ଥିବା ଜୟନ୍ତୀ ସ୍ନାକ୍ସ ଦୋକାନରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଛି। ବିଦ୍ୟୁତ୍ ଶଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବରପାଇ କାମାକ୍ଷାନଗର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ୩ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ଅନୁମାନ କରାଯାଇଛି।

### କୁକୁର କାମୁଡ଼ାରେ ୭ ଆହତ

**ଢେଙ୍କାନାଳ ଅଫିସ, ୪।୩:** ଜାଗରଯାତ୍ରା ଚାଲିଥିବା ବେଳେ କପିଳାସରେ କୁକୁର କାମୁଡ଼ାରେ ୭ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ତାଳଚେରରୁ ଆସିଥିବା ସେଣ୍ଟ ଜନ୍ସ ଆମ୍ବୁଲାନ୍ସ ସଂସ୍ଥା ପକ୍ଷରୁ ପ୍ରାଥମିକ ଚିକିତ୍ସା କରାଯାଇ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏହି ଘଟଣାକୁ ନେଇ ପୀଠରେ ସମାଗମ ଯାତ୍ରୀଙ୍କ ମହଲରେ ଆତଙ୍କ ଖେଳି ଯାଇଥିଲା। ଖବରପାଇ ପୋଲିସ କୁକୁରଙ୍କୁ ସେଠାରୁ ଘଉଡାଇଥିବା ଜଣାପଡିଛି।

### ବ୍ୟାଙ୍କ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଢେଙ୍କାନାଳ ଅଫିସ,୪।୩:** ଢେଙ୍କାନାଳ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟଶାଖାର ୨ ଜଣ କର୍ମଚାରୀ ସଦାନନ୍ଦ ସାହୁ ଓ ଭାସ୍କରଚନ୍ଦ୍ର ପରିଡା ୨୮ ତାରିଖରେ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ସେମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ବୋଲି ବ୍ୟାଙ୍କ ଅଧିକାରୀ ପ୍ରସନ୍ନ ପାଣି ସୂଚନା ଦେଇଛନ୍ତି।

### ଅଭିଯୁକ୍ତଙ୍କୁ ଗିରଫ ଦାବି

**ଢେଙ୍କାନାଳ ଅଫିସ, ୪।୩:** କଙ୍କଡାହାଡ ବ୍ଲକ ଡଙ୍ଗାପାଳ ଗ୍ରାମ ନିକଟସ୍ଥ ଏକ ବିଲରୁ ସୋମବାର ଏକ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। କେହି ତାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ କରି ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ମହିଳା ମୋର୍ଚ୍ଚା ପକ୍ଷରୁ ସଭାନେତ୍ରୀ ନୀରୋଜ ନଳିନୀ ମହାଲିକଙ୍କ ନେତୃତ୍ୱରେ ଜିଲା ଉପସଭାନେତ୍ରୀ ରତ୍ନପ୍ରଭା ପଣ୍ଡା, ଜିଲା ସମ୍ପାଦିକା ତଥା ଜିଲା ପରିଷଦ ସଦସ୍ୟା ଇତିଶ୍ରୀ ସାହୁ, ଜିଲା ସାଧାରଣ ସମ୍ପାଦିକା ଅନିତା ଦାସ, ସମ୍ପାଦିକା ମାମିନା ପ୍ରଧାନ ପ୍ରମୁଖ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



■ଆଇଆଇଏମ୍‌ସିରେ କନେକ୍ସନ-୨୦୧୯

# ପୁରାତନ ଛାତ୍ରୀଛାତ୍ରଙ୍କ କୃତିତ୍ୱ ଅନୁଷ୍ଠାନର ଗୌରବ

ଢେଙ୍କାନାଳ ଅଫିସ, ୪।୩

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ(ଆଇଆଇଏମ୍‌ସି) ପରିସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ କନେକ୍ସନ-୨୦୧୯ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ କହିଲେ ଯେ, ଭିତ୍ତିଭୂମି କୌଣସି ଅନୁଷ୍ଠାନର ପରିଚୟ ନୁହେଁ। ପୁରାତନ ଛାତ୍ରୀଛାତ୍ରଙ୍କ କୃତିତ୍ୱ ହିଁ ଅନୁଷ୍ଠାନର ପରିଚୟ ଓ ଗୌରବ। ଆଇଆଇଏମ୍‌ସିର ପୁରାତନ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ଅନେକ ସଫଳତା ପାଇ ସଂସ୍ଥାନ ପାଇଁ ଗୌରବ ଆଣିଛନ୍ତି ବୋଲି ସେ କହିଥିଲେ । ଆଇଆଇଏମ୍‌ସି ଆଲୁମ୍‌ନି ଆସୋସିଏଶନ(ଇମ୍‌କା) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶାଖାର ସଭାପତି ସଞ୍ଜୟ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ଜ୍ୟୋତି ପ୍ରକାଶ ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଇମ୍‌କାର କେନ୍ଦ୍ର କମିଟି ସଭାପତି ରିତେଶ ଆନନ୍ଦ, ସାଂଗଠନିକ ସମ୍ପାଦକ କମଲେଶ ରାଠୋର ପ୍ରମୁଖ ଯୋଗଦେଇ କହିଲେ ଯେ, ସଂସ୍ଥାନର ସମସ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ସୁସମ୍ପର୍କ କର୍ମକ୍ଷେତ୍ରରେ ସହାୟକ ହେଉଛି। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ସଂସ୍ଥାନର ୩ ଜଣଙ୍କୁ ଚଳିତବର୍ଷ ଇମ୍‌କା ପକ୍ଷରୁ ଆୱାର୍ଡ ପ୍ରଦାନ କରାଯାଇଛି । ଇଂଲିଶ ସାମ୍ବାଦିକତା ଛାତ୍ର ସ୍ୱପ୍ନିଲ ଯୋଗେଲକରଙ୍କୁ ପ୍ରଫେସର ବିବି ମହାନ୍ତି ସ୍ମାରକୀ ଆୱାର୍ଡ, ଛାତ୍ରୀ ପ୍ରିୟଙ୍କା ଯୋଶୀଙ୍କୁ ପ୍ରଫେସର କେଏମ୍ ଶ୍ରୀବାସ୍ତବ ସ୍ମାରକୀ ଆୱାର୍ଡ, ଓଡ଼ିଆ ସାମ୍ବାଦିକତା ଛାତ୍ର ଭାରତ ଭୂଷଣ ପରିଡାଙ୍କୁ ପ୍ରଫେସର ଚିନ୍ତାମଣି ମହାପାତ୍ର ସ୍ମାରକୀ ଆୱାର୍ଡ ପ୍ରଦାନ କରାଯାଇଥିଲା। ଇମ୍‌କା ପକ୍ଷରୁ ଚଳିତବର୍ଷ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ୩୦ଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଢେଙ୍କାନାଳ ଶାଖାର ୯ ଜଣ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହୋଇଥିଲେ।



ଆଇଆଇଏମ୍‌ସିରେ କନେକ୍ସନ-୨୦୧୯ କାର୍ଯ୍ୟକ୍ରମ।



ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

## ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ଛେଣ୍ଡିପଦା,୪।୩(ଡି.ଏନ.ଏ)

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ବିଭାଗ ତଥା ଛେଣ୍ଡିପଦା ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ଜରପଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଧୀରେନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ସରପଞ୍ଚ ଭାନୁପ୍ରିୟା ପ୍ରଧାନ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅଜିତ କୁମାର ସାହୁ, ଜରପଡା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରାକେଶ ରୋଶନ ବେହେରା, ଫାର୍ମାସିଷ୍ଟ ଚିନ୍ମୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରାକେଶ ପ୍ରଧାନ, ବିଜୟ କୁମାର ମାଝୀ, କୁଶଧର ବାରିକ, ହେମନ୍ତ କୁମାର ସାହୁ, ଚିତ୍ତ ରଞ୍ଜନ ସାହୁ, ସନ୍ତୋଷ କୁମାର ସାହୁ, ଅଶୋକ କୁମାର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଲିପଟା ଓ ପାତ୍ରପଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ତଥା ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

## ଶୈବପୀଠରେ ଶତାଧିକ ଶ୍ରଦ୍ଧାଳୁ



ଭୁବନ,୪।୩(ଡି.ଏନ.ଏ)

ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଜାଗର ଯାତ୍ରା ପାଇଁ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସକାଳେ ଶ୍ରଦ୍ଧାଳୁମାନେ ବ୍ରାହ୍ମଣୀ ନଦୀରେ ସ୍ନାନ କରି ପୂଜାର୍ଚ୍ଚନା କରିଥିଲେ। ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦୀପ ଜାଳିଥିଲେ। ଠାକୁରଙ୍କ ଦର୍ଶନ ପାଇଁ ଲମ୍ବା ଲାଇନ ଲାଗିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପରିଚାଳନା କମିଟି ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ମନ୍ଦିର ପରିସରରେ ଦୀପ ଜାଳିଲେ ମହିଳା



ବଇଣ୍ଡା, ୪।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ବଡ଼ହୁଲା, ଗାଁ ବଇଣ୍ଡା, ବାଙ୍କମଠ, କଣ୍ଟେଇକୋଳିଆ, ହଣ୍ଡପା, ନାକିଚି, ବାମୁର, ସାଧୁପାଳ, ତୁରୁଡ଼ା, ସଞ୍ଜାମୁରା, ଉରୁକୁଳା ଆଦି ବିଭିନ୍ନ ଗ୍ରାମ୍ୟ ଶୈବପୀଠଗୁଡ଼ିକରେ ସୋମବାର ଶିବରାତ୍ରି ପାଳିତ ହୋଇଛି। ବହୁ ସଂଖ୍ୟାରେ ମହିଳାଙ୍କ ସମେତ ଶ୍ରଦ୍ଧାଳୁମାନେ ମନସ୍କାମନା ପୂର୍ଣ୍ଣ କରିବା ପାଇଁ ଦୀପ ଜାଳିଥିଲେ। ଲମ୍ବା ଲାଇନରେ ଛିଡା ହୋଇ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ ମୁତୟନ ହୋଇଥିଲେ। ମନ୍ଦିର କମିଟି ପକ୍ଷରୁ ହଡ଼ା ମହାପାତ୍ର, ବିନୋଦ କୁମାର ମିଶ୍ର, ସର୍ବେଶ୍ୱର ମହାପାତ୍ର, ହଜ ବେହେରା, ଅନିଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ବ୍ରତଧାରୀଙ୍କ କଳସ ଯାତ୍ରା


କୁଳାଡ଼ ଠାରେ ଆୟୋଜିତ କଳସ ଯାତ୍ରା।

ବଆଁରପାଳ, ୪।୩ (ଡି.ଏନ୍.ଏ.)

ବଆଁରପାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଶୈବପୀଠରେ ସୋମବାର ମହାଶିବରାତ୍ରି ପାଇଁ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ସକାଳେ ନିକଟସ୍ଥ ଜଳାଶୟରୁ ପାଣି ଅଣାଯାଇ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ପାରମ୍ପରିକ ବାଦ୍ୟ ନୃତ୍ୟ ସହ ଠାକୁରଙ୍କୁ ଗ୍ରାମ ପରିକ୍ରମା ପରେ ବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ଦିନ ତମାମ୍ ଭକ୍ତମାନଙ୍କ ଭିଡ଼ ଜମିଥିଲା ମନ୍ଦିରରେ। ବହୁ ଶ୍ରଦ୍ଧାଳୁ ଲମ୍ବା ଧାଡ଼ିରେ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଜାଗର ଜାଳିଥିଲେ। ବଳରାମପ୍ରସାଦ, ନୂଆପଡ଼ା, ମଝିକା, ବଆଁରପାଳ ଶୈବ ପୀଠ, ତଳମୂଳ ଅଷ୍ଟଶମ୍ଭୁ, କୁଳାଡ଼ କପିଳେଶ୍ୱର, କାଣ୍ଡସର ଶୈବ ପୀଠ, ଗଡ଼ସନ୍ତ୍ରୀ, ବୁଢ଼ାପଙ୍କ, ନୂଆହତା, ନାଲ୍‌କୋ ସମେତ ଆଖପାଖ ଅଞ୍ଚଳରେ ଥିବା ଶୈବପୀଠରେ ଶିବରାତ୍ରି ପାଳିତ ହୋଇଥିଲା। ହୁଳହୁଳି ଓ ଓଁ ନମଃ ଶିବାୟ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ଅବସରରେ ବିଭିନ୍ନ ଶୈବ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ୩ ଗୁରୁତର

ପାଲଲହଡ଼ା, ୪।୩(ଡି.ଏନ.ଏ.)

ପାଲଲହଡ଼ା ଥାନା ବାଲିପଶି ପଞ୍ଚାୟତ ହାତୀଘିଞ୍ଚା ଗାଁ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ଏକ ବାଇକ୍‌କୁ ସାମ୍ନା ପଟୁ ଟ୍ରକ୍ ଧକ୍କା ଦେଇଛି। ଏଥିରେ ୩ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେନ୍ଦୁଝର ଜିଲା ହରିଚନ୍ଦରପୁର ଅଞ୍ଚଳର କଂସର ଗ୍ରାମର ଦିଲୀପ କୁମାର ଧାରୁଆ(୪୫), ବଡ ନୂଆଗାଁର ରମେଶ ନାୟକ(୪୦) ଓ ବିନି ନାୟକ(୪୦)। ସମସ୍ତେ ଏକ ନିର୍ବନ୍ଧ କାର୍ଯ୍ୟରେ ଯୋଗଦେବାକୁ ଆସିଥିବାବେଳେ ଦୁର୍ଘଟଣା ଘଟିଥିଲା। ଆହତଙ୍କୁ ସ୍ଥାନୀୟ ଲୋକେ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପାଲଲହଡ଼ା ପୋଲିସ ସେଠାରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଛି।

## ଦୁର୍ଘଟଣାରେ ୨ ଗୁରୁତର

ବଆଁରପାଳ,୪।୩(ଡି.ଏନ.ଏ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ସିପିପି ରାସ୍ତାରେ ସୋମବାର ସକାଳେ ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ମଦମୁକ୍ତ ଓଡ଼ିଶା ଦାବିରେ ସ୍ମାରକପତ୍ର



ମଦମୁକ୍ତ ଓଡ଼ିଶା ଦାବିରେ ଢେଙ୍କାନାଳ ସହରରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

ଢେଙ୍କାନାଳ ଅଫିସ,୪।୩

ଢେଙ୍କାନାଳ ସହରରେ ସୋମବାର ମଧ୍ୟାହ୍ନରେ ମିଳିତ ଓଡ଼ିଶା ନିଶା ନିବାରଣ ଓ ମଦମୁକ୍ତି ଯୁବବାହିନୀ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାରେ ମଦମୁକ୍ତ ଓଡ଼ିଶା ଦାବିରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଗତ ଫେବୃୟାରୀ ୨୩ରୁ ଏହି ଶୋଭାଯାତ୍ରା ଭୁବନେଶ୍ୱରରୁ ବାହାରି ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ଆଦି ପରିକ୍ରମା କରିବା ପରେ ଢେଙ୍କାନାଳରେ ପହଞ୍ଚିଥିଲା । ଜିଲାର କଙ୍କଡାହାଡ ଓ କାମାକ୍ଷାନଗରରେ ଜନସଚେତନତା କରିବା ପରେ ମଧ୍ୟାହ୍ନରେ ସହରସ୍ଥିତ ବାଜିରାଉତ ଶହୀଦ ମୀନାରଠାରୁ ପଥପ୍ରାନ୍ତ ସଭା ମାଧ୍ୟମରେ ନିଶା ନିବାରଣ ସଂଗଠନର ସଦସ୍ୟମାନେ ସରକାର ମଦ ପ୍ରସାର କରି ଜନବିରୋଧୀ କାର୍ଯ୍ୟ କରୁଥିବା ନେଇ ଜନସାଧାରଣଙ୍କୁ କହିଥିଲେ। ତୁରନ୍ତ ୧୯୫୬ରେ ଗୃହୀତ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନକୁ ଅବିଳମ୍ବେ ସରକାର କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ବିଜୟ ସ୍ୱାଇଁ, କନକ ଭଞ୍ଜ, ଅମ୍ବୁଜ ସାମନ୍ତରା, ଜୟନ୍ତୀ ବିଶ୍ୱାଳ, ମଳୟ ଷଡଙ୍ଗୀ, ଯୁବବାହିନୀ ଆବାହକ ସତ୍ୟବ୍ରତ ପୃଷ୍ଟି ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ସରୋଜ ଶତପଥୀ, ପ୍ରଦୀପ ପ୍ରଧାନ, ସ୍ମିତା ସାମଲ, ଅନ୍ତର୍ଯ୍ୟାମୀ ରଥ, ବନିତା ସାମଲ ଓ ରାଜୀବ କର ପ୍ରମୁଖ ସାମିଲ ହୋଇଥିଲେ।

■ପୋଲିସ ଭ୍ୟାନ୍ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

# ଲୁହରେ ଭିଜିଲା ଶଙ୍କରପୁର

ଝାରସୁଗୁଡା ଅଫିସ/ଭାପୁର,୪।୩

ଝାରସୁଗୁଡା ଜିଲା ବେଲପାହାଡଠାରେ ଗତ ୧ ତାରିଖରେ ଘଟିଥିବା ଓଏସ୍‌ଏପି ଯବାନଙ୍କ ଭ୍ୟାନ୍ ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ଭୋର ୪ଟାରେ ବୁର୍ଲା ଭିମ୍‌ସାର ଆଇସିୟୁରେ ଚିକିତ୍ସାଧୀନଥିବା ଢେଙ୍କାନାଳ ଜିଲା ସଦର ଥାନା ଶଙ୍କରପୁର ଗ୍ରାମର ବିପ୍ରବର ସାହୁ (୧୯)ଙ୍କ ମୃତ୍ୟୁ ଘଟିଛି। ସେ ଗଜପତି ୩ୟ ଏସ୍.ଏସ୍. ବାଟାଲିଆନରୁ ଟ୍ରେନିଂ ପାଇ ଝାରସୁଗୁଡା ଦ୍ୱିତୀୟ ବାଟାଲିୟନକୁ ଆସିଥିଲେ। ଝାରସୁଗୁଡା ଓଏସ୍‌ଏପି ଓ ତାଙ୍କ ଗାଁରେ ଏହି ଖବର ପହଞ୍ଚିବା ପରେ ଶୋକର ଛାୟା ଖେଳି ଯାଇଥିଲା। ବୁର୍ଲାରେ ବିପ୍ରବରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସମ୍ମାନର ସହ ଜନ୍ମସ୍ଥାନକୁ ପଠାଯାଇଥିଲା ବୋଲି ସହକାରୀ କମାଣ୍ଡାଣ୍ଟ ଏମ୍. ସାଇ କହିଛନ୍ତି। ଅନ୍ୟପକ୍ଷରେ ଯବାନଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଘଟିପିରିଠାରୁ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଶଙ୍କରପୁର ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ସମୟରେ ଶହ ଶହ ସଂଖ୍ୟାରେ ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସନ୍ଧ୍ୟାରେ ପୋଲିସ ପ୍ରଶାସନ ପକ୍ଷରୁ ଶଶ୍ମାନରେ ତାଙ୍କୁ ଶେଷ ସମ୍ମାନ ଦିଆଯାଇଥିଲା। ଗତ ୭ମାସ ତଳେ ବିପ୍ରବର ପୋଲିସ ଚାକିରିରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମାର୍ଚ୍ଚ ୧ରେ ବନହାରପାଲିଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିଲା। ସୁରକ୍ଷାରେ ନିୟୋଜିତ ୩୨ ଜଣ ଯବାନଙ୍କୁ ନେଇ ଏକ ଭ୍ୟାନ ବନହରପାଲି ଅଭିମୁଖେ ଯାଉଥିବା ବେଳେ ସକାଳ ୬.୩୦ରେ ବେଲପାହଡ ବାଇପାସ ଜାତୀୟ ରାଜପଥ ୪୯ରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୨ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ୨୬ ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।


ମୃତଦେହ ପହଞ୍ଚିବା ପରେ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଗ୍ରାମବାସୀ।

## ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ


ସଞ୍ଜୀବ ମଲ୍ଲିକ


ନଳିନୀ ମହାନ୍ତି


ପ୍ରଦୀପ ନାୟକ

**ମୋଟ ଭୋଟର ସଂଖ୍ୟା**
୨, ୪୭. ୪୮୮

| ପୁରୁଷ | ମହିଳା |
|---|---|
| ୧,୦୮,୨୪୨ | ୧,୧୯,୨୧୪ |

# ଦମ୍ ଦେଖାଇବାକୁ ଆଶାୟୀଙ୍କ କସରତ

**ବିଭୁପ୍ରସାଦ ବେହେରା**
**ଭଦ୍ରକ ଅଫିସ, ୪।୩**

ଓଡ଼ିଶା ରାଜନୀତିରେ ଭଦ୍ରକ ବିଧାନସଭା କ୍ଷେତ୍ରର ରହିଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏହା ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ। ଭଦ୍ରକ ସଦର ବ୍ଲକ ଓ ଭଦ୍ରକ ପୌରପାଳିକାକୁ ନେଇ ଏହି ବିଧାନସଭା କ୍ଷେତ୍ର (ନଂ ୪୪) ଗଠିତ। ୨୦୧୯ ଜାନୁୟାରୀ ୨୧ତାରିଖ ସୁଦ୍ଧା ଏଠାରେ ମତଦାତାଙ୍କ ସଂଖ୍ୟା ୨ଲକ୍ଷ ୪୭ ହଜାର ୪୮୮ ରହିଥିବା ଜଣାପଡିଛି। ଏଠାରେ ୨୦୦୪ ନିର୍ବାଚନ ପର୍ଯ୍ୟନ୍ତ ମୁଖ୍ୟତଃ କଂଗ୍ରେସ ଓ ଜନତା ଦଳ ମଧ୍ୟରେ ଲଢେଇ ହେଉଥିବା ବେଳେ ୨୦୧୪ ଠାରୁ ବିଜେଡି ବନାମ କଂଗ୍ରେସ ମଧ୍ୟରେ କଡା ମୁକାବିଲା ହୋଇଆସୁଛି। ତଥାପି ୨୦୧୪ରେ ଭାଜପା ନିର୍ବାଚନୀ ଦୌଡରେ ଯୋଗ ଦେଲା। କିନ୍ତୁ ୨୦୦୯ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଠାରୁ ଢେର ଅଧିକା ଭୋଟରେ ବିଜୟୀ ହେଉଥିବା ରେକର୍ଡ ରହିଛି। ୨୦୧୪ ନିର୍ବାଚନରେ ବିଜେଡି ବିଧାୟକ ଯୁଗଳ କିଶୋର ପଟ୍ଟନାୟକ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱୀ ନରେନ ପଲେଇଙ୍କଠାରୁ ୨୩,୫୮୭ ଭୋଟରେ ବିଜୟ ହୋଇଥିଲେ। ସେତେବେଳେ ଭାଜପା ପ୍ରତିଦ୍ୱନ୍ଦ୍ୱୀ ୧୯, ୩୮୪ ଭୋଟ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡା ମୁକାବିଲା ହେବା ଆଲୋଚନା ହେଉଛି। ତେବେ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ପରେ ଦୁଇଥର ବିଧାୟକ ହୋଇସାରିଲେଣି। ବିଧାୟକ ଯୁଗଳ ବାର୍ଦ୍ଧକ୍ୟ କାରଣରୁ ଚଳିତ ନିର୍ବାଚନ ଠାରୁ ଦୂରେଇ ରହିବେ ବୋଲି କହିବା ପରେ ଦଳରୁ ଟିକେଟ ହାତେଇବା ପାଇଁ ୬ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଆଶାୟୀ ରହିଛନ୍ତି। ଦଳୀୟ ସଭାପତି କାହାକୁ ପ୍ରାର୍ଥୀ କରିବେ ଯଦିଓ ଚୂଡାନ୍ତ ହୋଇନାହିଁ କିନ୍ତୁ ମୁଁ କୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଜୋର ଧରିଛି। ସର୍ବାଗ୍ରେ ବିଧାୟକଙ୍କ ପୁଅ ତଥା ଦଳର ଜିଲା ଉପସଭାପତି ଅସିତ ପଟ୍ଟନାୟକ ଆଶାୟୀ ଥିବା ବେଳେ ଭୋଟର ତାଙ୍କୁ କେତେଦୂର ଗ୍ରହଣ କରୁଛନ୍ତି ତାହା ସମୟ କହିବ। ଦଳରେ ଏକ ପ୍ରକାର ଗୋଷ୍ଠୀ କନ୍ଦଳ ଯୁଗଳଙ୍କ ପୁଅଙ୍କ ପାଇଁ ଅଡୁଆ କରିଛି। ଅପରପକ୍ଷରେ ଭଣ୍ଡାରିପୋଖରୀ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ନିଜ ଅଞ୍ଚଳ ଛାଡି ଭଦ୍ରକରେ ପ୍ରାର୍ଥୀ ହେବା ପାଇଁ ଲବି ଚଳାଇଛନ୍ତି। ଅନ୍ୟ ଦାବିଦାର କୁହାଯାଉଥିବା ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ପୁଅ ଓ ପୂର୍ବତନ ବିଧାୟକ ମାନସ ରଞ୍ଜନ ମଲ୍ଲିକଙ୍କ ସାନଭାଇ ଯୁବନେତା ସଞ୍ଜୀବ ମଲ୍ଲିକଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିଭଳି ଅନ୍ୟ ଜଣେ ଦାବିଦାର ପୂର୍ବତନ ଜିଲା ପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନାମ ମଧ୍ୟ ଆଲୋଚନା ହେଉଛି। ଅନ୍ୟ ଜଣେ ସାମାଜିକ କର୍ମୀ ସିତାଂଶୁ ମହାପାତ୍ର ନିଜ ଲୋକପ୍ରିୟତା ବଢାଇବା ପାଇଁ ଜୋରସୋରରେ ଲାଗିପଡିଛନ୍ତି। ସେହିଭଳି ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ରତ୍ନାକର ମହାନ୍ତିଙ୍କ ପୁଅ ଅଶୋକ ମହାନ୍ତି, ବିଜୁ ସ୍ମୃତି କମିଟି ଆବାହକ ତଥା ମହିଳା ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ ମଧ୍ୟ ଦାବିଦାର ତାଲିକାରେ। ଏଣୁ ଏହି ନିର୍ବାଚନମଣ୍ଡଳୀରେ ବିଜେଡ଼ି ତରଫରୁ ସମ୍ଭାବ୍ୟ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ୬ ରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

ଭାଜପାରୁ ମଧ୍ୟ ଏକାଧିକ ଆଶାୟୀ ରହିଛନ୍ତି। ବରିଷ୍ଠ ନେତା କୁହାଯାଉଥିବା ଡ. ପ୍ରଦୀପ ନାୟକ ୨୦୧୪ରେ ବିଧାୟକ ପ୍ରାର୍ଥୀ ଭାବେ

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ଯୁଗଳ କିଶୋର ପଟ୍ଟନାୟକ | ୮୦,୫୮୨ |
| କଂଗ୍ରେସ | ନରେନ ପଲେଇ | ୫୬,୯୯୫ |
| ଭାଜପା | ପ୍ରଦୀପ ନାୟକ | ୧୯,୩୮୪ |




ଅବତୀର୍ଣ୍ଣ ହୋଇ ୧୯୩୮୪ ଭୋଟ ହାତେଇଥିଲେ। ଏଣୁ ଚଳିତ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଶାସନ ଓ ଯୋଜନାକୁ ନେଇ ଅଧିକ ସଫଳତା ହାସଲ କରିବେ ବୋଲି ଆଶା ରଖିଛନ୍ତି। ସେହିଭଳି ଭାଜପା ଜିଲା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆ, ତୁଷାରକାନ୍ତି ଜେନା ଟିକେଟ ଦୌଡରେ ରହିଛନ୍ତି।

କଂଗ୍ରେସ କଥା ଦେଖିଲେ ପୂର୍ବତନ ବିଧାୟକ ନରେନ ପଲେଇ, ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ପିସିସି ସମ୍ପାଦକ ଶୁଭେନ୍ଦୁ ରାୟ ମହାପାତ୍ର ଓ ଦେବରୂପ ମହାନ୍ତି ମଧ୍ୟ ଆଶାୟୀଙ୍କ ତାଲିକାରେ ରହିଛନ୍ତି।

ଦଳୀୟ ହାଇକମାଣ୍ଡ କାହା ମୁଣ୍ଡରେ ସୁନା କଳସ ଢାଳିବେ, ତାହା ଯଦିଓ ସ୍ଥିର ହୋଇନାହିଁ ତଥାପି ୩ ପ୍ରମୁଖ ଦଳ ମଧ୍ୟରୁ ଦଳୀୟ ପ୍ରାର୍ଥିତ୍ୱକୁ ନେଇ ଭୁବନେଶ୍ୱର ଓ ଦିଲ୍ଲୀରେ ଡେରା ପକାଇଲେଣି କିଛି ଆଶାୟୀ। ସୋସିଆଲ ମିଡିଆରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି। ଭଦ୍ରକ ପୌରାଞ୍ଚଳ ତଥା ଭଦ୍ରକ ବ୍ଲକର ବିଭିନ୍ନ ଛକ ଓ ଗାଁ ଦାଣ୍ଡ ଆଶାୟୀ ପ୍ରାର୍ଥୀଙ୍କ ହାତଯୋଡା ଫଟୋ ସାଙ୍ଗକୁ ଶୁଭେଚ୍ଛା ହୋର୍ଡିଂ ଛାଇ ଗଲାଣି। ଅପରପକ୍ଷରେ ଆଶାୟୀ ପ୍ରାର୍ଥୀମାନେ ନିଜ ଦଳରୁ ଟିକେଟ ନ ପାଇଲେ ଅନ୍ୟ ଦଳକୁ ମାଙ୍କଡ ଡିଆଁ ମାରିବେ ବୋଲି ମଧ୍ୟ ଏକ ପ୍ରକାର ସ୍ଥିର କଲେଣି। ଭୋଟର ନୂଆ ନେତାଙ୍କୁ ବିଧାୟକ ଆସନରେ ବସାଇବାକୁ ଏକପ୍ରକାର ସ୍ଥିର କରିଥିବା ଅନୁମାନ କରାଯାଉଥିବାରୁ କ'ଣ ରହିବ ରାଜନୈତିକ ଦୃଶ୍ୟପଟ ତାହାକୁ ନେଇ କଳ୍ପନାଜଳ୍ପନା ଚାଲିଛି।

ବିଜେଡି ଜିଲା ଉପସଭାପତି ଅସିତ ପଟ୍ଟନାୟକ କୁହନ୍ତି, ବାପା ତଥା ବିଧାୟକ ଯୁଗଳ କିଶୋର ପଟ୍ଟନାୟକଙ୍କ ଲୋକପ୍ରିୟତା ନିରାଶ ଯିବନି। ୧୯୭୪, ୧୯୮୦, ୧୯୮୫, ୨୦୦୯, ୨୦୧୪ ନିର୍ବାଚନରେ ବିଧାୟକଙ୍କୁ ଅକୁଣ୍ଠିତ ସମର୍ଥନ ମିଳିଛି। ଏଣୁ ଲୋକେ ନିଶ୍ଚୟ ମୋତେ ସମର୍ଥନ କରିବେ ବୋଲି ଅସିତ୍ କହିଛନ୍ତି। ସେହିଭଳି ସଞ୍ଜୀବ ମଲ୍ଲିକ କୁହନ୍ତି, ଲୋକଙ୍କ ସାମାଜିକ ସମସ୍ୟା, ଯୁବ ଗୋଷ୍ଠୀଙ୍କ ଆବେଗତା ଓ ଅଞ୍ଚଳର ଗ୍ରାଉଣ୍ଡ ଜିରୋ ସମସ୍ୟା କ'ଣ ରହିଛି, ତାହାକୁ ସେ ଜାଣିଛନ୍ତି। ଏଣୁ ତାଙ୍କୁ ଲୋକେ ନିଶ୍ଚୟ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ସେହିଭଳି ଭାଜପାର ଡ. ପ୍ରଦୀପ ନାୟକ ଏକ ନର୍ସିଂ ହୋମ୍ କରି ଅଞ୍ଚଳରେ ବେଶ ଲୋକପ୍ରିୟତା ହାସଲ କରିପାରିଛନ୍ତି। ଏଣୁ ଲୋକେ ନିଶ୍ଚୟ ଖୁସି ସାଉଣ୍ଟିବା ସମୟରେ ତାଙ୍କୁ ସହଯୋଗ କରିବେ ବୋଲି ସେ କହିଛନ୍ତି। ସେହିଭଳି କଂଗ୍ରେସର ଆଶାୟୀ ତଥା ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି କୁହନ୍ତି, ସେ ୧୯୯୬ରୁ ଛାତ୍ର ରାଜନୀତି ସହ ଜଡିତ ରହିବା ସହ ଦଳର ଅନେକ ପଦପଦବୀରେ ରହିଛନ୍ତି। ୨୦୧୪ରେ ବିଧାୟକ ପାଇଁ ମୁଖ୍ୟ ଦାବିଦାର ରହିଥିଲେ। ଏଣୁ ଚଳିତ ବର୍ଷ ସେ ଲୋକଙ୍କ ସ୍ନେହ ନିଶ୍ଚୟ ହାସଲ କରିବେ ବୋଲି ଆଶାବାଦୀ। ଅନୁରୂପ ଭାବେ ଶୁଭେନ୍ଦୁ ରାୟ ମହାପାତ୍ର ପିସିସିର ସମ୍ପାଦକ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏହାବ୍ୟତୀତ ଟାଉନ କଂଗ୍ରେସ ସଭାପତି ସହ ବହୁ କ୍ରୀଡା ଓ ସାମାଜିକ ସଂଗଠନ ସହିତ ଜଡିତ ରହିଥିବାରୁ ଲୋକଙ୍କ ଭୋଟ ଅକ୍ଲେଶରେ ହାତେଇ ପାରିବେ ବୋଲି ସେ କହିଛନ୍ତି।

## କଟକ ଲୋକ ସଭା ନିର୍ବାଚନମଣ୍ଡଳୀ



### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ଭର୍ତ୍ତୃହରି ମହତାବ | ୫,୨୬,୦୮୫ |
| କଂଗ୍ରେସ | ଅପରାଜିତା ମହାନ୍ତି | ୨,୧୯,୩୨୩ |
| ଭାଜପା | ସମୀର ଦେ | ୧,୪୬,୦୯୩ |
| ଆମ ଓଡ଼ିଶା ପାର୍ଟି | ଖାରବେଳ ସ୍ୱାଇଁ | ୫୮,୨୪୬ |

# ନବାଗତ-ବରିଷ୍ଠଙ୍କ ମଧ୍ୟରେ ହୋଇପାରେ ଲଢ଼େଇ

**ନିର୍ମଳ ପଣ୍ଡା**
**କଟକ ଅଫିସ,୪।୩**

ସାଧାରଣ ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ରାଜ୍ୟରେ ନିର୍ବାଚନ ବାତାବରଣ ସରଗରମ ହେବାରେ ଲାଗିଛି। ଟିକେଟ୍ ପାଇଁ ଆଶା ଆଶଙ୍କାରେ ରହିଛନ୍ତି ଆଶାୟୀ। ଏଭଳି ସ୍ଥିତିରେ କଟକ ଲୋକ ସଭା ନିର୍ବାଚନମଣ୍ଡଳୀର ରାଜନୈତିକ ବାତାବରଣ କ୍ରମଶଃ ଉଷ୍ମ ହେବାରେ ଲାଗିଛି। କଟକ-ବାରବାଟୀ, କଟକ-ଚୌଦ୍ୱାର, କଟକ ସଦର, ଆଠଗଡ଼, ବାଙ୍କୀ, ବଡ଼ମ୍ବା ଓ ନୟାଗଡ଼ ଜିଲାର ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରକୁ ନେଇ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଗଠିତ। ଏଠାରୁ ୧୯୯୮ରୁ ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଲଗାତର ବିଜୟଲାଭ କରିଆସୁଛନ୍ତି। ୧୯୯୫ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅନାଦି ସାହୁ ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପାଇଁ ଚାଲିଥିବା ରାଜନୈତିକ ଆଲୋଚନା, ପର୍ଯ୍ୟାଲୋଚନାକୁ ଦେଖିଲେ କଟକ ଆସନରେ ଏଥର ପୁରୁଖା ଏବଂ ନବାଗତଙ୍କ ମଧ୍ୟରେ ଲଢ଼େଇ ହେବା ଆକଳନ କରାଯାଉଛି। ପୁରୁଖା କହିଲେ ବିଜେଡିରୁ ଭର୍ତ୍ତୃହରି ମହତାବ ଏଠାରୁ କ୍ରମାଗତ ୫ ଥର ବିଜୟଲାଭ କରିବା ସହିତ ଜଣେ ଭଲ ପାର୍ଲାମେଣ୍ଟାରିଆନ ଭାବେ ମଧ୍ୟ ନାଁ କମାଇଛନ୍ତି। ଏହା ସତ୍ତ୍ୱେ ଦଳ ୨୦୧୯ ପାଇଁ ଏଠାରେ ମାପିଚୁପି ପ୍ରାର୍ଥୀ ଦେଇପାରେ ବୋଲି ଆଲୋଚନା ହେଉଛି। ଏହି ଆଲୋଚନାରେ ଯେଉଁମାନଙ୍କ ନାମ ଆଗକୁ ଆସୁଛି ସେମାନଙ୍କ ମଧ୍ୟରେ ଅଛନ୍ତି କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ଓ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର। ଆବଶ୍ୟକସ୍ଥଳେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମଧ୍ୟ ଦଳ ଏଠାରେ ଏମ୍‌ପି ପ୍ରାର୍ଥୀ କରିପାରେ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକେ ମତ ଦେଉଛନ୍ତି। କିନ୍ତୁ ବିଜେଡିର ଏମ୍‌ପି ଦୌଡ଼ରେ ଥିବା ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ ସମସ୍ତ ନେତା ଏକ ସ୍ୱରରେ ମତ ଦେଇ କହିଛନ୍ତି ଯେ, ଟିକେଟ କାହାକୁ ମିଳିବ କାହାକୁ ନ ମିଳିବ ସେ ସମ୍ପର୍କରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ସ୍ଥିର କରିବେ। ଏମ୍‌ପି ଭର୍ତ୍ତୃହରି ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି।

କଂଗ୍ରେସରୁ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ପ୍ରାର୍ଥୀ ହେବା ନେଇ ଆଭାସ ମିଳିଛି। କଂଗ୍ରେସର ଜଣେ ବରିଷ୍ଠ ନେତା ମଧ୍ୟ ନିଜ ନାମ ଗୋପନ ରଖି ପଞ୍ଚାନନଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଭିତିରି ସୂଚନା ଦେଇଛନ୍ତି। କିନ୍ତୁ ପଞ୍ଚାନନଙ୍କ ବାଦ୍ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ, କଂଗ୍ରେସ ମୁଖପାତ୍ର ଅଶୋକ ସାମଲ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ବଡ଼ମ୍ବାର ପୂର୍ବତନ ବିଧାୟକ ସମୀର ରାଉତରାୟ ପ୍ରମୁଖ ଏମ୍‌ପି ଟିକେଟ ଦୌଡ଼ରେ ରହିଛନ୍ତି। ଏ ସମ୍ପର୍କରେ ପଞ୍ଚାନନଙ୍କୁ ପଚାରିବାରୁ ମୁଁ ପ୍ରାର୍ଥୀ ହେବି କି ନ ହେବି ତାହା କଂଗ୍ରେସ ସ୍ଥିର କରିବ। କିନ୍ତୁ କଟକ ସହିତ ମୋର ଓ ମୋ ପରିବାରର ବହୁ ପୁରୁଣା ସମ୍ପର୍କ। ମୋ ବଡ଼ଭାଇ ଏଠାରେ ପୂର୍ବରୁ ନଗରପାଳ ଥିବାବେଳେ ସଦର ଆସନରୁ ବିଧାୟକ ଭାବେ ମଧ୍ୟ ନିର୍ବାଚନ ଲଢିଛନ୍ତି। ତେଣୁ ଯିଏ ବି କଂଗ୍ରେସରୁ ପ୍ରାର୍ଥୀ ହେବେ ମୋର ତାଙ୍କ ପ୍ରାର୍ଥିତ୍ୱ ପ୍ରତି ଶତ ପ୍ରତିଶତ ସମର୍ଥନ ରହିଛି। ତେବେ ବିଗତ ଦିନର ଇତିହାସ କହୁଛି ଏଠାରେ କଂଗ୍ରେସ ହିଁ ବିଜେଡିକୁ ଟକ୍କର ଦେଇଆସିଛି। ଅନେକବାର ଦଳ ଏଠାରେ ବିଜୟଲାଭ କରିଛି। ତେଣୁ ଲଢେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ହେବ ବୋଲି ପଞ୍ଚାନନ କହିଛନ୍ତି। କଂଗ୍ରେସରୁ ଅନ୍ୟତମ ଆଶାୟୀ ବିଶ୍ୱଜିତ ଦାସ୍ କୁହନ୍ତି, ମୁଁ ଦଳର ଜଣେ ଶୃଙ୍ଖଳିତ କର୍ମୀ। ତେଣୁ ଦଳର ନିଷ୍ପତ୍ତିକୁ ସବୁବେଳେ ମାନିଆସିଛି। ଆଗକୁ ମଧ୍ୟ ମାନିବି। ଆଶାୟୀ ଅଶୋକ ସାମଲଙ୍କ ପ୍ରତିକ୍ରିୟା ମଧ୍ୟ ସମାନ ଧରଣର ରହିଛି।


ଭର୍ତ୍ତୃହରି ମହତାବ


ପୀତାମ୍ବର ଆଚାର୍ଯ୍ୟ



ପଞ୍ଚାନନ କାନୁନ୍‌ଗୋ

ଅନ୍ୟପକ୍ଷରେ ଭାଜପାରୁ ନୂଆ ନାମ ଚର୍ଚ୍ଚାର ପରିସରକୁ ଆସୁଛି। ସେ ହେଉଛନ୍ତି ଦଳର ମୁଖ୍ୟ ମୁଖପାତ୍ର ତଥା ରାଜ୍ୟର ଜଣାଶୁଣା ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ। ତେଣୁ ଯଦି ବିଜେଡିରୁ ଭର୍ତ୍ତୃହରି, କଂଗ୍ରେସରୁ ପଞ୍ଚାନନ ଓ ଭାଜପାରୁ ପୀତାମ୍ବର ପ୍ରାର୍ଥୀ ହୁଅନ୍ତି ତେବେ କଟକରେ ପୁରୁଖା-ନବାଗତଙ୍କ ମଧ୍ୟରେ ଲଢେଇ ନିଶ୍ଚିତ ହୋଇଯିବ। ଆଚାର୍ଯ୍ୟ କହିଛନ୍ତି ଯେ, ୧୯୯୮ରୁ ଭର୍ତ୍ତୃହରିବାବୁ ଏଠାରୁ ଜିତି ଆସୁଛନ୍ତି। ଲଗାତର ୫ ଥର ଜିତିଥିଲେ ମଧ୍ୟ କଟକ ଲୋକ ସଭା ଅଧୀନ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ୭୦୦ ଲୋକ ତାଙ୍କୁ ଆମ ଏମ୍‌ପି ବୋଲି ଚିହ୍ନି ନ ଥିବେ। ତେଣୁ ଏଥର ଭର୍ତ୍ତୃହରି ବାବୁଙ୍କ ପାଖରେ ଲୋକଙ୍କୁ ଉତ୍ତର ଦେବା ଭଳି କିଛି ନ ଥିବା ଆଚାର୍ଯ୍ୟ କହିଛନ୍ତି। ତେବେ ପ୍ରତିଦ୍ୱନ୍ଦ୍ୱିତା କାହା ସହିତ ହେବ ତାହା ସମୟ କହିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ୨୦୧୪ରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ ପୁନର୍ବାର ଏମ୍‌ପି ପ୍ରାର୍ଥୀ ହେଉଥିବା ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, ଭାଜପା ଏକ ଜାତୀୟ ଦଳ। ଟିକେଟ ବଣ୍ଟନ ଉପରସ୍ତରରେ ହୋଇଥାଏ। ଦଳ ଯେଉଁଠି ଚାହିଁବ ସେ ସେଠୁ ଲଢିବେ। ଦଳ ହେଉଛି ତାଙ୍କ ପାଇଁ ସବୁଠୁ ବଡ଼ ବୋଲି ସେ କହିଛନ୍ତି।

ସୂଚନାଥାଉକି, ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ୩ ଲକ୍ଷ ୬ହଜାର ୭୬୨ ଖଣ୍ଡ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ଭାଜପାରୁ ଦଳର ପୁରୁଖା ନେତା ସମୀର ଦେ ପ୍ରାର୍ଥୀ ହୋଇଥିଲାବେଳେ ବାଲେଶ୍ୱରର ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଆମ ଓଡ଼ିଶା ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଇତିମଧ୍ୟରେ ଅପରାଜିତା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବାବେଳେ ଖାରବେଳ ନିଜେ ଗଢ଼ିଥିବା ଦଳ ଉତ୍କଳ ଭାରତ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଚାର ଅଭିଯାନ ଚଳାଇଛନ୍ତି। ଖାରବେଳ କଟକରୁ ନ ଲଢି ବାଲେଶ୍ୱରରୁ ନିଜ ଦଳରୁ ଲଢିବେ ବୋଲି କହିଛନ୍ତି।

# ବିଷ୍ଣୁଙ୍କ ଉପରେ ନଜର

## ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ



**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ,୪।୩**

ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ରାଜନୈତିକ ସ୍ଥିତି ଭିନ୍ନ। କାରଣ ଜିଲାର ଏହି ଏକମାତ୍ର ଆସନ କଂଗ୍ରେସ ଦଖଲରେ ଅଛି। ଏଠାରେ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ବର୍ତ୍ତମାନ ବିଧାୟକ ଥିବାବେଳେ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ମଧ୍ୟ ଅଛନ୍ତି। ଆସନ୍ତା ନିର୍ବାଚନରେ ମଧ୍ୟ ସେ ପ୍ରାର୍ଥୀ ହେବେ ବୋଲି ସୂଚନା ମିଳୁଛି। କାରଣ ଦଳ ପକ୍ଷରୁ ସେ ଏଠାରେ ଏକମାତ୍ର ଆଶାୟୀ ଥିବାବେଳେ କଂଗ୍ରେସ ସ୍କ୍ରିନିଂ କମିଟିରେ ତାଙ୍କ ନାମ ଚୂଡ଼ାନ୍ତ ହୋଇଛି। ସେହିପରି ଭାଜପାର ମଧ୍ୟ ଜଣେ ମାତ୍ର ଆଶାୟୀ ଅଛନ୍ତି। ସେ ହେଲେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର। ମହାପାତ୍ର ପୂର୍ବରୁ ଦୀର୍ଘବର୍ଷ ଧରି କଂଗ୍ରେସ ଜିଲା ସଭାପତି ଥିଲେ। ୨୦୧୪ ନିର୍ବାଚନରେ ସେ କଂଗ୍ରେସରୁ ପ୍ରାର୍ଥୀ ହେବାରେ ବିଫଳ ହେବାରୁ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଥିଲେ। ପରେ ଭାଜପାରେ ଯୋଗଦେଇ ଜିଲା ସଭାପତି ହୋଇଛନ୍ତି। ତାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟ ମଧ୍ୟ କ୍ରିୟାଶୀଳ ହୋଇଛି। ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇ ହାରିଥିବା ପ୍ରତାପ ମିଶ୍ର ଏଥର ଆଶାୟୀ ନ ଥିବା କହିଛନ୍ତି। ତେଣୁ ପ୍ରାର୍ଥୀତ୍ୱକୁ ନେଇ କଂଗ୍ରେସ ଓ ଭାଜପାରେ ବିଶେଷ ଦ୍ୱନ୍ଦ୍ୱ ନାହିଁ। ମାତ୍ର ବିଜେଡିରୁ କିଏ ପ୍ରାର୍ଥୀ ହେବ ତାହା ସ୍ପଷ୍ଟ ହୋଇପାରୁନି। କାରଣ ଏଠାରେ ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାଶ, ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ, ଯୁବ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ, ପୂର୍ବତନ ଜିଲା ପରିଷଦ ସଭାପତି ଦେବୀଦତ୍ତ ମହାନ୍ତି ଓ ଇଂ. ସତ୍ୟବାଦୀ ମିଶ୍ରଙ୍କ ନାମ ଚର୍ଚ୍ଚାକୁ ଆସୁଛି।

ବିଜେଡିରୁ ଏକାଧିକ ଆଶାୟୀ ଥିଲେ ସୁଦ୍ଧା ବିଷ୍ଣୁଙ୍କ ସ୍ଥାନ ସ୍ୱତନ୍ତ୍ର। ସେ ଦୀର୍ଘବର୍ଷ ଧରି ବିଜେଡି ଜିଲା ସଭାପତି ଅଛନ୍ତି। ୧୯୯୦ରୁ କ୍ରମାଗତ ଭାବେ ୫ ଥର ଏହି ଆସନରୁ ବିଧାୟକ ହୋଇଛନ୍ତି। କେବଳ ଏତିକି ନୁହେଁ, ଥରେ ମନ୍ତ୍ରୀ ହୋଇଥିଲେ ଓ ରାଜ୍ୟ ସଭା ସଦସ୍ୟ ଥିଲେ। ଏଥିସହ ବିଜେଡି ଅନୁସୂଚିତ ସେଲ ରାଜ୍ୟ ଆବାହକ, ଭାରତ ସ୍କାଉଟ୍ ଓ ଗାଇଡ୍‌ର ରାଜ୍ୟ ସଭାପତି ଏବଂ ଏବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। କିନ୍ତୁ ଏଠାରୁ ପ୍ରାର୍ଥୀ ହେବା ସମ୍ପର୍କରେ ସେ ଅଦ୍ୟାବଧି ମୁହଁ ଖୋଲୁନାହାନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ବିଜେଡି ଏକ ଶୃଙ୍ଖଳିତ ଦଳ। ରାଜ୍ୟ ସଭାପତି ଯାହା ନିଷ୍ପତ୍ତି ନେବେ ତାହାକୁ ସେ ମାନିବେ। ଅନ୍ୟତମ ଆଶାୟୀ ପ୍ରାର୍ଥୀ ଯୁବ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ କିଛି ମାସ ହେଲା ସାଙ୍ଗଠନିକ କାର୍ଯ୍ୟରେ ଅଧିକ ସମୟ ଦେଉଛନ୍ତି। ସେ ୨୦୦୬ରୁ ୨୦୧୨ ପର୍ଯ୍ୟନ୍ତ ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ଓ ୨୦୧୨ରୁ ଏ ପର୍ଯ୍ୟନ୍ତ ଜିଲା ଯୁବ ସଭାପତି ଅଛନ୍ତି। ଦଳ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିବାରୁ ତାଙ୍କର ଦକ୍ଷତା ଓ ଲୋକପ୍ରିୟତା ଉପରେ ଦଳ ଆସ୍ଥା ପ୍ରକଟ କରିବ ବୋଲି ସେ ବିଶ୍ୱାସ ରଖିଛନ୍ତି। ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ ୧୯୭୭, ୧୯୯୦ରେ ଜନତା ଦଳ, ୨୦୦୦ ଓ ୨୦୦୪ରେ କଂଗ୍ରେସ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ତାଙ୍କ ସମୟରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ପରେ ସେ ବିଜେଡିରେ ଯୋଗ ଦେଇଥିଲେ। ତାଙ୍କ ଘର ବାଲିକୁଦା ବ୍ଲକ ଅଞ୍ଚଳରେ ହୋଇଥିଲେ ସୁଦ୍ଧା ସେ ଜଗତ୍‌ସିଂହପୁରକୁ ପସନ୍ଦ କରୁଥିବା କହିଛନ୍ତି। ତେବେ ଦଳ ଯାହା ନିଷ୍ପତ୍ତି ନେବ ସେଥିରେ ତାଙ୍କର ଆପତ୍ତି ନ ଥିବା ପ୍ରକାଶ କରିଛନ୍ତି। ଇଂ.ସତ୍ୟବାଦୀ ମିଶ୍ରଙ୍କ କହିବା କଥା ହେଲା ସେ କଂଗ୍ରେସ ନେତା ବିଶ୍ୱାଳଙ୍କ ସହ ଟକ୍କର ଦେଇପାରିବେ। ପୂର୍ବରୁ ଇଞ୍ଜିନିୟର ଥିଲେ ସୁଦ୍ଧା ରାଜନୀତିରେ ଆଗକୁ ବଢିବାକୁ ଚେଷ୍ଟା କରିଛନ୍ତି। ପରିବେଶ ଉପରେ ଭଲ କାମ କରି ଦେଶର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଅନ୍ୟତମ ଆଶାୟୀ ଦେବୀଦତ୍ତ ମହାନ୍ତି ୨୦୧୩ ଜିଲାପରିଷଦ ନିର୍ବାଚନରେ ଜଗତ୍‌ସିଂହପୁର ଜୋନ ନଂ.୩ରୁ ପ୍ରାର୍ଥୀ ହୋଇ ଜିତିବା ସହ ଜିଲା ପରିଷଦ ସଭାପତି ହୋଇଥିଲେ। ତେବେ ଦଳରୁ ଟିକେଟ ନ ମିଳିଲେ ସେ ଦଳୀୟ ପ୍ରାର୍ଥୀଙ୍କ ସହ ରହିବେ ବୋଲି କହିଛନ୍ତି।

ବିଧାୟକ ବିଶ୍ୱାଳ କହିଛନ୍ତି ଯେ, ସେ ଜଗତ୍‌ସିଂହପୁର ଆସନରୁ ଲଢିବେ। ଭୋଟର ଜାଣନ୍ତି କେଉଁ ନେତା ତାଙ୍କ ସାଥିରେ ଅଛନ୍ତି ଆଉ କିଏ ନାହାନ୍ତି। ଗତ ୫ ବର୍ଷ ଭିତରେ ସେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ଯାହା ପ୍ରତିଶ୍ରୁତି ଦେଇଥିଲେ ପାଖାପାଖି ୯୦% ପୂରଣ କରିଛନ୍ତି। ତେଣୁ ଲୋକେ ତାଙ୍କ ଉପରେ ଆସ୍ଥାପ୍ରକଟ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୨୦୦୪ରେ ସେ ତିର୍ତ୍ତୋଲରୁ ବିଧାୟକ ହୋଇଥିଲେ। ପରେ ଉକ୍ତ ଆସନ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ହୋଇଯିବାରୁ ବିଶ୍ୱାଳ ବାଧ୍ୟହୋଇ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହୋଇଥିଲେ। ୨୦୦୯ ନିର୍ବାଚନରେ ସେ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହୋଇ ବିଷ୍ଣୁଙ୍କଠାରୁ ହାରିଥିଲେ। ପରେ ୨୦୧୪ ନିର୍ବାଚନରେ ବିଷ୍ଣୁଙ୍କୁ ପରାଜିତ କରି ବିଧାୟକ ହୋଇଥିଲେ। ବିଧାୟକ ହେବା ପରେ ସେ ବିରୋଧୀ ଦଳ ଉପନେତା ହୋଇଥିଲେ।

ଭାଜପା ଜିଲା ସଭାପତି ମହାପାତ୍ର କହିଛନ୍ତି ଯେ, ଏଥର ଭାଜପା ଟିକେଟ୍‌ରେ ସେ ଏଠାରୁ ପ୍ରାର୍ଥୀ ହେବେ ବୋଲି ସବୁଜ ସଙ୍କେତ ପାଇସାରିଛନ୍ତି। ତାଙ୍କ ପାଖରେ ୩୪ ବର୍ଷର ରାଜନୈତିକ ଅଭିଜ୍ଞତା ଅଛି। ୧୯୮୪ରେ ପ୍ରଥମେ ରାଜନୀତିରେ ପ୍ରବେଶ କରିଥିଲେ। ୧୯୯୦ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଏନ୍‌ଏସିରୁ ସ୍ୱାଧୀନ କାଉନସିଲର ହୋଇପାରିଥିଲେ। ୧୯୯୭ରୁ ୨୦୦୨ ମଧ୍ୟରେ ସେ ଜଗତ୍‌ସିଂହପୁରର ପ୍ରଥମ ପୌର ପରିଷଦ ଅଧ୍ୟକ୍ଷ ହେବାର ଗୌରବ ହାସଲ କରିଥିଲେ। ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ସେ କଂଗ୍ରେସ ଜିଲା ସଭାପତି ଥିଲେ। ଏବେ ଭାଜପା ଜିଲା ସଭାପତି ଭାବେ ସେ ଦଳୀୟ କାର୍ଯ୍ୟକ୍ରମକୁ ବେଶ୍ ସକ୍ରିୟ କରିପାରିଛନ୍ତି। ତେଣୁ ତାଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ସେ ନିଶ୍ଚିତ ଥିବା କହିଛନ୍ତି।


ଚିରଞ୍ଜୀବ ବିଶ୍ୱାଳ


ବିଷ୍ଣୁ ଚରଣ ଦାସ


ସତ୍ୟବ୍ରତ ମହାପାତ୍ର

### ନିର୍ବାଚନମଣ୍ଡଳୀ ରୂପରେଖ

- ଜଗତ୍‌ସିଂହପୁର ପୌର ପରିଷଦର ୨୧ ୱାର୍ଡ, ଜଗତ୍‌ସିଂହପୁର ବ୍ଲକର ୩୦ ଓ ନାଉଗାଁ ବ୍ଲକର ୧୬ ପଞ୍ଚାୟତକୁ ନେଇ ଏହି ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ।
- ୨୦୧୧ ଜନଗଣନା ଅନୁଯାୟୀ ଜନସଂଖ୍ୟା: **୨,୬୧,୯୧୫**
- ୨୦୧୯ ଭୋଟର ତାଲିକା ଅନୁଯାୟୀ ମତଦାତାଙ୍କ ସଂଖ୍ୟା: **୨,୧୧,୨୧୦**

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| କଂଗ୍ରେସ | ଚିରଞ୍ଜୀବ ବିଶ୍ୱାଳ | ୬୭,୦୬୭ |
| ବିଜେଡି | ବିଷ୍ଣୁ ଚରଣ ଦାସ | ୬୪,୧୭୯ |
| ସ୍ୱାଧୀନ | ସତ୍ୟବ୍ରତ ମହାପାତ୍ର | ୮,୮୪୪ |
| ଭାଜପା | ପ୍ରତାପ କୁମାର ମିଶ୍ର | ୭,୦୫୮ |

# ସାରସ୍ୱତ ସାଧିକା ମଞ୍ଜୁ



ପାରିପାର୍ଶ୍ୱିକ ପରିସ୍ଥିତି, ସାମାଜିକ ଚାଲିଚଳଣି, ମାନବିକ ଚରିତ୍ର, ବିଭିନ୍ନ ଘଟଣାବଳୀ ବିଷୟରେ ଜାଣିବାକୁ ପିଲାଟି ବେଳୁ ସେ ଆଗ୍ରହ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ଏହା ତାଙ୍କୁ ସାହିତ୍ୟ ସାଧନା ପାଇଁ ପ୍ରେରଣା ଯୋଗାଇଥିଲା। ଏହି ଅନନ୍ୟ ମହିଳା ଜଣକ ହେଉଛନ୍ତି ଡ. ମଞ୍ଜୁ ଶର୍ମା ମହାପାତ୍ର। ୨୫ ଜୁନ୍ ୧୯୬୩ରେ ହରିୟାଣାର ଆମ୍ବାଲା ଜିଲା ଅନ୍ତର୍ଗତ ଲାହା ଗ୍ରାମରେ ଜନ୍ମ ତାଙ୍କର। ବି.ଏସ୍‌ସି(ପ୍ରଥମ ଶ୍ରେଣୀ) ବିଏଡ୍ ଓ ଏମ୍ଏ ହିନ୍ଦୀ(ପ୍ରଥମ ଶ୍ରେଣୀ) ପି.ଏଚ୍‌ଡି ଡିଗ୍ରୀ ହାସଲ କରିବା ପରେ ବର୍ତ୍ତମାନ ରାଉରକେଲା ଜଲଦାସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଅଧ୍ୟାପିକା ଭାବରେ କାର୍ଯ୍ୟରତ। ତାଙ୍କର ହିନ୍ଦୀ ରଚନାବଳୀ ଭିତରେ ରହିଛି ତୁମ୍ ଲୌଟ ଆଓ ନା, ମୁକ୍ତି ମଠ, ଏକ ସୁଖ (ଉପନ୍ୟାସ), ସୁନୋ ଆକାଶ(କବିତା), ଗୁଣ୍ଡା(କାହାଣୀ) ଅନ୍ୟତମ । ତାଙ୍କର ଅନେକ ହିନ୍ଦୀ ରଚନା ଓଡ଼ିଆ ଭାଷାରେ ଅନୁବାଦିତ ହୋଇ ବିଭିନ୍ନ ମାଗାଜିନ୍‌ରେ ପ୍ରକାଶିତ ହେବା ସହ ପାଠକୀୟ ଆଦୃତି ଲାଭ କରିପାରିଛି। ଏପରି ସାରସ୍ୱତ ସାଧନା ତାଙ୍କୁ ଆଣି ଦେଇଛି ଅନେକ ପ୍ରଶଂସା ଏବଂ ପୁରସ୍କାର। ନିଜର ସଫଳତା ପଛରେ ସ୍ୱାମୀ ଡା. ରାହାସବିହାରୀ ମହାପାତ୍ରଙ୍କ ପ୍ରେରଣାକୁ ସ୍ମରଣ କରନ୍ତି ଏହି ସାହିତ୍ୟିକା। ଜଣେ ଗାୟତ୍ରୀ ଉପାସିକା ଭାବେ କେବଳ ସୁନ୍ଦରଗଡ଼ ଜିଲା ନୁହେଁ, ସମଗ୍ର ରାଜ୍ୟରେ ପରିଚିତ। ଇତିମଧ୍ୟରେ ସେ ପାଖାପାଖି ୧୪ଟି ଜିଲା ବୁଲି ମହିଳା ସମ୍ମିଳନୀ ଆୟୋଜନ କରିବା ସହ ଆଧ୍ୟାତ୍ମିକ ପ୍ରବଚନ ଦେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଥୈଲା କ୍ରାନ୍ତି(ପଲିଥିନ ନିଷିଦ୍ଧ) ନାମକ ଏକ ସ୍ୱତନ୍ତ୍ର ଅଭିଯାନର ସେ ହେଉଛନ୍ତି ମୁଖ୍ୟ ପୁରୋଧା। କପଡ଼ା ଓ କାଗଜ ବ୍ୟାଗ୍ ତିଆରିକରି ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ ସେ ଦିଗରେ ଉଦ୍ୟମ ଜାରି ରଖିଛନ୍ତି। ଏଥିସହ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ସହ ସିଲେଇ ଶିକ୍ଷା ପ୍ରଦାନ କରୁଛନ୍ତି। ତାଙ୍କ ବାପା ଭାରତୀୟ ସୈନ୍ୟବାହିନୀରେ ଅଧିକାରୀ ହୋଇଥିବା ବେଳେ ସେ ହିଁ ତାଙ୍କର ପ୍ରେରଣା ବୋଲି କୁହନ୍ତି ମଞ୍ଜୁ। ମହିଳାଙ୍କ ସାମଗ୍ରିକ ବିକାଶ, ଆର୍ଥିକ ସ୍ୱାବଲମ୍ବନ ଓ ଆଇନଗତ ଅଧିକାର ପ୍ରଦାନ ନେଇ ସେ ତାଙ୍କର ସଂଗ୍ରାମ ଅବ୍ୟାହତ ରଖିବେ ବୋଲି କୁହନ୍ତି ମଞ୍ଜୁ।

–ବସନ୍ତ ଧଳ

## ଅନ୍ତର୍ଜାତୀୟ ମହିଳା ଦିବସ

**ପ୍ରତିବର୍ଷ ମାର୍ଚ୍ଚ ୮ରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ମହିଳା ଦିବସ'। ସେ ସମ୍ପର୍କିତ ବିଷୟବସ୍ତୁକୁ ନେଇ ଉପସ୍ଥାପନା...**

ପ୍ରତିବର୍ଷ ମାର୍ଚ୍ଚ ୮କୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବରେ ପାଳନ କରାଯାଇଥାଏ। ଦିନ ଥିଲା ନାରୀ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହୁଥିଲା। କିନ୍ତୁ ଏବେ ସେମାନେ ପୁରୁଷମାନଙ୍କ ସହ ପାଦ ମିଳାଇ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ୧୯୦୯ ଫେବୃୟାରୀ ୨୮ରେ ଆମେରିକା ପ୍ରଥମ ଥର ପାଇଁ ଜାତୀୟ ମହିଳା ଦିବସ ପାଳନ କରିଥିଲା। ୧୯୧୧ରେ କୋପେନହେଗେନ ଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା ୧୯୭୫ରେ ମାର୍ଚ୍ଚ ୮କୁ ଅର୍ନ୍ତଜାତୀୟ ମହିଳା ଦିବସ ଭାବରେ ପ୍ରଥମ ଥର ପାଇଁ ମିଳିତ ଜାତିସଂଘ ପକ୍ଷରୁ ପାଳନ କରାଯାଇଥିଲା। ଏହି ଅବସରରେ ମିଳିତ ଜାତିସଂଘ ପକ୍ଷରୁ ଘୋଷିତ ସ୍ଲୋଗାନଟି ହେଲା 'ବାଲାନ୍ସ ଫର ବେଟର୍'।

# ବିବିଧବର୍ଣ୍ଣା ପ୍ରଣୀତା



ମନରେ ଅଦମ୍ୟ ସାହସ। ପ୍ରବଳ ଇଚ୍ଛାଶକ୍ତିକୁ ପାଥେୟକରି ସେ ଆଗେଇ ଚାଲନ୍ତି ନିଜ ଲକ୍ଷ୍ୟ ପଥରେ। ଶେଷରେ ହାତୀ ମୁଣ୍ଡରେ ସୁନାକଳସ ଢାଳିବା ଭଳି ସେ ପାଦ ରଖିଥିବା ପ୍ରତିଟି କ୍ଷେତ୍ରରେ ସାଉଟି ଆଣନ୍ତି ସଫଳତା। ପେସା ସିନା ଅଧ୍ୟାପନା, ହେଲେ ଗବେଷଣାର ନିଶାରୁ ସେ ନିଜକୁ ମୁକୁଳାଇ ପାରିନାହାନ୍ତି। ସେ ଏକାଧାରରେ ଓଡ଼ିଶୀ ନୃତ୍ୟାଙ୍ଗନା, ଏନ୍‌ସିସି ଅଫିସର, ରେକି ଚିକିତ୍ସକ ଏବଂ ଜଣେ ଭଜନ କଣ୍ଠଶିଳ୍ପୀ । ଏଭଳି ବିବିଧବର୍ଣ୍ଣା ମହିଳା ଜଣକ ହେଲେ ଓଡ଼ିଶାର ପ୍ରଣୀତା ପ୍ରଜ୍ଞାଦୀପ୍ତା ଷଡ଼ଙ୍ଗୀ। ୨୦୧୪ରୁ ଏ ପର୍ଯ୍ୟନ୍ତ ସେ ଉତ୍ତରାଖଣ୍ଡର ରୁର୍କିସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ବାୟୋଟେକ୍ନୋଲୋଜି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ କାର୍ଯ୍ୟ କରିବା ସହ ସେଠାରେ ଗବେଷଣାରେ ନିଜକୁ ନିମଗ୍ନ ରଖିଛନ୍ତି। ଭୁବନେଶ୍ୱରରେ ଜନ୍ମିତା (ମା' ପ୍ରତିମାରାଣୀ ଷଡ଼ଙ୍ଗୀ ,ବାପା ନିଶାମଣି ଷଡ଼ଙ୍ଗୀ)ସ୍ଥାନୀୟ ସୈନିକ ସ୍କୁଲରୁ ଶିକ୍ଷା ଶେଷ କରିବା ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଓଡ଼ିଶା ଭେଟେରିନାରି କଲେଜରୁ ଭିଏସ୍ ଆଣ୍ଡ ଏଏଚ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ଟେନ୍‌ସିରୁ ପି.ଏଚ୍‌ଡି. ସମ୍ମାନ ହାସଲ କରିଥିଲେ। ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ତାଙ୍କୁ ୨୦୧୭ରେ ମିଳିଥିବା 'ହରଗୋବିନ୍ଦ ଖୁରାନା ଇନୋଭେଟିଭ ୟଙ୍ଗ୍ ବାୟୋଟେକ୍ନୋଲୋଜିଷ୍ଟ ପୁରସ୍କାର'କୁ ଏବେ ମଧ୍ୟ ମନେପକାନ୍ତି ସେ। ସେ ବର୍ତ୍ତମାନ ଆଇଆଇଟି ରୁର୍କିର ଇନ୍‌ଷ୍ଟିଚ୍ୟୁଟ୍ ହାଉସ ଫ୍ୟାସିଲିଟିରେ ସାଇଣ୍ଟିଷ୍ଟ-ଇନ୍-ଚାର୍ଜ ସହ ଏନ୍‌ସିସି ଏବଂ ଏନ୍‌ଏସ୍‌ଏସ୍‌ର ଫ୍ୟାକଲଟି ଆଡଭାଇଜର ଭାବେ କାର୍ଯ୍ୟରତ। ଅପରପକ୍ଷରେ ଘୋଡ଼ାଚଢ଼ା (ହର୍ଷ ରାଇଡିଂ)ରେ ସେ ସିଦ୍ଧହସ୍ତା। ମୁମ୍ବାଇସ୍ଥିତ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରୁ ଓଡ଼ିଶୀ କ୍ଲାସିକାଲ ନୃତ୍ୟରେ ବିଶାରଦ, ପ୍ରାଚୀନ କଳାକେନ୍ଦ୍ର, ଚଣ୍ଡିଗଡ଼ରୁ ସଙ୍ଗୀତ ଭୂଷଣ (ପାର୍ଟ-୩), ରେକି ହିଲିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ନିଜର ସଫଳତା ପଛରେ ସ୍ୱାମୀ ଡ. ଶ୍ରୀନିବାସ କିରନ୍ ଅମ୍ବାତିପୁଡ଼ିଙ୍କ ପ୍ରେରଣାକୁ ସର୍ବାଗ୍ରେ ସ୍ମରଣ କରନ୍ତି ପ୍ରଣତୀ।

# ନାରୀ ଯାହା କରିପାରେ

ରଶ୍ମିରେଖା ମିଶ୍ର



ନାରୀ ସୃଷ୍ଟିର ଏକ ଅନବଦ୍ୟ ସୃଷ୍ଟି। ସମୟ ଥିଲା, ନାରୀକୁ ଅବଳା ଦୁର୍ବଳା ବୋଲି ଆକ୍ଷେପ କରାଯାଉଥିଲା କିନ୍ତୁ ବର୍ତ୍ତମାନ ସେ ସମୟ ବଦଳିଛି। ଆଜିକାଲିର ନାରୀ କୌଣସି କ୍ଷେତ୍ରରେ ଆଉ ସମାଜରେ ପଛୁଆ ହୋଇ ରହିନାହିଁ। ଭଗବାନ୍ ଯେ କେବଳ ନାରୀକୁ ଗଢ଼ିଲାବେଳେ ସୁନ୍ଦର ଓ ମନୋରମ ରୂପ ଦେଇଛନ୍ତି ତା ନୁହେଁ, ତତ୍‌ସହିତ ଅଦମ୍ୟ ଶକ୍ତି, ସାହସ, ଧୈର୍ଯ୍ୟ, ସହନଶୀଳତା ଆଦି ଗୁଣରେ ବିମଣ୍ଡିତ କରିଛନ୍ତି। ଏଥିପାଇଁ କୁହାଯାଇଛି – 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦ୍‌ପୀ ଗରିୟସୀ' ଅର୍ଥାତ୍ ସ୍ୱର୍ଗଠାରୁ ବି ଜଣେ ଜନନୀ ମହାନ୍। ଜନ୍ମଠାରୁ ଛୁଆର ଲାଳନପାଳନ, ଶରୀରର ରୋଗ ବୈରାଗ, ପାଠଶାଠ, ବ୍ୟବହାର ଜ୍ଞାନ ସବୁ ତା' ଉପରେ ନିର୍ଭର କରେ।

ନାରୀ ଘରର ମେରୁଦଣ୍ଡ ସଦୃଶ। ଆଜିକାଲି ଘର ସମ୍ଭାଳିବା ସହ ବାହାରେ ଚାକିରି କାର୍ଯ୍ୟ ମଧ୍ୟ ବେଶ୍ ନିଖୁଣ ଭାବରେ ସେ ତୁଲାଇ ପାରୁଅଛି। ପ୍ରଯୁକ୍ତି ବିଜ୍ଞାନ, ଡାକ୍ତରୀ ବିଦ୍ୟା, ଅର୍ଥନୈତିକ, ରାଜନୈତିକ, କ୍ରୀଡ଼ା ଇତ୍ୟାଦି ସବୁକ୍ଷେତ୍ରରେ ଶୀର୍ଷତମ ସ୍ଥାନରେ ସେ ପହଞ୍ଚିପାରିଛି । ଉଡ଼ାଜାହାଜ ଉଡ଼େଇବାଠାରୁ ଏଭରେଷ୍ଟ ଚଢ଼ିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଛି ଆଜିର ନାରୀ । ଏଠାରେ କହିବା ସମୀଚୀନ ଯେ, ନାରୀ ଯେତେ ଉଚ୍ଚଶିକ୍ଷିତା, ଯୋଗ୍ୟସମ୍ପନ୍ନା ହେଲେ ମଧ୍ୟ ସେ ସଂଯମତା ସବୁକ୍ଷେତ୍ରରେ ରକ୍ଷା କରିବା ଉଚିତ । ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକା ବେଶ୍ ପରିସ୍ଫୁଟ ହୁଏ । ଇତିହାସ କହେ, ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈଙ୍କ କଥା । ନିଜ ରାଜ୍ୟକୁ ଶତ୍ରୁ କବଳରୁ ରକ୍ଷାକରିବା ପାଇଁ ସେ ଯୁଦ୍ଧ କରିବାକୁ ପଛାଇ ନ ଥିଲେ।

**ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକାରୁ ଏହା ବେଶ୍ ପରିସ୍ଫୁଟ ହୁଏ ...**



ନୋବେଲ ବିଜେତା ମଦର ଟେରେସା ସେବାକ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ଭାରତର ବୁଲ୍‌ବୁଲ୍ ସରୋଜିନୀ ନାଇଡୁ ମଧ୍ୟ ଦେଶ ସ୍ୱାଧୀନତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ମଧ୍ୟ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି । କ୍ରୀଡ଼ାକ୍ଷେତ୍ରରେ ମଲ୍ଲଯୋଦ୍ଧାରେ ନଭଜୋତ୍ କୌର, ବ୍ୟାଡ୍‌ମିଣ୍ଟନରେ ସୁନାମଧନ୍ୟା ସାଇନା ନେହ୍ୱାଲ, ଦୌଡ଼ରାଣୀ ପି.ଟି. ଉଷାଙ୍କ ସମେତ ଆମ ଓଡ଼ିଶାର ଦୂତୀ ଚାନ୍ଦ ଆମ ଦେଶର ମାନ ରଖି ଜଣେ ଜଣେ ଉଦାହରଣ ହୋଇଛନ୍ତି। ଆମ ଦେଶର ନାରୀମାନେ କଳାକ୍ଷେତ୍ରରେ ମଧ୍ୟ କିଛି କମ୍ ନୁହନ୍ତି । ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ସହ ସଙ୍ଗୀତରେ ମଧ୍ୟ ବେଶ୍ ପ୍ରଶଂସାର ପାତ୍ରୀ ହୋଇପାରିଛନ୍ତି । ଭାରତର କୋକିଳକଣ୍ଠୀ ଲତା ମଙ୍ଗେସ୍‌କରଙ୍କୁ ସାରା ବିଶ୍ୱରେ ନ ଚିହ୍ନେ ବା କିଏ ? ନନ୍ଦିନୀ ଶତପଥୀ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି । କଳ୍ପନା ଚାୱଲା ଆକାଶ ପରିକ୍ରମା କରି ସାହସୀ ମହିଳାମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ଆଇଏଏସ୍ ହୋଇ ଦେଶକୁ ସବୁ କ୍ଷେତ୍ରରେ କିପରି ଅଗ୍ରଗତି କରିହେବ ସେଥିରୁ ମଧ୍ୟ ଏମାନେ ବାଦ୍ ପଡୁନାହାନ୍ତି ।

ଉପରୋକ୍ତ ସମସ୍ତ ବିବରଣୀରୁ ଏହା ସ୍ପଷ୍ଟ ହୁଏ ଯେ, ଆଜି ନାରୀ କୌଣସି କ୍ଷେତ୍ରରେ ପୁରୁଷଠାରୁ ପଛୁଆ ହୋଇ ରହିନାହିଁ । ନାରୀ ହେଲା ସୃଷ୍ଟିକାରିଣୀ। ସୃଷ୍ଟିରେ ସ୍ରଷ୍ଟାଙ୍କ ସ୍ଥାନ ଯଦି ଯଥୋଚିତ ଥାଏ, ତା'ହେଲେ ସଂସାର ରଥ ବହୁ ଭଲରେ ଗତି କରିବ ଏବଂ ସ୍ୱୟଂ ଭଗବାନ୍ ସେ ଗୃହରେ ବାସ କରିବେ । ନାରୀ ଆଉ ଅବହେଳିତ, ନିଷ୍ପେଷିତ ହୋଇ ରହିବ ନାହିଁ।

– ଓଲ୍ଡ ଟାଉନ୍, ଭୁବନେଶ୍ୱର



# ମହିଳାଙ୍କ ପାଇଁ...



ମୀରା ବେଉରା

ନାରୀ ହିଁ ଶକ୍ତି। ତା' ବିନା ସୃଷ୍ଟି ଅସମ୍ଭବ। ସେ ବିଦ୍ୟା, ଧନ ଏବଂ ଶକ୍ତିଦାତ୍ରୀ ଭାବେ ମା' ସତସତୀ, ମା' ଲକ୍ଷ୍ମୀ ଏବଂ ମା' ଦୁର୍ଗା ରୂପରେ ଯୁଗେ ଯୁଗେ ଅଗ୍ରପୂଜ୍ୟ। ସତରେ ନାରୀ କେତେ ଶକ୍ତିଶାଳୀ। ପରିସଂଖ୍ୟାନ କହେ, ୨୦୦୧ ଜନଗଣନାରେ ରାଜ୍ୟର ପ୍ରତି ୧୦୦୦ ଶିଶୁପୁତ୍ରରେ ୯୫୩ ଶିଶୁ କନ୍ୟା ରହିଥିବା ବେଳେ ୨୦୧୧ ଜନଗଣନାରେ ତାହା ୯୪୩କୁ ହ୍ରାସ ପାଇଛି। ଗ୍ରାମାଞ୍ଚଳ ତୁଳନାରେ ସହରର ଶିଶୁକନ୍ୟା ସଂଖ୍ୟା ହ୍ରାସ ଘଟିଛି। କେବଳ ଏତିକି ନୁହେଁ, ଦିନକୁ ଦିନ ମହିଳାଟିଏ ନିଜକୁ ଅସୁରକ୍ଷିତ ମଣୁଛି। ଜାତିର ପିତା ଗାନ୍ଧିଜୀ ସିନା କହୁଥିଲେ ଯେ ରାତି ୧୨ଟାରେ ଯେଉଁଦିନ ନାରୀଟିଏ ସମ୍ମାନର ସହିତ ଯାଇପାରିବ ସେହିଦିନ ଦେଶର ପୂର୍ଣ୍ଣ ସ୍ୱାଧୀନତା ଆସିଛି ବୋଲି ଜଣାଯିବ। ମହିଳାଟିଏ ଯେ ଘରେ କେତେ କାର୍ଯ୍ୟକରେ ତା'ର ହିସାବ ଆମେ କେବେ ରଖି ନ ଥାଉ। ଆଜି ମଧ୍ୟ ଦେଶର ଅନେକ ମହିଳା ଲେଖାପଢ଼ା ଜାଣିନାହାନ୍ତି।

ମହିଳାମାନେ ଯେ ଦକ୍ଷ ସେମାନେ ତାହା ପ୍ରମାଣ କରିଛନ୍ତି। ଅଧିକ ଦକ୍ଷତା ଥାଇ ମଧ୍ୟ ସେମାନଙ୍କୁ ନିଯୁକ୍ତିରେ ଉପେକ୍ଷା କରାଯାଏ। ଆଜି କୁସଂସ୍କାର, ଧର୍ମାନ୍ଧତା, ପର୍ଦ୍ଦାପ୍ରଥା, ନିରକ୍ଷରତା ସାଙ୍ଗକୁ ସମାଜର ଦୌରାତ୍ମ୍ୟ ନାରୀକୁ ଆଖି, କାନ, ପାଟି ଗୋଡ଼ ଥାଇ ମଧ୍ୟ ପଙ୍ଗୁ କରିଦେଉଛି। ଏହିସବୁ ଘଟଣାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ନଭେମ୍ବର ୨୫ ତାରିଖକୁ ଜାତିସଂଘ ମହିଳା ହିଂସା ନିରୋଧ ଦିବସ ରୂପେ ପାଳନ କରିଥାଏ। ୧୯୯୦ ମସିହାରେ ଜାତୀୟ ମହିଳା ଆୟୋଗ ଆଇନ ବଳରେ ୧୯୯୨ ଜାନୁୟାରୀ ୩୧ ତାରିଖରେ ଜାତୀୟ ମହିଳା ଆୟୋଗ ପ୍ରତିଷ୍ଠା ହେଲା। ରାଜ୍ୟର ପ୍ରତ୍ୟେକ ମହିଳା ଆଜି ସ୍ୱାବଲମ୍ବୀ ହେଉଛି। ସହର ଏବଂ ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ା ହୋଇଛି। ଘରୋଇ ହିଂସା ଆଇନ ୨୦୦୫ ମହିଳାମାନଙ୍କ ପାଇଁ ପ୍ରଚଳିତ ହୋଇଛି। ଏହାଛଡ଼ା ନାରୀମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇ ସେମାନଙ୍କୁ ସୁରକ୍ଷାଦେଇ ଦେଶର ପ୍ରଗତିପଥେ ଆଗେଇନେବା ହେଉଛି ଏସବୁ ଯୋଜନାର ଲକ୍ଷ୍ୟ। ଭାବିଲେ ବିସ୍ମୟ ଲାଗେ ଯେ ଯେଉଁ ଅତ୍ୟାଚାର, ଶୋଷଣ, ସାମାଜିକ କୁସଂସ୍କାର ଏବଂ ବିଦେଶୀମାନଙ୍କ ଆକ୍ରମଣରେ ନିଷ୍ପେଷିତ ହୋଇ ମଧ୍ୟ ନାରୀର ଯେଉଁ ଆତ୍ମବଳ ଥିଲା ତାହା ଆଜି କେତେକ କ୍ଷେତ୍ରରେ ବିପନ୍ନ ହୋଇଛି। ଏହାକୁ ସୁଧାରିବାକୁ ଲୋଡ଼ା ମାନବିକ ଚେତନାର ଅଭ୍ୟୁଦୟ ଏବଂ ସାମାଜିକ ଆନ୍ଦୋଳନ। ନାରୀମାନେ ଅତ୍ୟଧିକ ଭୋଗବାଦୀ ସଂସ୍କୃତିର ମାୟାରେ ପଡ଼ି ନିଜକୁ ଶସ୍ତା ପଣ୍ୟଦ୍ରବ୍ୟ କରି ନିଜ ଜୀବନର ସତ୍ୟକୁ ଭୁଲିଯିବା ଉଚିତ ନୁହେଁ। ନିଜ ଜୀବନର ଅଭିପ୍ରାୟକୁ ଖୋଜିବା ଦରକାର। ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତାକୁ ବରଣ କରିବା ମଧ୍ୟ ଉଚିତ ନୁହେଁ। ନାରୀର କାର୍ଯ୍ୟ ଏପରି ହେଉ ଯାହା ସମାଜ, ସଭ୍ୟତା, ରାଷ୍ଟ୍ର ପାଇଁ ଶୁଭଙ୍କର ଏବଂ କଲ୍ୟାଣକର ଓ ମଙ୍ଗଳମୟ ହେବ। ପ୍ରତ୍ୟେକ ମହିଳା ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ସଚେତନ ହୋଇ ତାହାକୁ ସୁବିନିଯୋଗକରି ସମାଜରୁ ଭ୍ରଷ୍ଟାଚାର, ଦୁର୍ନୀତି, ଶୋଷଣକୁ ଦୂରେଇଦେଇ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ କରିବାକୁ ଆଗେଇ ଆସିବା ଦରକାର। କେବଳ ଆଜିର ଦିବସ ନୁହେଁ, ବର୍ଷର ପ୍ରତ୍ୟେକ ଦିବସ ମହିଳାମାନଙ୍କ ପାଇଁ ଶ୍ରଦ୍ଧା, ସମ୍ମାନ, ଶୁଭେଚ୍ଛା ଓ ସହଯୋଗର ଦିବସ ହେଉ। ମହିଳାଟିଏ ମଧ୍ୟ ସମାଜରୁ ଅନ୍ଧକାର, ଅଶିକ୍ଷା, ଭ୍ରଷ୍ଟାଚାର, କୁସଂସ୍କାରକୁ ଦୂରେଇଦେଇ ନିଜର ଅସୀମ ନାରୀ ଶକ୍ତିକୁ ସମାଜର କଲ୍ୟାଣରେ ବିନିଯୋଗକରୁ। ଏହାହିଁ ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ହେଉ।

**ନାରୀର କାର୍ଯ୍ୟ ଏପରି ହେଉ ଯାହା ସମାଜ, ସଭ୍ୟତା, ରାଷ୍ଟ୍ର ପାଇଁ ଶୁଭଙ୍କର ଏବଂ କଲ୍ୟାଣକର ଓ ମଙ୍ଗଳମୟ ହେବା। ପ୍ରତ୍ୟେକ ମହିଳା ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ସଚେତନ ହୋଇ ତାହାକୁ ସୁବିନିଯୋଗକରି ସମାଜରୁ ଭ୍ରଷ୍ଟାଚାର, ଦୁର୍ନୀତି, ଶୋଷଣକୁ ଦୂରେଇଦେଇ ଏକ ସୁସ୍ଥ, ଶୃଙ୍ଖଳିତ ସମାଜ ଗଠନ କରିବାକୁ ଆଗେଇ ଆସିବା ଦରକାର...**



–ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି, ତୁଳସୀପୁର, କଟକ
ମୋ : ୯୮୫୩୩୫୦୩୮୪

"୨୦୨୫ ବେଳକୁ ୩ ପ୍ରମୁଖ ବଜାର ଅଂଶୀଦାର ମଧ୍ୟରେ ସ୍ଥାନିତ ହେବାକୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି।

–ପ୍ରଦୀପ ବକ୍ସି, ଏମ୍‌ଡି, ଭୋଲ୍ଟାସ



"ଏଲ୍‌ପିଜି କନଭର୍ସନ କିଟ୍ ଉପରେ ଜିଏସ୍‌ଟି ୫%କୁ ହ୍ରାସ ହେବାର ଆବଶ୍ୟକତା ରହିଛି।

–ସୁୟାଶ ଗୁପ୍ତା, ମହାନିର୍ଦ୍ଦେଶକ, ଆଇଏଏଲ୍‌ସି



## ସଂକ୍ଷେପରେ

■ଭିଡିଓକନ ଋଣ ମାମଲା

### ଚନ୍ଦା କୋଚରଙ୍କୁ ତୃତୀୟ ଦିନ ଜେରା

ମୁମ୍ବାଇ,୪-୩: ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅଧିକାରୀମାନେ କ୍ରମାଗତ ତୃତୀୟ ଦିନ ଜେରା କରିଛନ୍ତି। ମନିଲଣ୍ଡରିଂ ମାମଲାରେ ତାଙ୍କୁ ଶନିବାର ଓ ରବିବାର ଜେରା କରାଯାଇଥିଲା। ମିଡିଆ ରିପୋର୍ଟ ଅନୁଯାୟୀ, ରବିବାର ଚନ୍ଦାଙ୍କୁ ପ୍ରାୟ ୧୦ ଘଣ୍ଟା ଜେରା କରାଯାଇଥିଲା। ସୋମବାର ଜେରା ଲାଗି ପୁନର୍ବାର ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଭିଡିଓକନ ଋଣ ମାମଲାରେ ଇଡି ରବିବାର ମାଟିକ୍ସ ଗ୍ରୁପ୍ ମାଲିକ ନିଶାନ୍ତ କାନୋଡିଆଙ୍କୁ ଜେରା କରିଥିଲା। ଏଥିପୂର୍ବରୁ ଇଡି ଅଧିକାରୀମାନେ ଚନ୍ଦାଙ୍କ ସମେତ ତାଙ୍କ ସ୍ୱାମୀ ଦୀପକ କୋଚର ଓ ଭିଡିଓକନ ଗ୍ରୁପ୍ ମାଲିକ ତଥା ଅଧ୍ୟକ୍ଷ ବେଣୁଗୋପାଳ ଧୂତ୍‌ଙ୍କୁ ଜେରା କରିଥିଲା। ମନିଲଣ୍ଡରିଂ ଅଭିଯୋଗ ଆଣି ଇଡି ପୂର୍ବରୁ ସେମାନଙ୍କ ବିରୋଧରେ ମାମଲା ଦାଏର କରିଛି।

### ମାନୁଫାକ୍‌ଚରିଂ ସହାୟକ ଜମି, ଶ୍ରମ ସଂସ୍କାର ଜରୁରୀ:ସିଇଏ

ନୂଆଦିଲ୍ଲୀ,୪-୩: ମାନୁଫାକଚରିଂ କ୍ଷେତ୍ରରେ ଉନ୍ନତି ଆଣି ଦେଶର ଅର୍ଥନୀତି ଅଭିବୃଦ୍ଧି କରିବାକୁ ହେଲେ ପରବର୍ତ୍ତୀ ସରକାରଙ୍କୁ ଜମି, ଶ୍ରମ ଓ ଆର୍ଥିକ କ୍ଷେତ୍ରରେ ସଂସ୍କାର ଆଣିବାକୁ ପଡ଼ିବ ବୋଲି ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଏ) କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ କହିଛନ୍ତି। ଘରୋଇ କମ୍ପାନୀଙ୍କ ପାଇଁ କାରଖାନା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣରେ ବିଳମ୍ବ, ବହୁ ଦଶନ୍ଧି ଧରି କଟକଣାପୂର୍ଣ୍ଣ ଶ୍ରମ ଆଇନ ଓ ଉଚ୍ଚ ସୁଧ ହାରଯୁକ୍ତ ଋଣ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ ହେବ ବୋଲି ସେ କହିଛନ୍ତି। ଏହି କାରଣରୁ ନିବେଶକମାନେ ଭାରତକୁ ଛାଡ଼ି ଏବେ ଭିଏତ୍‌ନାମ, ଥାଇଲାଣ୍ଡ ଏବଂ ବାଂଲାଦେଶରେ ନିବେଶ କରୁଛନ୍ତି। ସେ କହିଛନ୍ତି ଯେ, ଦେଶର ଅର୍ଥନୀତିରେ ମାନୁଫାକ୍‌ଚରିଂ ସେକ୍ଟରର ଯୋଗଦାନ ଏକ ସମୟରେ ୧.୫% ଥିଲା ବେଳେ ଏହା ଗତ ୩ ବର୍ଷରେ ୧୮%ରେ ପହଞ୍ଚିଯାଇଛି। ବର୍ତ୍ତମାନ ସରକାରଙ୍କ ଆର୍ଥିକ ସଂସ୍କାର ଯୋଗୁ ଦେଶର ଅର୍ଥନୀତି ହାରାହାରି ୭.୩% ହାରରେ ବଢୁଛି।

■ଡିଜିଟାଲ ସରଚାର୍ଜ ନିର୍ଦ୍ଦେଶକୁ ମାନୁନାହାନ୍ତି ବ୍ୟାଙ୍କ

# ଆଦାୟ କଲେଣି ୨୦୦କୋଟି

ନୂଆଦିଲ୍ଲୀ,୪-୩

■ଆର୍‌ବିଆଇ, ସରକାରଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଅମାନ୍ୟ

■୨୦୧୭ ଡିସେମ୍ବର ୨୭ରେ ବିଜ୍ଞପ୍ତି ଜାରି କରିଥିଲା ଆର୍‌ବିଆଇ

■ସରଚାର୍ଜ, ସର୍ଭିସ ଚାର୍ଜ ଓ କନଭେନିୟାନ୍ସ ଫି ଭିନ୍ନ



ଏନ୍‌ଡିଏ ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଡିଜିଟାଲ ଟ୍ରାଞ୍ଜାକଶନକୁ ପ୍ରୋତ୍ସାହିତ କରିବାକୁ ଯାଇ ଡିଜିଟାଲ ପେମେଣ୍ଟ ଉପରେ ଗ୍ରାହକଙ୍କଠାରୁ କୌଣସି ସରଚାର୍ଜ ନ ନେବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ସେମାନେ ଖୋଲାଖୋଲି ଅମାନ୍ୟ କରୁଥିବା ଦେଖାଯାଇଛି। କେତେକ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଅବୈଧ ଭାବେ ସରଚାର୍ଜକୁ ଗ୍ରାହକଙ୍କ ଉପରେ ଲଦୁଛନ୍ତି ତ କେତେକ କ୍ଷେତ୍ରରେ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଚାର୍ଜ ଆଦାୟ କରୁଛନ୍ତି। ଡିଜିଟାଲ ପେମେଣ୍ଟ୍‌ସ ଉପରେ ସରଚାର୍ଜ ନେଇ ଅନୁଧ୍ୟାନ କରିଥିବା ଆଇଆଇଟି ବମ୍ବେର ଗଣିତ ବିଭାଗର ପ୍ରଫେସର ଆଶିଷ ଦାସ କହିଛନ୍ତି ଯେ, ଗତ ବର୍ଷ କେବଳ ଅନ୍‌ଲାଇନ ପେମେଣ୍ଟ ଉପରେ ୨୦୦ କୋଟି ଟଙ୍କା ଅନଧିକୃତ ଭାବେ ସରଚାର୍ଜ ଆଦାୟ କରାଯାଇଛି।

ଅଧ୍ୟୟନରୁ ଜଣାପଡିଛି ଯେ, ଦିଲ୍ଲୀରେ ୟୁପିଆଇ ଜରିଆରେ ବିଜୁଳି ବିଲ୍ ପେମେଣ୍ଟ କରୁଥିବା ବ୍ୟକ୍ତିବିଶେଷ ବିଲ୍ ପରିମାଣର ୧%ରୁ ଅଧିକ ଚାର୍ଜ ବାବଦରେ ଦେଉଛନ୍ତି। ମୁମ୍ବାଇରେ ଟାଟା ପାୱାର ଓ ଦିଲ୍ଲୀରେ ଗ୍ରାହକଙ୍କ ବିଜୁଳି ବିଲ୍ ଯଥାକ୍ରମେ ୨୦୦୦ ଟଙ୍କା ଏବଂ ୫ ହଜାର ଟଙ୍କାରୁ ଅଧିକ ହେଲେ ସରଚାର୍ଜ ଦେବାକୁ ପଡୁଛି। ସେହିଭଳି ଆଇଆରସିଟିସିରୁ ରେଳ ଟିକେଟ ବୁକ୍ କରିବା ବେଳେ ୟୁପିଆଇରୁ ୨ ହଜାର ଟଙ୍କାରୁ ଅଧିକ ପେମେଣ୍ଟ ଉପରେ ଅତିରିକ୍ତ ୧୦ ଟଙ୍କା ଏବଂ ଜିଏସ୍‌ଟି ଦେବାକୁ ପଡୁଛି। ଏହା ତ କେବଳ ଛୋଟ ଉଦାହରଣ ମାତ୍ର। ଏଭଳି ବହୁ ଉଦାହରଣ ରହିଛି। ଦାସ କହିଛନ୍ତି ଯେ, ଆର୍‌ବିଆଇ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ବ୍ୟାଙ୍କଗୁଡ଼ିକ ଡିଜିଟାଲ ପେମେଣ୍ଟ ବାବଦରେ ଗ୍ରାହକଙ୍କଠାରୁ ସରଚାର୍ଜ ଆଦାୟ କରୁଛନ୍ତି। ବେଆଇନ ଭାବେ ସରଚାର୍ଜ ଅସୁଲ କରାଯାଉଥିବାରୁ ଡିଜିଟାଲ ପେମେଣ୍ଟ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡୁଛି। ଉଲ୍ଲେଖ କରାଯାଇପାରେ ଯେ, ରିଜର୍ଭ ବ୍ୟାଙ୍କ ୨୦୧୭ ଡିସେମ୍ବର ୨୭ରେ ଏକ ନୋଟିଫିକେଶନ ଜାରି କରିଥିଲେ। ମର୍ଚ୍ଚାଣ୍ଟ ଡେବିଟ୍ କାର୍ଡ ଜରିଆରେ ପେମେଣ୍ଟ କରୁଥିବା ଗ୍ରାହକଙ୍କଠାରୁ ଏମ୍‌ଡିଆର୍(ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍) ଚାର୍ଜ କରାଯିବ ନାହିଁ ବୋଲି ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ଥିଲା। ଅନ୍ୟପକ୍ଷରେ କେନ୍ଦ୍ର ସରକାର ମଧ୍ୟ ୟୁପିଆଇ ପେମେଣ୍ଟ ଉପରେ ମଧ୍ୟ ସମାନ ନିର୍ଦ୍ଦେଶ ଜାରି କରିଥିଲେ। ଦାସଙ୍କ କହିବାନୁଯାୟୀ, ସର୍ଭିସ ଚାର୍ଜ ଅଥବା କନଭେନିୟାନ୍ସ ଫି ଠାରୁ ସରଚାର୍ଜ ଭିନ୍ନ। ମର୍ଚ୍ଚାଣ୍ଟଙ୍କୁ ସର୍ଭିସ ଚାର୍ଜ ଏବଂ କନଭେନିୟାନ୍ସ ଫି ଆଦାୟ କରିବା ପାଇଁ ଅନୁମତି ଦିଆଯାଇଛି। ଧ୍ୟାନରେ ରଖିବାକୁ ହେବ ଯେ, କନଭେନିୟାନ୍ସ ଫି ସମସ୍ତ ପ୍ରକାର ପେମେଣ୍ଟ ମୋଡ୍ ଉପରେ ସମାନ ରହିଥାଏ। ଅନ୍ୟପକ୍ଷରେ ସରଚାର୍ଜ ଭିନ୍ନ ଭିନ୍ନ ମୋଡ୍‌ରେ ସ୍ୱତନ୍ତ୍ର ହୋଇଥାଏ। କ୍ରେଡିଟ କାର୍ଡରେ ସର୍ବାଧିକ ସରଚାର୍ଜ ଆଦାୟ କରାଯାଉଛି। ଏଭଳି କ୍ଷେତ୍ରରେ ଅଧିକାଂଶ ମାମଲାରେ ୟୁଟିଲିଟି ଅଥବା ସରକାରୀ ଏଜେନ୍ସି ବାସ୍ତବିକ ବିଲ୍ ଦେଉଥିବାବେଳେ ବ୍ୟାଙ୍କ ବିଲ୍ ଆମାଉଣ୍ଟ ସହ ସରଚାର୍ଜ ଅସୁଲ କରୁଛି।

### ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ରେ ୧୩ ହଜାର କୋଟିର ଅନିୟମିତତା

ନୂଆଦିଲ୍ଲୀ,୪-୩

ଋଣରେ ବୁଡ଼ି ଯାଇଥିବା ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ରେ ପ୍ରାୟ ୧୩ ହଜାର କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବାର ଅନୁମାନ କରାଯାଉଛି। ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ କରାଯିବା, ବିପଦ ପରିଚାଳନା କରିବାରେ ତ୍ରୁଟି ଓ ବ୍ୟାଙ୍କିଙ୍ଗ ନିୟମ ଉଲ୍ଲଂଘନ ଭଳି ଅନିୟମିତତା ହୋଇଛି ବୋଲି ଅଡିଟ୍ କମ୍ପାନୀ ଗ୍ରାଣ୍ଟ ଥର୍ନଟନ ଇଣ୍ଡିଆ ପକ୍ଷରୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ ବୋର୍ଡକୁ ଦାଖଲ କରାଯାଇଥିବା ଅନ୍ତରୀଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଡ଼ିଟ କମ୍ପାନୀ ପକ୍ଷରୁ ଦାଖଲ ୧୬୬ ପୃଷ୍ଠାର ରିପୋର୍ଟରେ ୧୦ ମୁଖ୍ୟ ଅନିୟମିତତା ସମ୍ପର୍କରେ କୁହାଯାଇଛି। ଉଦାହରଣ ସ୍ୱରୂପ, ୬୦୦୦ କୋଟିରୁ ଅଧିକ ଟଙ୍କାର ନେଣଦେଣ କରିଥିବା ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ଫାଇନାନ୍ସିଆଲ ସର୍ଭିସ ଲିମିଟେଡ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି। ଏଠାରେ ବ୍ୟାଙ୍କିଙ୍ଗ ଗଭର୍ନାନ୍ସ ନିୟମ ଉଲ୍ଲଂଘନ କରାଯାଇଥିବା କୁହାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

■ମାଲ୍ୟାଙ୍କ ଜିଦ୍‌ରୁ ସେବି କ୍ଷୁବ୍ଧ

## କମ୍ପାନୀ ଆଇନରେ ସଂଶୋଧନ ପାଇଁ ସେବିର ସୁପାରିସ

ନୂଆଦିଲ୍ଲୀ,୪-୩



କମ୍ପାନୀର ଜଣେ ନିର୍ଦ୍ଦେଶକ ଅଯୋଗ୍ୟ ଘୋଷିତ ହେବା ପରେ ତୁରନ୍ତ ସେ ସ୍ଥାନ ଖାଲି କରି ଦେବା ନିୟମ ରହିଥିଲେ ମଧ୍ୟ ମଦ ବ୍ୟବସାୟୀ ବିଜୟ ମାଲ୍ୟା ତାହା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ସେ ନିଜ ଜିଦ୍‌ରେ ଅଟଳ ରହି ଅଯୋଗ୍ୟ ଘୋଷଣା ପରେ ମଧ୍ୟ ନିଜ ପଦରୁ ଇସ୍ତଫା ଦେଇନାହାନ୍ତି। ଏହାକୁ ନେଇ କ୍ଷୁବ୍ଧ ଷ୍ଟକ୍ ମାର୍କେଟ ନିୟାମକ ସେବି କେନ୍ଦ୍ର ସରକାରଙ୍କୁ କମ୍ପାନୀ ଆଇନରେ ସଂଶୋଧନ କରିବାକୁ ସୁପାରିସ କରିଛି। ସୂଚନାଥାଉ କି, କମ୍ପାନୀ ଆଇନ ଅନୁଯାୟୀ, ଜଣେ ନିର୍ଦ୍ଦେଶକ କୌଣସି ଅଦାଲତ କିମ୍ବା ଟ୍ରିବ୍ୟୁନାଲ ଦ୍ୱାରା ଅଯୋଗ୍ୟ ଘୋଷଣା ହେବା ପରେ ତୁରନ୍ତ ସେ ନିଜ ସ୍ଥାନ ଖାଲି କରିଦେବାକୁ ପଡିଥାଏ। ତେବେ ସେବି ଦ୍ୱାରା ଅଯୋଗ୍ୟ ଘୋଷଣା ପରେ ଜଣେ ନିର୍ଦ୍ଦେଶକ ନିଜ ସ୍ଥାନ ଖାଲି କରିଦେବା ଉଚିତ କି ନା ସେ ସମ୍ପର୍କରେ ଆଇନରେ କିଛି ଉଲ୍ଲେଖ କରାଯାଇନାହିଁ। ଏହାକୁ ଦୃଷ୍ଟିରେ ରଖି ସେବି ଏବେ କମ୍ପାନୀ ଆଇନରେ ସଂଶୋଧନ କରିବାକୁ କେନ୍ଦ୍ର କର୍ପୋରେଟ ମନ୍ତ୍ରଣାଳୟକୁ ସୁପାରିସ କରିଛି। ନିଜର ସୁପାରିସରେ ସେବି ମାଲ୍ୟା ଓ ଅନ୍ୟ ୬ ଜଣ ନିର୍ଦ୍ଦେଶକଙ୍କୁ ଅଯୋଗ୍ୟ ଘୋଷଣା କରିବା ଓ ସେମାନେ କୌଣସି ତାଲିକାଭୁକ୍ତ କମ୍ପାନୀର ନିର୍ଦ୍ଦେଶକ ରହିପାରିବେ ନାହିଁ ବୋଲି ଉଲ୍ଲେଖ କରାଯାଇଥିବା ସମ୍ପର୍କରେ ଦର୍ଶାଇଛନ୍ତି। ସେବିର ନିର୍ଦ୍ଦେଶକୁ ବେଖାତିର କରି ମାଲ୍ୟା ୟୁନାଇଟେଡ ବ୍ରିଓରିଜ ଲିମିଟେଡର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇ ନ ଥିଲେ।

■ଭାରତ-ଇରାନ କାରବାର

## ଆଇଡିବିଆଇ ବ୍ୟାଙ୍କକୁ ନେଣଦେଣ ଅଧିକାର

ନୂଆଦିଲ୍ଲୀ,୪-୩

ଇରାନ ସହ ଆମଦାନୀ-ରପ୍ତାନି ଲାଗି କାରବାର କରିବାକୁ କେନ୍ଦ୍ର ସରକାର ଆଇଡିବିଆଇ ବ୍ୟାଙ୍କକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆମେରିକାର କଟକଣା ପରେ ଭାରତ ଓ ଇରାନ ମଧ୍ୟରେ ଟଙ୍କା ବିନିମୟରେ ହେଉଥିବା କାରବାର ଅଧିକ ସହଜ ହେବ। ଆମେରିକାର କଟକଣା ପରେ ୟୁକୋ ବ୍ୟାଙ୍କ ୨୦୧୮ ଅଗଷ୍ଟ ୬ରୁ ହେଉଥିବା କାରବାରକୁ ସମ୍ଭାଳୁଥିଲା। ଅଶୋଧିତ ତେଲ କିଣିବା ଲାଗି ୟୁରୋପୀୟ ବ୍ୟାଙ୍କ ମାଧ୍ୟମରେ ଇରାନକୁ ଅର୍ଥ ପୈଠ କରୁଥିଲା ଭାରତ। ତେବେ କଟକଣା ପରେ ସେହି ଚ୍ୟାନେଲ ବନ୍ଦ ହୋଇଯାଇଛି। ଫଳରେ ଦୁଇ ଦେଶ ସହମତିକ୍ରମେ ଏବେ ଟଙ୍କା ବିନିମୟରେ ତେଲ କାରବାର କରୁଛନ୍ତି। ସୂଚନାଥାଉ କି, ଭାରତ ଓ ଇରାନ ମଧ୍ୟରେ ୨୦୧୭-୧୮ରେ ବାଣିଜ୍ୟ କାରବାର ୧୩.୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି, ଯାହା କି ପୂର୍ବବର୍ଷ ୧୨.୯ ବିଲିୟନ ଡଲାର ଥିଲା।

## ୪୫% କମିଛି ଭାରତୀୟ କମ୍ପାନୀଙ୍କ ବିଦେଶୀ ଋଣ

ନୂଆଦିଲ୍ଲୀ,୪-୩

ବିଦେଶୀ ବଜାରରୁ ଭାରତୀୟ କମ୍ପାନୀଙ୍କ ଋଣ ପରିମାଣ ଚଳିତ ବର୍ଷ ଜାନୁୟାରୀରେ ୪୫% ହ୍ରାସ ପାଇଛି। ଗତ ବର୍ଷର ଏହି ସମୟ ତୁଳନାରେ ଚଳିତ ବର୍ଷ ଏହା କମି ୨.୪୨ ବିଲିୟନ ଡଲାରରେ ପହଞ୍ଚିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଏହା ଜଣାପଡିଛି। ଘରୋଇ କମ୍ପାନୀମାନେ ଗତ ବର୍ଷ ଜାନୁୟାରୀରେ ବିଦେଶରୁ ୫.୪୦ ବିଲିୟନ ଡଲାର ଋଣ ଆଣିଥିଲେ। ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ଜାନୁୟାରୀରେ ମୋଟ ଋଣ ମଧ୍ୟରୁ ୨.୨୭ ବିଲିୟନ ଡଲାରକୁ ବାହ୍ୟ ବାଣିଜ୍ୟିକ ଋଣ(ଇସିବି) ଜରିଆରେ ନିଆଯାଇଛି। ଅବଶିଷ୍ଟ ୧୫୦ ମିଲିୟନ ଡଲାରକୁ ମଞ୍ଜୁରୀ ମାର୍ଗ ଜରିଆରେ ନିଆଯାଇଛି। ଉଭୟ ୨୦୧୮ ଓ ୨୦୧୯ ଜାନୁୟାରୀରେ ଟଙ୍କା ଆଧାରିତ ବଣ୍ଡ ମାଧ୍ୟମରେ ଋଣ ନିଆଯାଇ ନାହିଁ ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟ କହୁଛି। ବିଦେଶୀ ବଜାରରୁ ଋଣ ନେବାରେ ସର୍ବାଗ୍ରେ ରହିଛି ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(୯୦୦ ମିଲିୟନ ଡଲାର), ଭାରତ ପେଟ୍ରୋଲିୟମ କର୍ପୋରେଶନ(୫୦୦ ମିଲିୟନ ଡଲାର) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(୨୦୦ ମିଲିୟନ ଡଲାର)। ଏହାଛଡ଼ା ଶକ୍ତି ପ୍ରକଳ୍ପ ପାଇଁ ପାୱାର ଗ୍ରୀଡ କର୍ପୋରେଶନ ୨୨୮.୫୫ ମିଲିୟନ ଡଲାର, ରିଲାଏନ୍ସ ହୋମ୍ ଫାଇନାନ୍ସ ଋଣ ପ୍ରଦାନ ପାଇଁ ୩୫.୫୦ ମିଲିୟନ ଡଲାର ଓ ପାୱାର ଫାଇନାନ୍ସ କର୍ପୋରେଶନ ୧୫୦ ମିଲିୟନ ଡଲାର ଋଣ ନେଇଛି।

### ଏୟାର ଇଣ୍ଡିଆର ୪ କର୍ମଚାରୀଙ୍କ ବିରୋଧରେ ଖାଦ୍ୟ ଚୋରି ଅଭିଯୋଗ

ନୂଆଦିଲ୍ଲୀ,୪-୩: ବିମାନରେ ବଳକା ଖାଦ୍ୟ ଓ ରାଶନ ସାମଗ୍ରୀକୁ ଚୋରି କରିବା ଅଭିଯୋଗରେ ଏୟାର ଇଣ୍ଡିଆର ୪ ଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଏୟାର ଇଣ୍ଡିଆ ସିଏମ୍‌ଡି ୨୦୧୭ ଅଗଷ୍ଟରେ ଏକ ଆଭ୍ୟନ୍ତରୀଣ ସର୍କୁଲାର ଜାରି କରି କହିଥିଲେ ଯେ, ବିମାନ ବନ୍ଦରରେ ବିମାନ ପହଞ୍ଚିବା କ୍ଷଣି ବଳକା ଖାଦ୍ୟ ଓ ରାସନ ସାମଗ୍ରୀକୁ କର୍ମଚାରୀମାନେ ନିଜର ବ୍ୟକ୍ତିଗତ କାର୍ଯ୍ୟ ଲାଗି ଚୋରାଇ ନେଉଛନ୍ତି।

GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE EXECUTIVE ENGINEER
RWS&S DIVISION, DHENKANAL
E-mail- eerwss-dkl@nic.in
INVITATIONS FOR BIDS THROUGH e-Procurement
Bid Identification No – 32/E.E/RWSS/2018-19/ Dhenkanal/Dt. 02.03.2019

**No.1895-O:-** The Executive Engineer, RWS&S Division, Dhenkanal on behalf of Governor of Odisha invites Item Rate/Percentage bid through e-procurement in Double cover system from contractors having experience in similar nature of work for the Projects according to norm of e-Procurement system in on-line mode.
Nature of Work:- Execution of Rural Piped Water Supply Schemes & Const. of ESR in Different Blocks under Dhenkanal District.

| | | | |
|---|---|---|---|
| 1. | No. of Tenders | : | 10 Nos. |
| 2. | Tender Paper Cost | : | 6,000/- to 10,000/- (Online Mode) |
| 3. | Value of work | : | 25.92 Lakh to 99.50 Lakh |
| 4. | Class of Contractor | : | C, B & A Class |
| 5. | Date & time of availability of bid document in portal | : | 20.03.2019 at 11.00 A.M 03.04.2019 up to 5.00 P.M |
| 6. | Date & time of seeking tender clarification | : | 02.04.2019 up to 05.00 P.M |
| 7. | Date & time of opening of tender | : | 04.04.2019 at 11.00 A.M in the office of the Executive Engineer, RWS&S Division, Dhenkanal. |
| 8. | Time of completion | : | Four Months to Six Months |
| 9. | The bidders have to participate in online bidding only. Further details can be seen from the website https://www.tendersorissa.gov.in. | | |
| 10. | Corrigendum if any shall be published in the above website only. | | |

Sd./- Executive Engineer,
RWS&S Division, Dhenkanal
25029/11/0018/1819

PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA
OFFICE OF THE EXECUTIVE ENGINEER, RWS&S DIVISION, Nabarangpur
Tel-(06858)222643, E-Mail: eerwss_ngp@rediffmail.com /eerwssngp@gmail.com
INVITATION FOR BIDS
No: RWSS_NGP_ONLINE_`09/ 2018-19 DATED: - 26.02.2019

No.1877-O:- The Executive Engineer, RWS&S Division, Nabarangpur on behalf of Govt. Of Odisha invites item rate/ percentage bid through e-procurement in double cover system according to norm of e- procurement system in on-line mode.
1. Name of the Work : Construction of different capacity Over Head Tank including its ancillary work in commissioned pipe water supply scheme and different Block in the Nabarangpur District.
2. No. of Works : 08 Nos (Detailed Tender Call Notice available in the website)
3. Estimated Cost : Varies from approximately Rs. 32.20 Lakhs to Rs. 282.28 Lakhs
4. Tender Paper Cost : Rs. 6000.00 to Rs. 10000.00
5. Class of Contractor :

| Estimated cost up to Rs.20.00 lakhs | Estimated cost more than Rs.20.00 lakhs & within Rs. 40.00 lakhs | Estimated cost more than Rs.03.00 Crore & within Rs.06.00 Crore |
|---|---|---|
| 'D' & 'C' | 'C' & 'B' | 'B' & 'A' |

6. Period of Completion : 180 Days to 330 Days

| Procurement Officer | Bid Identification No. | Availability of Tender online for bidding | | Last Date of seeking tender Clarification | Last date of receipt of confirmation letter & other documents. | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ONLINE_09 of 2018-19 | 15.03.19 at 11.00AM | 20.03.19 at 05.00PM | 19.03.19 up to 11.00 AM | 23.03.19 up to 03.30P.M. | 25.03.19 at 11.00 A.M. |

7. Critical dates :
• Further details can be seen in the bidding documents, which is available in the e-procurement portal **https://www.tendersorissa.gov.in.** • Subsequent corrigendum if required shall be appeared in the website. • Authority reserves the right to reject any or all tenders without assigning any reason thereof.
25028/11/0016/1819 Sd/- Executive Engineer, RWS&S Division, Nabarangpur

GOVERNMENT OF ODISHA
OFFICE OF THE SUPERINTENDING ENGINEER
BALANGIR (R&B) CIRCLE, BALANGIR
e-Procurement Notice No.1320-B
Mail ID:- sepwdbalangir@gmail.com, Fax/Ph No.06652-231866
BID IDENTIFICATION No.SE(R&B) BGR/18/2018-19
No.477 Dtd:25.02.2019

1. The Superintending Engineer, Bolangir (R&B) Circle, Bolangir on behalf Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B & A Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for Execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Road work
3. No. of tender : Road work-01 No.
4. Tender Cost : Rs.10,000/-
5. Class of Contractor : "B" & "A" Class.
6. Date & Time of sale & Receipt of Bids : From Dt.07.03.2019, 10.00 AM. to Dt.20.03.2019 up to 05.00 PM.
7. Date of opening Bid : Dt.23.03.2019 at 11.30 AM.
8. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in.** All future corrigendum will be available on ONLINE MODE only.

Sd./- Superintending Engineer
Bolangir (R&B) Circle, Bolangir
34131/11/0048/1819

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, BALASORE
E-Mail:- serw_balasore@yahoo.in Tel/FAX:- 06782-260318
NOTICE
FOR PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH "e"-Procurement
Bid identification No. PMGSY On-line N.C.B. No.- 252

**No.1900-O:-** The Superintending Engineer, Rural Works Circle, Balasore on behalf of Odisha State Rural Road Agency invites the percentage rate bids in electronic tendering system for construction of Roads under Pradhan Mantri Gram Sadak Yojana in the districts of Balasore for 2 (Two) number of packages with estimated cost totalling to Rs 5.38 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement: Dtd. 12.03.2019 from 11.00 AM

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at Three places i.e. O/o Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Balasore// Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand (i.e 29.03.2019 upto 5.00 P.M), failing which the bids shall be declared non-responsive.

Last Date/ Time for receipt of bids through e-procurement: 26.03.2019 upto 5.00 P.M.

For further details and corrigendum (if any) please log on to www.pmgsytenders.gov.in.

Sd./- Superintending Engineer
R.W.Circle, Balasore
25105/11/0041/1819

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. Civil/EST-74/2018-19/4560 Date: 02.03.2019
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work** : Construction of 10nos. 3 BHK Quarters(E-Type, S+5) for Govt. College of Engineering, Keonjhar.

| Procurement Officer | Bid Identification No. | Period of Completion | Value of Work | Availability of Tender on-line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM(Civil), IDCO, IDCO Tower, Janpath, Bhubaneswar | Bid ID. No. Civil-EST-74/2018-19 | 9(Nine) Calendar Months | Rs. 2,97,97,692/- | 18.00 Hours of 12.03.19 | 17.00 Hours of 27.03.19 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO Website**.
Sd/-
Chief General Manager (Civil), I/C
IDCO, Bhubaneswar

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
cmpdi A Mini Ratna Company
Central Mine Planning & Design Institute Ltd.
( A Subsidiary of Coal India Limited)
RI-VII,Samantapuri, Near Gandhi Park, PO: RRL, Bhubaneswar-13
E-TENDER NOTICE

Offers are invited for CMPDI, RI-VII, Plot No.:E-04, Near Gandhi Park, Samantapuri, Bhubaneswar through e-Tendering (ONLINE BIDDING) only: Tender Notice No. & Date: CMPDI/RI-VII/E&M/Solar/e-T/2019/E-270937 Dated 25.02.2017, Description: "Supply, installation, commissioning, testing and trial run of 60 kWp Micro-grid Solar photo-voltaic power Plant (on top of vehicle parking sheds) in the office building premises of RI-VII, Bhubaneswar, Odisha consisting of all Civil, Structural, Electrical and Mechanical Works and all other accessories and facilities required to make it complete in all respects. **(Note: Supply & installation of steel structures for modification of existing 2-wheeler parking shed for installing PV array-1 and construction of new 4- wheeler parking shed in free space for PV array-2 as shown in the drawing for installing PV modules on top of these structures is also in scope of this tender)** Estimated value of Work:- **₹53,14,000.00,** Period of Completion: **120 Days.**
Detailed tender notice & Tender documents including terms and conditions of works shall be available on e-tendering portal https://coalindiatenders.nic.in and Tender Notice only shall be available at website www.cmpdi.co.in and www.eprocure.gov.in from **05.03.2019 to 27.03.2019.** Important Note to all prospective bidders: For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at www.coalindiatenders.nic.in. For any query, contact HoD(E&M), CMPDI, RI-VII, Bhubaneswar, Tel.No. 0674-2301373, Mobile No. 9438881021, 9438881083, 9438881068 & Fax No. 0674-2301762

କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
ସଂଖ୍ୟା ନଂ ୩୭୪୨/କ.ଉ.କ./ତା ୨୮.୦୨.୨୦୧୯
ବିଜ୍ଞପ୍ତି

କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା – ୯୮୭ ତା୨୦.୦୬.୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା। ପୁନର୍ବାର ଉକ୍ତ ସ୍କିମକୁ ଆସନ୍ତା ୬ (ଛଅମାସ) ପର୍ଯ୍ୟନ୍ତ ସଂପ୍ରାସାରଣ କରାଯାଇଅଛି, ଯାହାକି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା – ୩୨୦୮୬ ତା।୧୯.୧୨.୨୦୧୮ (Notification No.32086/ HUD Dt.19.12.2018) ଦ୍ୱାରା ପ୍ରକାଶ ପାଇଅଛି। ଏହା ଦ୍ୱାରା ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଯେଉଁ ବ୍ୟକ୍ତିମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି, ସେମାନେ ଏହି ସୁଯୋଗର ଉପଯୋଗ କରନ୍ତୁ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ **୧୮.୦୬.୨୦୧୯** ଅଟେ।
ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ – www.cdacuttack.nic.in ରେ ଉପଲବ୍ଧ ଅଟେ।
ସ୍ୱା /–
ସଚିବ



❝ ଟ୍ରାନ୍ସଜେଣ୍ଡର ଆଥଲେଟ୍‌ଙ୍କୁ ମହିଳାଙ୍କ ସହିତ ଭାଗ ନେବାକୁ ସୁଯୋଗ ଦେବା ଧୋକା ଓ ଅନୁଚିତ ବୋଲି କହିଥିବାରୁ ମୁଁ କ୍ଷମା ମାଗୁଛି ।

–ମାର୍ଟିନା ନାଭ୍ରାତିଲୋଭା, ପୂର୍ବତନ ଟେନିସ ଖେଳାଳି

❝ ମାର୍ଚ୍ଚ ୧୦ରୁ ଆରମ୍ଭ ହେବାକୁଥିବା ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ମୁଁ କେଣ୍ଟୋ ମୋମୋତାଙ୍କ ସହିତ ମୁକାବିଲା କରିବାକୁ ଚାହେଁ ।

–ସମୀର ବର୍ମା, ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ମହିଳା କ୍ରିକେଟ
### ପ୍ରଥମ ଟି୨୦ରେ ଇଂଲଣ୍ଡ ବିଜୟୀ

ଗୁଆହାଟୀ,୪।୩

ଏଠାରେ ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ୪୧ ରନ୍‌ରେ ଭାରତ ମହିଳା ଦଳକୁ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଇଂଲଣ୍ଡ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ତେବେ କ୍ରିକେଟର ଛୋଟିଆ ଫର୍ମାଟରେ ଏହାଭାରତୀୟ ମହିଳା କ୍ରମାଗତ ୫ମ ପରାଜୟ। ପୂର୍ବରୁ ଭାରତୀୟ ଦଳ ନ୍ୟୁଜିଲାଣ୍ଡଠାରୁ ସମସ୍ତ ଟି୨୦ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ଭାରତୀୟ କାମଚଳା ଅଧିନାୟିକା ସ୍ମୃତି ମନ୍ଧାନା ଟସ୍ ଜିତି ଭ୍ରମଣକାରୀ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ଟମି ବିମଣ୍ଟଙ୍କ ୬୨ ଓ ଅଧିନାୟିକା ହେଥର ନାଇଟଙ୍କ (୪୦) ରନ୍ ଯୋଗୁ ଇଂଲଣ୍ଡ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଭାରତ ପାଇଁ ବୋଲିଂରେ ରାଧା ଯାଦବ ୨ଟି ଉଇକେଟ ନେଇଥିବାବେଳେ ଦୀପ୍ତି ଶର୍ମା ଓ ଶିକ୍ଷା ପାଣ୍ଡେ ଗୋଟିଏ ଲେଖାଏ ସଫଳତା ପାଇଥିଲେ। ଜବାବରେ ଭାରତୀୟ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୭୬ ରନ୍ ମଧ୍ୟରେ ଉପରକ୍ରମର ୬ ବ୍ୟାଟ୍ସମ୍ୟାନଙ୍କ ଉଇକେଟ ହରାଇ ଲକ୍ଷ୍ୟ ହରା ହୋଇଯାଇଥିଲା। ଏହାପରେ ଦୀପ୍ତି (୨୨) ଓ ଶିକ୍ଷା (୨୩) ୭ମ ଉଇକେଟ ପାଇଁ ୪୩ ରନ୍ ଯୋଡ଼ିଥିଲେ। ଏଥିଯୋଗୁ ଦଳ ଶେଷ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୧୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପାଇଁ କାଥେରିନ ବ୍ରଣ୍ଟ ଓ ଲିନ୍‌ସେ ସ୍ମିଥ ୨ ଉଇକେଟ ଲେଖାଏ ଅକ୍ତିଆର କରିଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୭ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ।

## ଦ୍ୱିତୀୟ ଦିନିକିଆ ଆଜି

# ବିଜୟ ବଜାୟ ଲକ୍ଷ୍ୟରେ ଭାରତ

ନାଗପୁର, ୪।୩(ପି.ଟି.)



ଅଭ୍ୟାସ ସେସନ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି।

**ଭାରତୀୟ ଦଳ**

ବିରାଟ କୋହଲି(ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ବିଜୟ ଶଙ୍କର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରିଷଭ ପନ୍ତ, ସିଦ୍ଧାର୍ଥ କାଉଲ୍, ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା

**ଅଷ୍ଟ୍ରେଲିଆ ଦଳ**

ଆରୋନ ଫିଞ୍ଚ୍(ଅଧିନାୟକ), ଡାର୍ସି ଶର୍ଟ, ଶନ ମାର୍ଶ, ମାର୍କୁସ ଷ୍ଟୋଇନସ୍, ଉସମାନ ଖ୍ୱାଜା, ଆଲେକ୍ସ କୋରେ, ପିଟର ହ୍ୟାଣ୍ଡ୍ସକମ୍ବ, ଆଷ୍ଟନ ଟର୍ନର, ଆଡାମ ଜାମ୍ପା, ଜାସନ ବେହରେନଡର୍ଫ, ଝି ରିଚାର୍ଡଶନ, ପ୍ୟାଟ୍ କୁମିନ୍ସ, ଆଣ୍ଡ୍ର୍ୟୁ ଟାଇ, ନାଥାନ କୁଲ୍ଟର ନିଲ, ନାଥାନ ଲିୟନ।

**ମ୍ୟାଚ ଆରମ୍ଭ:** ଅପରାହ୍ନ ୧ଟା ୩୦ / **ପ୍ରସାରଣ:** ଷ୍ଟାର ନେଟୱର୍କ

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ବିଶ୍ୱକପ ପୂର୍ବରୁ ଦଳର ଲାଇନ୍‌ଅପ୍‌କୁ ଚୂଡ଼ାନ୍ତ ରୂପ ଦେବା ସହିତ ବିଜୟ ଧାରା ବଜାୟ ରଖିବା ଭାରତର ମୁଖ୍ୟ ଲକ୍ଷ୍ୟ। ଗତ ଶନିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୬ ଉଇକେଟରେ ବିଜୟୀ ହୋଇଥିଲା। ଦଳର ବୋଲିଂ ଓ ବ୍ୟାଟିଂ ବିଭାଗ ଏଥିରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଫଳରେ ଟି୨୦ ସିରିଜରେ ୦-୨ରେ ପରାଜୟ ପରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ପାରିଥିଲା।

ବିଶ୍ୱକପ ପୂର୍ବରୁ ଭାରତ ଆଉ ମାତ୍ର ୪ଟି ଦିନିକିଆ ଖେଳିବାକୁ ବାକି ରହିଛି। ତେଣୁ ଆଗାମୀ ମେଗା ଟୁର୍ନାମେଣ୍ଟ ପୂର୍ବରୁ ଦଳକୁ ସଜାଡ଼ି ନେବାପାଇଁ ଏହାକୁ ଶେଷ ସୁଯୋଗ ବୋଲି କୁହାଯାଇ ପାରିବ। ଓପନର ଶିଖର ଧାୱନ ହାଇଦ୍ରାବାଦରେ ସଫଳ ହୋଇପାରି ନ ଥିଲେ। ତେବେ ତାଙ୍କୁ ଆଗାମୀ ମ୍ୟାଚରେ ସ୍ଥାନ ମିଳିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଲୋକେଶ ରାହୁଲ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ଉପଅଧିନାୟକ ରୋହିତ ଶର୍ମା କ୍ରିଜରେ ରହିଲେ ଅଷ୍ଟ୍ରେଲିଆର ଯେ କୌଣସି ବୋଲିଂ ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ। ତେଣୁ ପ୍ରଥମ ମ୍ୟାଚରେ ୪୪ ରନ କରିଥିବା ଅଧିନାୟକ ବିରାଟ କୋହଲି ଓ ରୋହିତଙ୍କୁ ନେଇ ଅଷ୍ଟ୍ରେଲିଆ ଚିନ୍ତିତ ଥିବ ନିଶ୍ଚିତ। ଉଭୟ ଖେଳାଳି ରନ ପାଇଁ ସବୁବେଳେ ଭୋକିଲା ଥାଆନ୍ତି। ତେଣୁ ଯଦି ବିଦର୍ଭ କ୍ରିକେଟ ଆସୋସିଏଶନ (ଭିସିଏ) ଷ୍ଟାଡିୟମରେ ୨ ଜଣଙ୍କ ବ୍ୟାଟ୍ ଚାଲିଲା ତେବେ ଅଷ୍ଟ୍ରେଲିଆ ପାଇଁ ମ୍ୟାଚ ବହୁତ କଷ୍ଟକର ହୋଇ ପଡ଼ିବ। ଅମ୍ବାତି ରାୟୁଡୁ ପୂର୍ବ ମ୍ୟାଚରେ ଫେଲ୍ ମାରିଥିଲେ ହେଁ ତାଙ୍କ ବ୍ୟାଟିଂ ଦକ୍ଷତା ଉପରେ ଟିମ୍ ମ୍ୟାନେଜମେଣ୍ଟ ସନ୍ତୁଷ୍ଟ। ତେଣୁ ତାଙ୍କ ସ୍ଥାନ ବିପଦରେ ନାହିଁ। ୮୧ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା କେଦାର ଯାଦବ ବ୍ୟାଟିଂ ଅର୍ଡରର ୬ ନମ୍ବର ସ୍ଥାନକୁ ଏକପ୍ରକାର ପକ୍କା କରି ନେଇଛନ୍ତି। ତାଙ୍କ ଡାହାଣହାତୀ ଅଫ୍ ବ୍ରେକ୍ ବୋଲିଂ ମଧ୍ୟ ଦଳ ପାଇଁ ବେଶ୍ ଉପାଦେୟ ହେଉଛି। ୩୭ ବର୍ଷୀୟ ମହେନ୍ଦ୍ର ସିଂ ଧୋନୀଙ୍କ ଫର୍ମ ଦଳ ପାଇଁ ଶୁଭ ଦାୟକ ହୋଇଛି। ପ୍ରଥମ ଦିନିକିଆରେ ଟପ୍ ଅର୍ଡର ବିଫଳତା ସତ୍ତ୍ୱେ ସେ ୫୯ ରନରେ ଅପରାଜିତ ରହି ମ୍ୟାଚକୁ ଯେପରି ଫିନିଶ୍ କଲେ ତାହା କୋଚ୍ ରବି ଶାସ୍ତ୍ରୀଙ୍କୁ ବେଶ୍ ପ୍ରଭାବିତ କରିଛି। ତେବେ ବିଜୟ ଶଙ୍କର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବାରୁ ତାଙ୍କ ସ୍ଥାନରେ ଯୁବ ଖେଳାଳି ରିଷଭ ପନ୍ତଙ୍କୁ ସୁଯୋଗ ମିଳିପାରେ।

ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ୍ ବୁମ୍‌ରା ଭାରତୀୟ ବୋଲିଂ ଆକ୍ରମଣର କର୍ଣ୍ଣଧାର ବୋଲି ପ୍ରଥମ ଦିନିକିଆରେ ପ୍ରମାଣ କରି ଦେଇଛନ୍ତି। ଏହି ଗୁଜରାଟ ପେସରଙ୍କ ସହ ମହମ୍ମଦ ସାମି କୋହଲିଙ୍କ ଅସ୍ତ୍ରାଗାରର ମାରାତ୍ମକ ହତିଆର ବୋଲି ନିଜକୁ ପ୍ରମାଣିତ କରିଛନ୍ତି। ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ଭାରତୀୟ ସ୍ପିନ୍ ଆକ୍ରମଣର ନେତୃତ୍ୱ ନେବେ। ମିଡଲ ଓଭରରେ ସେ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ତେବେ ତାଙ୍କ ସହିତ ରବୀନ୍ଦ୍ର ଜାଡେଜା ରହୁଛନ୍ତି କିମ୍ବା ଯୁଜବେନ୍ଦ୍ର ଚହଲ ଦଳକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିଜୟ ସହ ସିରିଜକୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି। ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କଲେ ପରିସ୍ଥିତି ଅଧିକ କଷ୍ଟକର ହୋଇପଡ଼ିବ ବୋଲି ଟିମ୍ ମ୍ୟାନେଜମେଣ୍ଟ ଜାଣିଛି। କୋଚ୍ ଜଷ୍ଟିନ୍ ଲାଙ୍ଗରଙ୍କ ପାଇଁ ଫର୍ମରେ ନ ଥିବା ଆରୋନ ଫିଞ୍ଚ ଚିନ୍ତାର କାରଣ ହୋଇଛନ୍ତି। ୨ଟି ଟି୨୦ରେ ଯଥାକ୍ରମେ ୦ ଓ ୮ ରନରେ ଆଉଟ ହୋଇଥିବା ଫିଞ୍ଚ୍ ପ୍ରଥମ ଦିନିକିଆରେ ମଧ୍ୟ ଫେଲ୍ ମାରିଛନ୍ତି। ତେବେ ଭାଗ୍ୟ ପରିବର୍ତ୍ତନ ସହ ମଙ୍ଗଳବାର ମ୍ୟାଚରେ ସେ ଫର୍ମକୁ ଫେରିବେ ବୋଲି ଆଶା ରଖିଛନ୍ତି। ପ୍ରଥମ ଦିନିକିଆରେ ଭଲ ଆରମ୍ଭ ପରେ ଦାୟିତ୍ୱହୀନଭାବେ ଉଇକେଟ ଫୋପାଡ଼ି ଦେଇଥିବା ଉସମାନ ଖ୍ୱାଜା, ଗ୍ଲେନ ମ୍ୟାକ୍ସୱେଲ, ଅଲରାଉଣ୍ଡର ମାର୍କସ ଷ୍ଟୋଇନସ୍‌ଙ୍କୁ ଆଗାମୀ ମ୍ୟାଚରେ ବଡ଼ ଇନିଂସ ଖେଳିବାକୁ ହେବ। ଯୁବ ଖେଳାଳି ପିଟର ହ୍ୟାଣ୍ଡ୍ସକମ୍ବ ଓ ଉଇକେଟ କିପର ଆଲେକ୍ସ କୋରେଙ୍କୁ ମଧ୍ୟ ନିଜ ଭୂମିକା ବୁଝିବାକୁ ପଡ଼ିବ। ଲେଗ୍ ସ୍ପିନର ଆଡାମ ଜାମ୍ପା ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇବାରେ ସକ୍ଷମ ହୋଇଥିବାରୁ ଅଷ୍ଟ୍ରେଲିଆ ବୋଲିଂ ଆକ୍ରମଣର ନେତୃତ୍ୱ ନେବେ। ତେବେ ତାଙ୍କୁ ଫ୍ରଣ୍ଟଲାଇନ ବୋଲର ପ୍ୟାଟ୍ କୁମିନ୍ସ ଓ ନାଥାନ କୁଲ୍ଟର ନିଲଙ୍କଠାରୁ ଉପଯୁକ୍ତ ସମର୍ଥନ ମିଳିବା ଆବଶ୍ୟକ। ନିୟମିତ ଆଇପିଏଲ ଖେଳୁଥିବା ଆଣ୍ଡ୍ର୍ୟୁ ଟାଇଙ୍କୁ ଅଷ୍ଟ୍ରେଲିଆ ଜାସନ ବେହରେନଡର୍ଫଙ୍କ ସ୍ଥାନରେ ଖେଳାଇପାରେ।

ଓଡ଼ିଶା ସରକାର

ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ

୫ ମାର୍ଚ୍ଚ ୨୦୧୯ । ଅପରାହ୍ନ ୪.୧୫

ତୃତୀୟ ମହଲା ସମ୍ମିଳନୀ କକ୍ଷ

ପ୍ରଥମଥର ପାଇଁ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକର
ସିଧା ପ୍ରସାରଣ ପ୍ରମୁଖ ଓଡ଼ିଆ ଚ୍ୟାନେଲ୍ ମାନଙ୍କରେ ଦେଖନ୍ତୁ
୫ ମାର୍ଚ୍ଚ ୨୦୧୯ ଅପରାହ୍ନ ୪ ଘଣ୍ଟିକାରୁ ।

DADLS-294
15001/13/0007/1819



"ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ ହେଲେ ଉଇକେଟ୍ ଟୁ ଉଇକେଟ ଲାଇନ୍‌ରେ ବୋଲିଂ କରିବାକୁ ପଡ଼ିବ।"
–ଆଡାମ ଜାମ୍ପା, ଅଷ୍ଟ୍ରେଲୀୟ କ୍ରିକେଟର



"ମୁଁ ଜଣେ ବୋଲର ହୋଇଥିଲେ ମଧ୍ୟ ବ୍ୟାଟିଂରେ ଦକ୍ଷତା ବୃଦ୍ଧି ଲାଗି ମୋତେ ଅତିରିକ୍ତ ସମୟ ଦେବାକୁ ପଡୁଛି।"
–କୁଲ୍‌ଦୀପ ଯାଦବ, ଭାରତୀୟ ବୋଲର

# ଆଇସିସି ୱାର୍କିଂ ଗ୍ରୁପ୍‌ରେ ଜୋହରୀ

ନୂଆଦିଲ୍ଲୀ, ୪।୩ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଗଠନ କରାଯାଇଥିବା ୬ ଜଣିଆ ସଦସ୍ୟ ବିଶିଷ୍ଟ ଏକ ୱାର୍କିଂ ଗ୍ରୁପ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରାହୁଲ ଜୋହରିଙ୍କୁ ସାମିଲ କରାଯାଇଛି। ଏଥିରେ ଅନ୍ୟ ୪ଟି ଦେଶ କ୍ରିକେଟ ବୋର୍ଡର ସିଇଓ ମଧ୍ୟ ସ୍ଥାନ ପାଇଛନ୍ତି। ସେମାନେ ହେଲେ କ୍ରିକେଟ ଅଷ୍ଟ୍ରେଲିଆର କେଭିନ ରବର୍ଟ୍ସ, କ୍ରିକେଟ ଦକ୍ଷିଣ ଆଫ୍ରିକାର ଥବାଙ୍ଗ ମୋରୋ, ୱେଷ୍ଟଇଣ୍ଡିଜର ଜନି ଗ୍ରେଭ୍ସ, ଏଫ୍‌ଆଇସିଏର ଟୋନୀ ଇରିଶ ଏବଂ କ୍ରିକେଟ ସ୍କଟଲାଣ୍ଡ ଚେୟାରମ୍ୟାନ ଟୋନି ବ୍ରାଏନ। ଟି୨୦ ଫ୍ରିଲାନ୍‌ସର୍ସମାନେ କେତୋଟି ଲିଗ୍ ମ୍ୟାଚ ଖେଳି ପାରିବେ ସେ ସମ୍ପର୍କରେ ଏହି ଗ୍ରୁପ୍ ନୀତି ନିର୍ଦ୍ଧାରଣ କରିବ। ଏହି ଗ୍ରୁପ୍‌କୁ ଆଇସିସି ମ୍ୟାନେଜମେଣ୍ଟ ଏବଂ ବହିଃର୍ବ୍ୟାପାର ଆଇନଜ୍ଞମାନେ ସହାୟତା ପ୍ରଦାନ କରିବେ। ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ରିଚାର୍ଡସନ କହିଛନ୍ତି, ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସମେତ କୌଣସି ପ୍ରାଇଭେଟ ଲିଗ୍‌ରେ ହସ୍ତକ୍ଷେପ ଏହି ଗ୍ରୁପ୍ ମୁଖ୍ୟ ଉଦ୍ଦେଶ୍ୟ ନୁହେଁ। ମାତ୍ରାଧିକ ଖେଳାଇବା ଦ୍ୱାରା ଖେଳାଳିଙ୍କ ଇଞ୍ଜୁରି ସମସ୍ୟା ରହିଥିବାରୁ ଏହାକୁ କିପରି ଏଡାଇ ଦିଆଯାଇ ପାରିବ ସେ ଦିଗରେ ଧ୍ୟାନ ଦେବ।

# ଏସିଆନ ଗେମ୍ସରେ ଭାଗ ନେବ ଅଷ୍ଟ୍ରେଲିଆ

ସିଡ୍‌ନୀ, ୪।୩ (ଏଏଫ୍‌ପି)

ଏସିଆନ ଗେମ୍ସ ୨୦୨୨ରେ ଅଂଶଗ୍ରହଣ କରିବା ଲାଗି ପ୍ରଥମ ଥର ପାଇଁ ସ୍ପୋର୍ଟିଂ ପାୱାର ହାଉସ୍ ଅଷ୍ଟ୍ରେଲିଆ ସମେତ ଓସେନିଆ ରାଷ୍ଟ୍ର ସମୂହଙ୍କୁ ପ୍ରଥମଥର ଆମନ୍ତ୍ରଣ କରାଯାଇଛି। ସେମାନେ ଫୁଟ୍‌ବଲ ଓ ବାସ୍କେଟବଲ୍ ଭଳି ଅଲିମ୍ପିକ ଟିମ୍ ଇଭେଣ୍ଟରେ ଭାଗ ନେଇ ପାରିବେ। ବ୍ୟାଙ୍କକ୍‌ଠାରେ ଚାଲିଥିବା ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ ବୈଠକରେ ଗତ ରବିବାର ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ସୁଯୋଗ ପାଇଁ ଅଷ୍ଟ୍ରେଲିଆ କୃତଜ୍ଞତା ଜ୍ଞାପନ କରୁଛି। ପଡୋଶୀ ଓସେନିଆ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏସିଆନ ଗେମ୍ସରେ ଭାଗ ନେବା ଲାଗି ଆଗ୍ରହୀ ଥିବା ଅଷ୍ଟ୍ରେଲିଆନ ଅଲିମ୍ପିକ କମିଟି ସଭାପତି ଜନ୍ କୋର୍ଟ୍ସ ସୋମବାର ପ୍ରକାଶ କରିଛନ୍ତି। ଏସିଆନ ଗେମ୍ସ ୨୦୨୨ ଚାଇନାର ହାଙ୍ଗଝୋଠାରେ ଆୟୋଜିତ ହେବ। ଆମନ୍ତ୍ରିତ ଦେଶଗୁଡ଼ିକ ଭଲିବଲ୍, ବିଚ୍ ଭଲିବଲ, ବାସ୍କେଟବଲ୍, ଫୁଟ୍‌ବଲ ଓ ଫେନ୍‌ସିଂ, ସୁଇମିଂ ଓ ଟ୍ରାକ୍ ସାଇକ୍ଲିଂରେ ଭାଗ ନେବେ। ଓସେନିଆ ଅନ୍ତର୍ଗତ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ କେତେକ ପ୍ୟାସିଫିକ୍ ଦ୍ୱୀପରାଷ୍ଟ୍ର ପୂର୍ବରୁ ଆଞ୍ଚଳିକ ଅଲିମ୍ପିକ୍ସରେ ଭାଗ ନେଇ ନ ଥିଲେ। କିନ୍ତୁ ଅଷ୍ଟ୍ରେଲିଆ ୨୦୦୬ରେ ଏସିଆନ ଫୁଟ୍‌ବଲ କନଫେଡେରେଶନର ଅନ୍ୟତମ ସଦସ୍ୟ ହୋଇଛି। ଏହି ଦେଶ ପୂର୍ବରୁ ୨୦୦୧ରେ ଓସାକାରେ ଇଷ୍ଟ ଏସିଆନ ଗେମ୍ସ ଏବଂ ୨୦୧୭ରେ ସାପୋରୋଠାରେ ୱିଣ୍ଟର ଗେମ୍ସରେ ଭାଗ ନେଇସାରିଛି। ଅଲିମ୍ପିକ୍ସ ପରେ ଏସିଆନ ଗେମ୍ସକୁ ଦ୍ୱିତୀୟ ବହୁବିଧ ଗ୍ଲୋବାଲ କ୍ରୀଡ଼ା ଇଭେଣ୍ଟ ବିବେଚନା କରାଯାଉଛି। ଏଥିରେ ୩୫ଟି କ୍ରୀଡ଼ାରେ ପ୍ରାୟ ୧୦,୦୦୦ ଆଥ୍‌ଲେଟ ଅଂଶଗ୍ରହଣ କରିଥାନ୍ତି।

# ରବିଙ୍କ ଲକ୍ଷ୍ୟ ୨୦୨୦ ଅଲିମ୍ପିକ୍ସ

ବ୍ରହ୍ମପୁର ଅଫିସ୍, ୪।୩

କାତୁଲୁ ରବି କୁମାର । ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ପରିଚିତ ନାମ। ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ ପରେ ରବି କୁମାର କେବଳ ଓଡ଼ିଶା ନୁହଁ, ସାରା ଭାରତରେ ଏକ ଚିହ୍ନା ଚେହେରା ପାଲଟି ଯାଇଥିଲେ। ଜଣେ ଉଦୀୟମାନ୍ ଭାରୋତ୍ତୋଳକ ଭାବେ ଅର୍ଜୁନ ପୁରସ୍କାର ପାଇଛନ୍ତି ରବି କୁମାର । କିନ୍ତୁ ଗତ କିଛି ବର୍ଷ ହେଲା ଆଘାତଜନିତ ସମସ୍ୟା ଯୋଗୁ ଭାରୋତ୍ତୋଳନଠାରୁ ସେ ଦୂରେଇ ଯାଇଥିଲେ। ତାଙ୍କ କ୍ୟାରିୟର୍ ଶେଷ ହୋଇଗଲା ବୋଲି ମଧ୍ୟ ଆଲୋଚନା ହେଉଥିଲା। ହେଲେ ରବି କୁମାର ପୁଣି ଫେରିଛନ୍ତି। ଗୋଟିଏ ସପ୍ତାହ ଭିତରେ ଦୁଇଟି ଜାତୀୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଜିତିଛନ୍ତି ସ୍ୱର୍ଣ୍ଣ। ଏବେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି ରବି କୁମାର। ସୋମବାର ବ୍ରହ୍ମପୁର ଫେରିବା ପରେ ରବିଙ୍କୁ ବିଭିନ୍ନ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

ରବିଙ୍କ ପ୍ରଦର୍ଶନ ଗତ କିଛି ବର୍ଷ ହେଲା ଆଘାତ କାରଣରୁ ପ୍ରଭାବିତ ହୋଇଥିଲା। ୨୦୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୬୯କିଲୋ ଓଜନ ବର୍ଗରେ ଭାଗ ନେଇଥିଲେ ରବି କୁମାର। ସ୍ନାଚ୍‌ରେ ୧୪୬ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୭୫ ସହ ମୋଟ ୩୨୧ କେଜି ଓଜନ ଉଠାଇ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କର ଏହି ପ୍ରଦର୍ଶନ ପାଇଁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୧୨ ଲଣ୍ଡନ୍ ଅଲିମ୍ପିକ୍ସରେ ରବି କୁମାର ଭାଗ ନେଇଥିଲେ ମଧ୍ୟ ଅସୁସ୍ଥତା ଯୋଗୁ ସଫଳ ହୋଇପାରି ନ ଥିଲେ। ହେଲେ ଏହା ପରେ ପରେ ସେ ଆଘାତଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ପରେ ଆଣ୍ଠୁରେ ଯେଉଁ ଆଘାତ ଲାଗିଥିଲା, ତାହା ଧୀରେ ଧୀରେ ଅଧିକ ବଢ଼ିବାରେ ଲାଗିଲା। ଏଣୁ ଭାରୋତ୍ତୋଳନଠାରୁ ଦୂରେଇ ଯାଇଥିଲେ। ଆଘାତରୁ ସମସ୍ୟାରୁ ମୁକୁଳି ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଭାଗ ନେଇଥିଲେ ମଧ୍ୟ ପ୍ରଦର୍ଶନ ଖାସ୍ ନ ଥିଲା। ହେଲେ ଅନେକ ବର୍ଷ ପରେ ପୁଣି ଥରେ ସଫଳତା ହାସଲ କରିବାରେ ଲାଗିଛନ୍ତି ରବି। ନୂତନ ଭାବେ ଖେଳାଯାଉଥିବା ୮୯କିଲୋ ଓଜନ ବର୍ଗରେ ସେ ଭାଗ ନେଉଛନ୍ତି। ଏହା ତାଙ୍କୁ ସଫଳତା ଦେବାରେ ଲାଗିଛି। କାରଣ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଜାତୀୟ ବରିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତାରେ ରବି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଓଡ଼ିଶା ତରଫରୁ ଖେଳି ରବି କୁମାର ସ୍ନାଚ୍‌ରେ ୧୫୦କିଲୋ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୯୨କିଲୋ ସହ ମୋଟ ୩୪୨କିଲୋ ଓଜନ ଉଠାଇଥିଲେ। ଏପରିକି ଏହି ପ୍ରତିଯୋଗିତାରେ ତାଙ୍କୁ ଶ୍ରେଷ୍ଠ ଭାରୋତ୍ତୋଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଜୟପୁରରେ ସମାପ୍ତ ହୋଇଥିବା ୬୭ତମ ସର୍ବଭାରତୀୟ ପୋଲିସ କୁସ୍ତି କ୍ଲଷ୍ଟର୍ ପ୍ରତିଯୋଗିତାରେ ମଧ୍ୟ ସେ ସ୍ୱର୍ଣ୍ଣ ଜିତିଛନ୍ତି। ସ୍ନାଚ୍‌ରେ ୧୪୨ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୫ ସହ ମୋଟ ୩୦୭ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ଦୁଇଟି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ ପରେ ସୋମବାର ରବି କୁମାର ବ୍ରହ୍ମପୁର ଫେରିଛନ୍ତି। ତାଙ୍କୁ ଯୁବ ବିଜେଡ଼ି ସଭାପତି ମୁକୁନ୍ଦ ଗୌଡ଼, ରାଧାକୃଷ୍ଣ ବଣିକ ସଂଘ ସଭାପତି ଆର୍.ମୁରଲୀ ମୋହନ, ସମ୍ପାଦକ ଶ୍ରୀକାନ୍ତ ପାଣିଗ୍ରାହୀ ଏବଂ ବ୍ରହ୍ମପୁର ସ୍କେଟିଂ ଏକାଡ଼େମୀ ସହ ଅନ୍ୟ କେତେକ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରବି କୁମାର କହିଛନ୍ତି, ୮୯କିଲୋ ଓଜନ ବର୍ଗରେ ଖେଳିବା ମୋ ପାଇଁ ଚ୍ୟାଲେଞ୍ଜ ଥିଲା । ଦୀର୍ଘ ୮ବର୍ଷ ପରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ଯୋଗୁ ବେଶ୍ ଖୁସି ଅଛି। ଓଡ଼ିଶା ପୋଲିସ ତରଫରୁ ଖେଳିବା ବେଳେ ବିଭାଗ ତରଫରୁ ବହୁତ ସମର୍ଥନ ଏବଂ ପ୍ରୋତ୍ସାହନ ମିଳିଛି। ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ପରେ ଆଘାତ ଲାଗିଥିଲା। ତଥାପି ହାରି ନ ଥିଲି । କଠିନ ପରିଶ୍ରମ ଜାରି ରଖିଥିଲି। ବ୍ରହ୍ମପୁରରେ ରହି ପ୍ରଶିକ୍ଷଣ ନେବା ସହଜ ନ ଥିଲା। ସକାଳ ୩ଘଣ୍ଟା ଏବଂ ଅପରାହ୍ନରେ ୩ଘଣ୍ଟା ଅଭ୍ୟାସ କରୁଥିଲି । ଏଥି ସହ ଆଘାତ ଜନିତ ସମସ୍ୟାରୁ ବାହାରିବା ପାଇଁ ସ୍ୱତନ୍ତ୍ର ଅଭ୍ୟାସ କରୁଥିଲି । ୨୦୨୦ ଅଲିମ୍ପିକ୍ସ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ଏପ୍ରିଲ୍‌ରୁ ପଟିଆଲାରେ ସ୍ୱତନ୍ତ୍ର ତାଲିମ ଶିବିର ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ ଭାଗନେବା ସହ ତାଲିମ ଶିବିରରେ ଯୋଗଦେବା ପାଇଁ କଠିନ ପରିଶ୍ରମ କରୁଛି। ଅଲିମ୍ପିକ୍ସରେ ଭାରତ ତରଫରୁ ଭାଗନେଇ ସ୍ୱର୍ଣ୍ଣ ପଦକ ଜିଣିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ରବି କୁମାର ପ୍ରକାଶ କରିଛନ୍ତି ।

> "୨୦୨୦ ଅଲିମ୍ପିକ୍ସ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ଏପ୍ରିଲ୍‌ରୁ ପଟିଆଲାରେ ସ୍ୱତନ୍ତ୍ର ତାଲିମ ଶିବିର ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ ଭାଗନେବା ସହ ତାଲିମ ଶିବିରରେ ଯୋଗଦେବା ପାଇଁ କଠିନ ପରିଶ୍ରମ କରୁଛି। ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ଜିତିବା ମୋର ଲକ୍ଷ୍ୟ।"



କାତୁଲୁ ରବି କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୫ ମାର୍ଚ୍ଚ /୨୦୧୯ Dhenkanal, Tuesday March 5 / 2019


## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କାମାକ୍ଷାନଗର, ୪।୩(ଡି.ଏନ.ଏ.)- ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା କରୋଗଲା ପଞ୍ଚାୟତ ଡଙ୍ଗାପାଳ ଗ୍ରାମ ଆମ୍ବତଇଲା ନିକଟ ଧାନ ବିଲରୁ ଜଣେ ଅଜଣା ମହିଳାଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ମୃତା ମହିଳା ଜଣକ ଉଲଗ୍ନ ହୋଇପଡିଥିବାବେଳେ ନିକଟରେ କିଛି ଲୁଗାପଟା, ଚପଲ, ହଳେ ଜୋତା, ଗାମୁଛା ଆଦି ପଡିଥିବା ଦେଖିବାକୁ ମିଳିଥିଲା। ପାରପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ଖବରପାଇ କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, କଙ୍କଡାହାଡ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା, ସହକାରୀ ସାଇଣ୍ଟିଫିକ ଅଫିସର ତପନ କୁମାର ପ୍ରଧାନ, ଡଗ ସ୍କ୍ୱାଡ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ କଙ୍କଡାହାଡ ଥାନାରେ ନଂ. ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

### ନୂତନ ଡିଏସ୍‌ପିଙ୍କ ଯୋଗଦାନ



ଆଠମଲ୍ଲିକ,୪।୩(ଡି.ଏନ.ଏ)- ଅନୁଗୋଳ ଜିଲା ଆଠମଲ୍ଲିକର ନୂତନ ଡିଏସପି ଭାବେ ରବିବାର ସେଖ୍ ଅବଦୁଲ୍ କରିମ୍ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ କାମାକ୍ଷାନଗର, ଢେଙ୍କାନାଳ ସଦର ଡିଏସପି ଭାବେ କାର୍ଯ୍ୟ ତୁଲାଇଥିଲେ। ଆଠମଲ୍ଲିକ ପୋଲିସ ସର୍କଲର ଆଇନଶୃଙ୍ଖଳା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ସହିତ ପୋଲିସ ଜନସାଧାରଣଙ୍କ ନିକଟତର ହେବାକୁ ସେ ପ୍ରୟାସ କରିବେ ବୋଲି କହିଛନ୍ତି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ତାଳଚେର,୪।୩(ନି.ପ୍ର)- ତାଳଚେର ବ୍ଲକ ଦାଶନାଳୀ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇ ରବିବାର ନିଖୋଜ ହୋଇଥିବା ବିମଳ ମହାନ୍ତି(୨୪)ଙ୍କ ମୃତଦେହ ସୋମବାର ସକାଳେ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ବଅଁରପାଳ ଅଞ୍ଚଳର ୫ ଜଣ ଯୁବକ ବ୍ରାହ୍ମଣୀ ନଦୀ କୂଳକୁ ଭୋଜି କରିବାକୁ ଆସିଥିଲେ। ପରେ ୫ ଜଣ ଯାକ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ବିମଳ ପାଣିରେ ବୁଡ଼ି ଯାଇଥିଲେ। ଅଗ୍ନିଶମ କର୍ମଚାରୀ ଖୋଜାଖୋଜି ପରେ ତାଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହୋଇ ଯିବାରୁ ରବିବାର ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା।

### ବାସନ୍ତୀ ଦୁର୍ଗାପୂଜା ପାଇଁ ଅଣାଗଲା ମାଟି

ଭୁବନ ୪।୩(ଡି.ଏନ.ଏ.)- ଢେଙ୍କାନାଳ ଜିଲା ଭୁବନ ପାଲା ମଣ୍ଡପ ଠାରେ ଚଳିତ ବର୍ଷ ବାସନ୍ତୀ ଦୁର୍ଗାପୂଜା ପାଇଁ ଶୁଭ ମାଟି ସୋମବାର ଅଣାଯାଇଛି । ସକାଳେ ପୂଜା କମିଟିର କର୍ମକର୍ତ୍ତାମାନେ ମା'ଙ୍କ ପୂଜା ମଣ୍ଡପରୁ ବାହାରି ସହର ପରିକ୍ରମା କରିଥିଲେ। ଏଥିରେ ସଂକୀର୍ତ୍ତନ ମଣ୍ଡଳୀ ସହ ବାଜା, ବାଣ ସାମିଲ ହୋଇଥିଲା। ଭୁବନର ପୂର୍ବ ଦିଗରେ ବହି ଯାଇଥିବା ବ୍ରାହ୍ମଣୀ ନଦୀର ଶାଖା ରଗଡ଼ି ନାଳରୁ ପୂଜାର୍ଚ୍ଚନା କରାଯାଇ ମାଟି ଅଣାଯାଇଥିଲା। ପୂଜା କମିଟି ସଭାପତି ଗୌରାଙ୍ଗ ଚରଣ ପୃଷ୍ଟି, ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ପାତ୍ର, ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, କୋଷାଧ୍ୟକ୍ଷ ପ୍ରହ୍ଲାଦ ସାହୁ ଓ ବରିଷ୍ଠ କର୍ମକର୍ତ୍ତା ବିଶ୍ୱନାଥ ସାହୁ, ଦିଲୀପ କୁମାର ସାହୁ, ସୋମନାଥ ବେହେରା, ରାମଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଜେଲ୍‌ରେ ଗୀତା ବିତରଣ

ଅନୁଗୋଳ ଅଫିସ, ୪।୩- ଅନୁଗୋଳ ଇସ୍କନ କେନ୍ଦ୍ର ଦ୍ୱାରା ଜିଲା କାରାଗାରରେ ଥିବା ସମସ୍ତ ବନ୍ଦୀଙ୍କୁ ଗୀତା ବିତରଣ କରାଯାଇଛି। ଶିବରାତ୍ରି ଅବସରରେ ଇସ୍କନ କେନ୍ଦ୍ରର ବ୍ରହ୍ମଚାରୀ ରାଧାନାଥ ଦାସ ଗୀତାର ଜ୍ଞାନ ତଥା ଏହା ଅଧ୍ୟୟନ ଦ୍ୱାରା କିପରି ସାନ୍ନିଧ ମିଳିଥାଏ ସେ ନେଇ ବନ୍ଦୀମାନଙ୍କୁ ଅବଗତ କରାଇଥିଲେ। ମୋଟ୍ ୩୮୨ ଖଣ୍ଡ ଗୀତା ବଣ୍ଟନ ସହ ପ୍ରସାଦ ବିତରଣ କରାଯାଇଥିଲା। କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଇସ୍କନ ଶାଖା ପରିଚାଳକ ଜୟଗୋପାଳ ଦାସ ଓ ଇସ୍କନ ପରିବାର ତରଫରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଯାଇଥିଲା।

---

### ଜେଏସ୍‌ପିଏଲ୍, ନାଲ୍‌କୋରେ ସୁରକ୍ଷା ଦିବସ

# ଯାଞ୍ଚ ହେବ କର୍ମଚାରୀଙ୍କ ସୁରକ୍ଷା



ନାଲ୍‌କୋରେ ସୁରକ୍ଷା ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀମାନେ।




କାର୍ଯ୍ୟକ୍ରମରେ ଜେଏସ୍‌ପିଏଲର ଅଧିକାରୀମାନେ।

**ଅନୁଗୋଳ ଅଫିସ/ବଅଁରପାଳ, ୪।୩**

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପକ୍ଷରୁ ୪୮ତମ ସୁରକ୍ଷା ସପ୍ତାହ ସୋମବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମକୁ ମେଣ୍ଟେନାନ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ କୁମାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କର୍ମଚାରୀମାନଙ୍କୁ ସୁରକ୍ଷା ସମ୍ପର୍କରେ ଶପଥ ପାଠ କରାଯାଇଥିଲା। କମ୍ପାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ଯୋଗଦେଇଥିବା ଅଧିକାରୀମାନେ କହିଥିଲେ। ଏଥିସହ କର୍ମଚାରୀମାନେ ସୁରକ୍ଷିତ ଭାବେ କାର୍ଯ୍ୟକ୍ଷେତ୍ରକୁ ଯାଉଛନ୍ତି କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯିବ। ଏହି ଅବସରରେ ଇଭିପି ଓ ଫ୍ୟାକ୍ଟ୍ରି ମ୍ୟାନେଜର ଦାମୋଦର ମିତ୍ତଲ, ଜିଏମ୍ ବି.ପି. ସିଂ, ରବିକାନ୍ତ ସୋମାନି, ଅରବିନ୍ଦ ଭଗତ, ଯୋଗେଶ ପଟେଲ, ରମାକାନ୍ତ ଗୁପ୍ତା, ଆର୍. ସାହୁ, ନବୀନ ଗୌତମଙ୍କ ସହ ବିଭିନ୍ନ ବିଭାଗୀୟ ମୁଖ୍ୟ, ଠିକାଦାର ଓ ଶ୍ରମିକମାନେ ଉପସ୍ଥିତ ଥିଲେ।

ସେହିପରି ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ପରିସରରେ ସୋମବାର ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ସୁରକ୍ଷା ବିଭାଗ ଓ ସୁରକ୍ଷା କମିଟି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ପ୍ରଥମେ କର୍ମଚାରୀମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ବ୍ୟାଚ ପ୍ରଦାନ କରାଯାଇଥିଲା। ପରେ ସେମାନେ ମେନ୍ ଗେଟ ଠାରୁ ଟେକ୍ନିକାଲ ବିଲ୍ଡିଂ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ। ଏହାପରେ ସେଠାରେ ସଭାର ଆୟୋଜନ କରାଯାଇଥିଲା। ନାଲ୍‌କୋ ସ୍ମେଲଟର ମହାପ୍ରବନ୍ଧକ ମନସା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ପ୍ଲାଣ୍ଟରେ ସୁରକ୍ଷା ବ୍ୟବସ୍ଥା କଭଳି କଡ଼ାକଡ଼ି କରାଯିବ ଓ କର୍ମଚାରୀମାନେ ସଚେତନ ହେବେ ସେ ନେଇ ଆଲୋଚନା ସହ କର୍ମଚାରୀଙ୍କୁ ଶପଥପାଠ କରାଯାଇଥିଲା। ସୁରକ୍ଷା ବିଭାଗ ଡିଜିଏମ୍ କେ.ସି. ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଡିଜିଏମ୍ ପୀତବାସ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏଣ୍ଡଏମ୍ ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ, ମହାପ୍ରବନ୍ଧକ ଏନ୍.କେ. ମଣ୍ଡଳ ପ୍ରମୁଖଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସିଆଇଏସ୍‌ଏଫ୍ ତରଫରୁ ଅଗ୍ନି ନିରାପତ୍ତା ଉପରେ ଏକ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏଜିଏମ୍ ଅଭିଜିତ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

---

# ଶିବରାତ୍ରିରେ ସହର ଶ୍ରଦ୍ଧାଳୁମୟ

**ଅନୁଗୋଳ ଅଫିସ, ୪।୩**

ପବିତ୍ର ଶିବରାତ୍ରି ଅବସରରେ ଅନୁଗୋଳରେ ଥିବା ବିଭିନ୍ନ ଶୈବପୀଠରେ ସୋମବାର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବ୍ରତଧାରୀମାନେ ସକାଳୁ ମନ୍ଦିର ଯାଇ ଲମ୍ବା ଲାଇନ ଲଗାଇଥିଲେ। ସହରରେ ଥିବା ବୁଢ଼ୀ ଠାକୁରାଣୀ, ପିଟିସି ଆଖଣ୍ଡଳମଣି, ଅମଲାପଡ଼ା ସର୍ପେଶ୍ୱର, ହେମସୁରପଡ଼ା ସ୍ୱପ୍ନେଶ୍ୱର, ମଝିକା, ହୁଲୁରୁସିଂହାର ଟିପିରିସିଂହା, ଫୁଲପଡ଼ାସ୍ଥିତ ଚଣ୍ଡିଖମଣ ଆଦି ଅଞ୍ଚଳରେ ଗହଳି ଦେଖିବାକୁ ମିଳିଥିଲା। ସେହିପରି ସନ୍ଧ୍ୟାରେ ବ୍ରତଧାରୀମାନେ ଦୀପ ଲଗାଇ ମନ୍ଦିର ବେଢ଼ାରେ ବସିଥିବା ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ପାଇଁ ବିଭିନ୍ନ ମନ୍ଦିରରେ ପୋଲିସ ବ୍ୟବସ୍ଥା କରାଯାଇଥିଲା। ରାତି ୧୦ ପରେ ବିଭିନ୍ନ ଶୈବପୀଠରେ ମହାଦୀପ ଉଠିଥିଲା। ଏହାପରେ ବ୍ରତଧାରୀମାନେ ବ୍ରତ ଭାଙ୍ଗିଥିଲେ।



ହେମସୁରପଡ଼ା ସ୍ୱପ୍ନେଶ୍ୱର ମନ୍ଦିରରେ ଭକ୍ତମାନେ ଦୀପ ଜଳାଉଛନ୍ତି।

---

# ପାନୀୟ ଜଳ ପ୍ରକଳ୍ପ ଭୂମି ପୂଜା



ଭୂମିପୂଜାବେଳେ ଉପସ୍ଥିତ ଅତିଥିମାନେ।

**ବଅଁରପାଳ, ୪।୩ (ଡି.ଏନ୍.ଏ.)**

ବଅଁରପାଳ ବ୍ଲକର ୬ଟି ସ୍ଥାନରେ ସୋମବାର ନୂତନ ପାନୀୟ ଜଳ ପ୍ରକଳ୍ପ ପାଇଁ ଭୂମି ପୂଜା ସମ୍ପନ୍ନ ହୋଇଛି। ଜିଲା ଖଣିଜ ପାଣ୍ଠି ଅନୁଦାନରୁ ଏହି ପ୍ରକଳ୍ପଗୁଡ଼ିକ ନିର୍ମିତ ହେବ। ବଳରାମପ୍ରସାଦରେ ୪ଟି, ଗୋତମରାରେ ୧ଟି ଓ ଚୌରିଡ଼ିହରେ ଗୋଟିଏ ପ୍ରକଳ୍ପ ପାଇଁ ଭୂମିପୂଜା କରାଯାଇଥିଲା। ଏହି ଉତ୍ସବରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟା ତଥା ଜିଲା ଯୋଜନା କମିଟି ଉପାଧ୍ୟକ୍ଷା ମଞ୍ଜୁଲତା ସାହୁ, ବଳରାମପ୍ରସାଦ ସରପଞ୍ଚ ମଧୁଛନ୍ଦା ସାହୁ, ବଅଁରପାଳ ସରପଞ୍ଚ ଫକୀର ନାୟକ, ସାମାଜିକ କର୍ମୀ ନିର୍ମଳ ସାହୁ ପ୍ରମୁଖଙ୍କ ସମେତ ଜଳ ପରିମଳ ବିଭାଗର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଫକୀର ମୋହନ ସାହୁ, ସହକାରୀ ଯନ୍ତ୍ରୀ ସନାତନ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ବିପ୍ଳବ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

---

### ୟୁଥ୍ କ୍ଲବ ଅଫିସ୍ ଗୃହ ଉଦ୍‌ଘାଟିତ

**ଛେଣ୍ଡିପଦା,୪।୩(ଡି.ଏନ.ଏ)**

ସମ୍ବଲପୁର ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ସୋମବାର ଛେଣ୍ଡିପଦା ବ୍ଲକରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଟାଙ୍ଗିରୀ ପଞ୍ଚାୟତ ବାରମଞ୍ଚା ଗ୍ରାମ ସ୍ଥିତ ସତ୍ୟଶାନ୍ତି ୟୁଥ କ୍ଲବ ନୂତନ ଅଫିସ ଗୃହ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ଦୟାନିଧି ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟା ଗୌରୀ ପ୍ରଧାନ, ସରପଞ୍ଚ ସସ୍ମିତା ପ୍ରଧାନ, ସମିତିସଭ୍ୟା ପୁଷ୍ପଲତା ପ୍ରଧାନ, ଯୁବନେତା ରାକେଶ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ। କୋରଡା ପଞ୍ଚାୟତ ପୁଟଗାଡିଆ ଗ୍ରାମ ଛକଠାରେ ଆମ ଗାଁ ଆମ ବିକାଶ ଯୋଜନାରେ ଆଦିବାସୀ ଗୌଣ୍ଡ ସମାଜ ସଭାଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ସରପଞ୍ଚ ଅନିଲ ବିହାରୀ ମାଝୀ, ବିଜୟ କୁମାର ମାଝୀ, ସୁରେଶ ସିଂହ, ଆର୍ତ୍ତତ୍ରାଣ ସିଂହ, ହର୍ଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

---

### ଶପଥ ନେଲେ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା

# ଉନ୍ନତି ଦିଗରେ କରିବେ କାର୍ଯ୍ୟ



ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ନବ ନିର୍ବାଚିତ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୪।୩**

ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି ଉତ୍ସବରେ କର୍ମକର୍ତ୍ତାମାନଙ୍କୁ ଓକିଲ ରବିନ୍ଦ୍ର ପ୍ରସାଦ ପଟ୍ଟନାୟକ ଶପଥ ପାଠ କରାଇଥିଲେ। ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ସମ୍ପୃକ୍ତ କର୍ମକର୍ତ୍ତାମାନେ ସଂଘର ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଏହି ଅବସରରେ କହିଥିଲେ। ଏଥିସହ ପରାଜିତ ପ୍ରାର୍ଥୀମାନେ ହାତ ମିଶାଇ କାର୍ଯ୍ୟ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ସଭାପତି ଭାବେ ବିଭୂତି ପ୍ରସାଦ ଦାଶ ଶପଥ ନେଇଥିବାବେଳେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, ଉପସଭପତି ପ୍ରମୋଦ କୁମାର ପ୍ରଧାନ ଓ ଅଶୋକ କୁମାର ଦଳବେହେରା, କୋଷାଧ୍ୟକ୍ଷ ଭାବେ ପ୍ରସନ୍ନ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବେ ଉପେନ୍ଦ୍ର କୁମାର ସାମଲ, ସଞ୍ଜୀବ କୁମାର ସ୍ୱାଇଁ, ସରୋଜ କୁମାର ସାହୁ ଓ ଉତ୍ପଳ କୁମାର ଦାଶ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

---

### ଜରପଡା କପ୍ କ୍ରିକେଟ ଟୁର୍ନାମେଣ୍ଟ

# ନାଗା ୱାରିୟର୍ସ ଚାମ୍ପିୟନ



**ଛେଣ୍ଡିପଦା, ୪।୩(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଜରପଡା ମିନି ଷ୍ଟାଡିୟମଠାରେ ଆୟୋଜକ ନିୟୁ ଏଭରଗ୍ରୀନ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଜରପଡା କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମା' ମଙ୍ଗଳା ଟିମ କୁମୁରୁସିଙ୍ଗ ଓ ନାଗା ୱାରିୟର୍ସ ଜରଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜରଡା ବ୍ୟାଟିଂ କରି ୧୬୭ ରନ୍ କରିଥିଲା। ଜବାବରେ କୁମୁରୁସିଙ୍ଗ ୭୦ ରନ୍ କରି ପରାସ୍ତ ହୋଇଥିଲା। ମାନସ ରଞ୍ଜନ ବେହେରା, ଦୁଃଶାସନ ଦେହୁରୀ, ତନ୍ମୟ ପ୍ରଧାନ, ପ୍ରୀତିଶ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ବରୁଣ ବେହେରା, ମିକୁନ କୁନାଲ, ପ୍ରତାପ ସାହୁ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ପିସିସି ଉପ ସଭାନେତ୍ରୀ ସସ୍ମିତା ବେହେରା, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସାହୁ, ଅଭୟ କୁମାର ସାହୁ, ଯୁବନେତା ଚିତ୍ରସେନ ସାହୁ, ସମାଜିକକର୍ମୀ ଭୋଳେଶ୍ୱର ଗୋଚ୍ଛାୟତ, ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଉଭୟ ଟିମକୁ ପୁରସ୍କୃତ କରିଥିଲେ।

---

### ଶୈବପୀଠରେ ଜାଗର ଜାଳିଲେ ବ୍ରତଧାରୀ

# ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଲା ଗାଁ, ସହର

**କଣିହାଁ/ଛେଣ୍ଡିପଦା, ୪।୩ (ଡି.ଏନ୍.ଏ.)**

କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ସୋମବାର ମହାଶିବରାତ୍ରି ପାଳିତ ହୋଇଯାଇଛି। କେତେକ ସ୍ଥାନରେ ବିଳମ୍ବିତ ରାତିରେ ମହାଦୀପ ଉଠିବାର ବ୍ୟବସ୍ଥା ଥିବା ବେଳେ ଅନେକ ମନ୍ଦିରରେ କମିଟି ଓ ଗ୍ରାମବାସୀଙ୍କ ତରଫରୁ ସଂକୀର୍ତ୍ତନ ବ୍ୟବସ୍ଥା କରାଯାଇଥିଲା। ଅନେକ ଗ୍ରାମ କମିଟି ତରଫରୁ ଏହାକୁ ବାର୍ଷିକ ଯାତ୍ରା ଉତ୍ସବ ଭାବେ ପାଳନ ହେଉଥିବାରୁ ଯାତ୍ରା ପଡ଼ିଆରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ସାମାଜିକ କର୍ମୀ, ଗ୍ରାମ କମିଟି ସଦସ୍ୟ ଓ ପୋଲିସ ଶାନ୍ତିଶୃଙ୍ଖଳା ଦାୟିତ୍ୱ ତୁଲାଇଥିଲେ। ରେଙ୍ଗାଳି ପ୍ରକଳ୍ପ ଓ ଏହାର ଆଖପାଖ ଅଞ୍ଚଳରେ ମହାଶିବରାତ୍ରି ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଥିଲା। ସେହିପରି କଣିହାଁ ଥାନା ଅଞ୍ଚଳରେ ଥିବା ତାଳପଦା ଶୈବ ପୀଠ, କାକୁଡ଼ିଆ, ମାଳିପତି, ବ୍ରାହ୍ମଣଦେଇ, ବୁରୁବାହାଳ, ବଡ଼ତ୍ରିବିଡ଼ା, କମରେଇ, ଡେରଙ୍ଗ, ବଡ଼ହିରା,



ଚନ୍ଦ୍ରବିଲ, କଣିହାଁ, ଟାକୁଆ, ସମଲ ଥାନା ଅଞ୍ଚଳର ବିରୁ, ପରାବିଲ, ବୁଲାଝର, ସିଲିଂ, ସମଲ, ଏକଘରିଆ, ଏନଟିପିସି ଟାଉନ ଥାନା ଅଞ୍ଚଳର ଭୀମକାନ୍ତ, ପଥରମୁଣ୍ଡା, କରାଡ଼େଇ, ବିଦିଗୋଳ, ପିଟିଏଫ୍ ମନ୍ଦିରରେ ଧୁମ୍‌ଧାମରେ ଉତ୍ସବ ପାଳନ ହୋଇଥିଲା। ସେହିପରି ରେଙ୍ଗାଳି ଥାନା ଅଞ୍ଚଳରେ ବାବା ଆଖଣ୍ଡଳମଣି ମନ୍ଦିର, କପିଳେଶ୍ୱର ମନ୍ଦିର, ଦେନାଳିର ରାମେଶ୍ୱର, ବଜ୍ରକୋଟର ଭିଙ୍ଗେଶ୍ୱର, କୁଲାବିର, ବଳସାବାହାଳି ଶୈବ ପୀଠରେ ଜାଗର ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ଶୈବ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମମାନେ ଅନୁଷ୍ଠିତ ହୋଇଥିଲା। ସେହିପରି ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ମହାଶିବରାତ୍ରି ଓ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକର ସମସ୍ତ ଶୈବପୀଠରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ସହ ଦୀପ ଜାଳି ଉଜାଗର ରହିଥିଲେ। ଏହି ଅବସରରେ ଶିବ ପୁରାଣ ପାଠ, ଶିବରାତ୍ରି ପାଳନ ମହାତ୍ମ୍ୟ ଉପରେ ଆଲୋଚନା, ଭଜନ ଜଣାଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଅଧିକାଂଶ ସ୍ଥାନରେ ଦଣ୍ଡନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷ କରି ଛେଣ୍ଡିପଦା ଶିବ ମନ୍ଦିର, ବାଗେଡିଆ, ମାଛକୁଟା, ଖମାର ବାଣେଶ୍ୱର ମନ୍ଦିର, ପାତ୍ରପଡା ଶିବ ମନ୍ଦିର, ନୂଆପଡା, କୋଶଳା, ବ୍ରାହ୍ମଣବିଲ, କଙ୍କରେଇ, ବାଲିପଟା, କୋରଡା, ଝିଣ୍ଟିପାଳ ଅଷ୍ଟଶମ୍ଭୁ ମହାଦେବ ମନ୍ଦିର, ଦୁର୍ଗାପୁର ହରିହର ମନ୍ଦିର, ଜରପଡା ଧବଳେଶ୍ୱର ମନ୍ଦିର, ପରା ରଣେଶ୍ୱର ମନ୍ଦିର, ମାଳିସାହି ପଶ୍ଚିମେଶ୍ୱର ମନ୍ଦିର, ଜେରେଙ୍ଗ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର, କତଡା ଶିବ ମନ୍ଦିର ଆଦି ସ୍ଥାନରେ ଏହି ଉତ୍ସବ ପାଳିତ ହୋଇଯାଇଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ